# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 349 | ଭାଗ ୩୨ | ସଂଖ୍ୟା ୩୪୯ | Bhubaneswar | Friday 14 March 2025 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୧୪ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୩୦ରୁ ଅନ୍ତ୍ୟୋଦୟ ଗୃହ ଯୋଜନା



- କଳାହାଣ୍ଡିରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
- ଭିନ୍ନକ୍ଷମ, ବିଧବା, ଶହୀଦ ପରିବାର ହେବେ ଉପକୃତ

**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** ଆସନ୍ତା ୩୦ ତାରିଖରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ ହେବ। ଏଥିରେ ୫୦ ହଜାର ଲୋକଙ୍କୁ ସରକାର ଯୋଡ଼ିବେ। ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ହିତାଧିକାରୀ ହେବାର ସୁଯୋଗ ଦେବେ ସରକାର। ଏଥିସହ ଶହୀଦ ପରିବାର ଓ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତଙ୍କ ସମେତ ବାତ୍ୟା ବନ୍ୟା ଆଦିରେ ବିପର୍ଯ୍ୟସ୍ତ ହୋଇଥିବା ଲୋକେ ବି ଏହି ଯୋଜନାରେ ସାମିଲ ହୋଇପାରିବେ ବୋଲି ଘୋଷଣା କରାଯାଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ସର୍ଭେ ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏହି ହିତାଧିକାରୀମାନଙ୍କୁ ଆୱାସ ପ୍ଲସ୍ ମୋବାଇଲ ଆପ୍ ମାଧମରେ ଚିହ୍ନଟ କରିବାକୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଜାରି ହୋଇଥିବା ଚିଠିରେ ➪ପୃଷ୍ଠା-୬

### ଠାକୁର ଘରେ କିଏ ନା ମୁଁ କଦଳି ଖାଇନି

# ରାଜା ହାତକଡ଼ି ପରେ ବବି ସନ୍ନିପାତ

### ଆଣିଲେ ଆଗୁଆ ଜାମିନ!

**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** ଖଣି କେଲେଙ୍କାରୀରେ ରାଜା ଚକ୍ର ଗିରଫ ହେବା ପରେ 'ମୋର ଜେଲ୍ ଯିବାକୁ ଡର ନାହିଁ' ବୋଲି କହିବୁଲୁଥିବା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ପଛ ସନ୍ନିପାତ ହୋଇଛି। କାଳେ କେତେବେଳେ ପୁଲିସ୍ ଉଠାଇନେବ, ସେଥିପାଇଁ ସେ ଆଗୁଆ ଜାମିନ ଆଣିଥିବା ଚର୍ଚ୍ଚା ହେଉଛି। ଏଥିରୁ ବବିଙ୍କର 'ଠାକୁର ଘରେ କିଏ ନା ମୁଁ କଦଳି ଖାଇନି' ଅବସ୍ଥା ସୃଷ୍ଟି ହୋଇଛି।

କେନ୍ଦୁଝର ଜିଲ୍ଲାରେ ଖଣି ସୋସାଇଟିରୁ ୧୮୫ କୋଟି ଟଙ୍କା ଚଳୁର ଠୋସ୍ ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ଆଜି ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରଙ୍କୁ ବାନ୍ଧିଛି। ରାଜା ଜେଲ୍ ଯିବା ପରେ ଏବେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଆଗକୁ ବଢ଼ାଇବା ସହିତ ରାଜାଙ୍କ ଗଡଫାଦରଙ୍କ ଆଡେ ନଜର ପକାଇଛି। ବିଜେଡିରେ ବିରାଡି ବୈଷ୍ଣବ ସାଜି ଖଣି



ଲୁଟ୍‌ର ମୁଖ୍ୟ ସୂତ୍ରଧର ସାଜିଥିବା ଦଳର ସାଧାରଣ ସମ୍ପାଦକ ଏବେ ଆତଙ୍କିତ। କାରଣ ରାଜାଙ୍କ ଗଡଫାଦର ତାଲିକାରେ ବବି ଏକ ନମ୍ବର ବୋଲି ଆଲୋଚନା ଚାଲିଛି। ତେଣୁ କେତେବେଳେ କ୍ରାଇମବ୍ରାଞ୍ଚ ବବିଙ୍କ କବାଟ ଠକ୍ ଠକ୍ କରିବ, ତାହା କହିହେବ ନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି।

ସେହି ଭୟରେ ବବି ଆଗୁଆ ଜାମିନ ହାତେଇ ଛାତି ଦମ୍ କରିଛନ୍ତି ବୋଲି କୁହାଯାଉଛି। ତେବେ ଅଳ୍ପଦିନ ତଳେ ଯାଜପୁରରେ ଖୋଲା ମଞ୍ଚରେ ମୋର ଜେଲ୍ ଯିବାକୁ ଭୟ ନାହିଁ ବୋଲି ଚିତ୍କାର କରୁଥିବା ବବି କାହିଁକି ଜାମିନ ଆବେଦନ କଲେ, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ରାଜା ଚକ୍ରଙ୍କ ବକ୍ର କାରବାରରେ ବବିଙ୍କ ସମ୍ପୃକ୍ତି ରହିଛି ବୋଲି ଏବେ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। କାରଣ ବବିଙ୍କ ବଳରେ ରାଜା ବଳୀୟାନ ଥିବାନେଇ ସେତେବେଳେ ବି ଚର୍ଚ୍ଚା ଜୋର ଧରିଥିଲା। ଉଲ୍ଲେଖନୀୟ ଯେ କେନ୍ଦୁଝର ଜିଲ୍ଲାରେ ନିଜ ଅଞ୍ଚଳର ବିକାଶ ପାଇଁ କିଛି ସ୍ଥାନୀୟ ଲୋକ ମିଶି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଗଠନ କରିଥିଲେ। ଏଥିରେ ନିୟମ ଥିଲା ଯେ ଲାଭ ଅର୍ଥରେ ଆଞ୍ଚଳିକ ବିକାଶ ➪ପୃଷ୍ଠା-୬

### ମୁଖା ଖୋଲିଦେଲେ ବଦ୍ରି



ରାଜା ଚକ୍ର ଜେଲ୍ ଯିବା ପରେ ଆଜି ବିଜେଡିର ବରିଷ୍ଠ ନେତା ବଦ୍ରି ନାରାୟଣ ପାତ୍ର ବୋମା ଫୁଟାଇଛନ୍ତି। ଖୋଲାଖୋଲି କହିଛନ୍ତି ଯେ ନେତାଙ୍କ ବଳରେ ବଳୀୟାନ ରାଜା ଖଣି ଲୁଟ୍‌ରେ ଥିଲେ। ରାଜାଙ୍କୁ ଆଗରେ ରଖି ଗୋଟିଏ ଗୋଷ୍ଠୀ ବେଶ୍ ମୋଟା ଅଙ୍କର ରୋଜଗାର କରିଛନ୍ତି। ଖଣି ଲୁଟ୍‌ଠାରୁ ଆରମ୍ଭ କରି ଅର୍ଥନୈତିକ ଅପରାଧ କରିଛନ୍ତି। ତତ୍କାଳୀନ ଜିଲ୍ଲାପାଳ ଆଶିଷ ଠାକରେ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ର ରାଜାଙ୍କ ପକେଟରେ ଥିଲେ। ମିତ୍ରଭାନୁଙ୍କ ସମ୍ପର୍କୀୟ ରାଜାଙ୍କ ବ୍ୟାବସାୟିକ ସହଯୋଗୀ ଥିଲେ। ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତଦନ୍ତ ପରିସରକୁ ଆଣିଲେ ସବୁ ସତ ପଦାକୁ ଆସିବ। ଏଭଳି କାରବାର ସଂକ୍ରାନ୍ତରେ ବଦ୍ରି ପୂର୍ବରୁ ବିଜେଡି ନେତାଙ୍କୁ ସତର୍କ କରିବା ପାଇଁ ଗୁପ୍ତ ରିପୋର୍ଟ ଦେଇଥିଲେ ବୋଲି ଆଜି କହିଛନ୍ତି। ହେଲେ କେହି କିଛି କଲେ ନାହିଁ। ନିର୍ବାଚନରେ ଦଳ ତାହାର ପରାଭବ ଭୋଗିଲା। ବଦ୍ରିଙ୍କ ଏଭଳି ଖୋଲା ➪ପୃଷ୍ଠା-୬

### ଶ୍ରୀମନ୍ଦିର ସଂସ୍କୃତି ଉପଦେଷ୍ଟା କମିଟି ବୈଠକ

## ଉତ୍ତରଦ୍ୱାରରେ ହେବ ସ୍ୱତନ୍ତ୍ର ଅନ୍ନକ୍ଷେତ୍ର



- ସୂଚନା ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ
- ୨୦୨୬ ରଥଯାତ୍ରା ସୁଦ୍ଧା କାର୍ଯ୍ୟକ୍ଷମ ଯୋଜନା
- ଅସମ୍ପୂର୍ଣ୍ଣ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

**ପୁରୀ, ୧୩।୩(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ। ଏନେଇ ଆଜି ଗଜପତି ମହାରାଜାଙ୍କ ଅଧକ୍ଷତାରେ ବସିଥିବା ଶ୍ରୀମନ୍ଦିର ସଂସ୍କୃତି ଉପଦେଷ୍ଟା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଅଭ୍ୟର୍ଥନା କକ୍ଷ ସହ ନୂତନ ପ୍ରଶାସନିକ କାର୍ଯ୍ୟାଳୟ, ରଘୁନନ୍ଦନ ଲାଇବ୍ରେରୀ, ସାଂସ୍କୃତିକ କେନ୍ଦ୍ର ଓ ଜେବିପିରେ ଧ୍ୟାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଉପରେ ଆଲୋଚନା ହୋଇଛି। ସେହିପରି ଉତ୍ତରଦ୍ୱାର ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁ ସୁବିଧାରେ ମହାପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ଅନ୍ନକ୍ଷେତ୍ର ପ୍ରତିଷ୍ଠା କାର୍ଯ୍ୟ ୨୦୨୬ ରଥଯାତ୍ରା ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରଦ୍ଧାଳୁଙ୍କ ଅଭ୍ୟର୍ଥନା କେନ୍ଦ୍ର ଓ ନରେନ୍ଦ୍ର ମହଲା ସ୍ଥାନରେ ଶ୍ରୀମନ୍ଦିରର ନୂତନ କାର୍ଯ୍ୟାଳୟ ନିର୍ମାଣ ସକାଶେ ନିଷ୍ପତ୍ତି ହୋଇଛି। ଏମାର ମଠ ନିକଟସ୍ଥ ଖାଲି ଜାଗାରେ ଶ୍ରୀଜଗନ୍ନାଥ ➪ପୃଷ୍ଠା-୬

### ତାରାଙ୍କ ଉପରୁ ହଟିଲାନି ନିଲମ୍ବନ

## ଫେଲ୍ ହେଲା ସର୍ବଦଳୀୟ ବୈଠକ



**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବାକୁ ବସିଥିବା ସର୍ବଦଳୀୟ ବୈଠକ ଆଜି ଫେଲ ମାରିଛି। ସର୍ବଦଳୀୟ ବୈଠକରେ ବିଧାନସଭାରେ ଶାସକ ଓ ବିରୋଧୀ ମୁହାଁମୁହିଁ ଘଟଣାରେ କଂଗ୍ରେସକୁ କ୍ଷମା ମାଗିବାକୁ ସର୍ତ୍ତ ରଖିଥିଲା ବିଜେପି। ହେଲେ ଏଥିରେ ରାଜି ହୋଇନଥିଲା କଂଗ୍ରେସ। ଗତ ଦୁଇ ଧରି କଂଗ୍ରେସ ବିଧାନସଭାକୁ ବର୍ଜନ କରିଥିବା ବେଳେ ଆଜି ମଧ ଦଳର ବିଧାୟକମାନେ ଗୃହ କାର୍ଯ୍ୟରେ ଯୋଗଦେଇନଥିଲେ। ଆଜି ବି ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ପୋଲାଭରମ ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରୁଥିବାବେଳେ ନାରୀ ନିର୍ଯାତନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରି ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ କଂଗ୍ରେସ ବିଧାୟକ। ଯାହାକୁ ନେଇ ଗୃହରେ ହଟ୍ଟଗୋଳ ହୋଇଥିଲା। ସର୍ବଦଳୀୟ ବୈଠକ ଫେଲ ହେବା ପରେ ତାରା କହିଛନ୍ତି ଯେ ମୁଁ କଂଗ୍ରେସ ନେତା ➪ପୃଷ୍ଠା-୬

### ବିଧାନସଭାରେ ପୋଲାଭରମ ତାତି

## ନିଜ ଜାଲରେ ଛନ୍ଦି ହେଲା ବିଜେଡି

- ଆଲୋଚନା ପାଇଁ ଆନ୍ଧ୍ର ନିମନ୍ତ୍ରଣ ରଖିନଥିଲେ ନବୀନ
- ବିଜେଡି ପାଖରେ କ୍ଷୟକ୍ଷତି ନେଇ ତଥ୍ୟ ନାହିଁ: ବିଜେପି
- ଓଡିଶାର ଅସ୍ମିତାକୁ କୁଠାରାଘାତ କରିଛି ବିଜେପି: ଅରୁଣ

**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** ଗତ ୨୪ ବର୍ଷ ଧରି ରାଜ୍ୟରେ ଶାସନରେ ଥିବା ବିଜେଡି ପୋଲାଭରମ ପ୍ରକଳ୍ପ ବନ୍ଦ କରାଇପାରିଲାନି। ଯେଉଁ ସମୟରେ କେନ୍ଦ୍ରରେ ୟୁପିଏ ସରକାର ଥିଲା ସେତେବେଳେ ବି ନିରବ ଥିଲା ଆଉ ତା'ପରେ ବି ହାତବାନ୍ଧି ବସିଥିଲା। ଏବେ ସରକାରରୁ ଯିବା ପରେ ନିଜ ଦୋଷ ଲୁଚାଇବାକୁ ବିଜେପି ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସେପଟେ ବିଜେଡିର ଏ ସମ୍ପର୍କିତ ମୁଲତବୀ ଆଲୋଚନା କାହିଁକି ଗ୍ରହଣ କରାଗଲାନାହିଁ ସେନେଇ ଗୃହରେ ହଟ୍ଟଗୋଳ କରିଥିଲେ ବିରୋଧୀଦଳର ବିଧାୟକମାନେ। ପରେ ଗୃହ ବାହାରେ ଏହି ପ୍ରସଙ୍ଗରେ ବିଜେପି ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଯେଉଁ ଅସ୍ତ୍ର ଧରି ଦିନେ ବିଜେଡି ବିଧାନସଭାରେ ବହୁ ପ୍ରସଙ୍ଗକୁ ଏଡ଼ାଉଥିଲା, ଆଜି ସରକାର ବଦଳିବା ପରେ ସେହି ଅସ୍ତ୍ର ➪ପୃଷ୍ଠା-୬

## ଏଣିକି ଯୁକ୍ତ ଦୁଇ ପରେ ବିଇଡି ସୁଯୋଗ



- ୫ ବର୍ଷ ପରିବର୍ତ୍ତେ ୪ ବର୍ଷିଆ କୋର୍ସ
- ୧୮୯ ବେସରକାରୀ ମହାବିଦ୍ୟାଳୟ ପାଇଁ ୧୬୮ କୋଟି ସହାୟତା

**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** ରାଜ୍ୟରେ ରହିଥିବା ଶିକ୍ଷକ ଅନୁଷ୍ଠାନରେ (ବିଏଡ୍ କଲେଜ) ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ (ଆଇଟିଇପି) ଲାଗୁ କରିବା ପାଇଁ ୮ଟି ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଆଜି ସେମାନଙ୍କ ନିକଟସ୍ଥ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ଅନୁସାରେ ଆଗାମୀ ଦିନରେ ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେସନ (ଏନ୍‌ସିଟିଇ)ର ନିୟମ ଅନୁଯାୟୀ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ (ଆଇଟିଇପି) ଲାଗୁ କରିହେବ। ଆଇଟିଇପି ଲାଗୁ ହେବା ଦ୍ୱାରା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନଗୁଡ଼ିକ ମଲ୍‌ଟି ଡିସିପ୍ଲିନାରୀ ହୋଇପାରିବେ। ଏଥିସହିତ ଯୁକ୍ତ ଦୁଇ ପରେ ଛାତ୍ରଛାତ୍ରୀମାନେ ଆଇଟିଇପି ମାଧମରେ ୪ ବର୍ଷର ପାଠ୍ୟକ୍ରମରେ ନିଜର ବିଇଡି ଶିକ୍ଷାକୁ ସମ୍ପୂର୍ଣ୍ଣ କରିପାରିବେ। ବିଗତ ଦିନ ମାନଙ୍କରେ ଛାତ୍ରଛାତ୍ରୀମାନେ ଯୁକ୍ତ ୨ ପରେ ୩ ବର୍ଷ ସ୍ନାତକ ଏବଂ ଏହା ପରେ ୨ ବର୍ଷର ବିଇଡ଼ି ପାଠ୍ୟକ୍ରମ ଅର୍ଥାତ ୫ ବର୍ଷ ପରେ ବିଇଡି ସାର୍ଟିଫିକେଟ ପାଇପାରୁଥିଲେ। ଆଇଟିଇପି ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ ସିଧାସଳଖ। ଟିଇପି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇ ନିଜର ସ୍ନାତକ ଓ ବିଇଡି ପାଠ୍ୟକ୍ରମକୁ ୪ ବର୍ଷ ମଧରେ ସମାପ୍ତ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି। ଏଥିସହିତ ଆଜି ରାଜ୍ୟରେ ଥିବା ୧୮୯ଟି ବେସରକାରୀ ସ୍ନାତକ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ଉଚ୍ଚଶିକ୍ଷା ➪ପୃଷ୍ଠା-୬

### ଅଭିନନ୍ଦନ


ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ 'ସଂଚାର' ପରିବାର ପକ୍ଷରୁ ଏହାର ପାଠକ-ପାଠିକା, ଶୁଭେଚ୍ଛୁ, ସମ୍ବାଦଦାତା, ଏଜେଣ୍ଟ, ବିତରକ ଏବଂ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ହୃଦୟଭରା ଶୁଭେଚ୍ଛା। ହୋଲି ଆପଣମାନଙ୍କ ଜୀବନରେ ଇନ୍ଦ୍ରଧନୁର ସପ୍ତରଙ୍ଗ ସ୍ୱରୂପ ସୁଖ, ଶାନ୍ତି, ସ୍ନେହ, ପ୍ରେମ, ହସ, ଖୁସି ଓ କ୍ଷମାର ସମ୍ଭାର ଜୀବନକୁ ରଙ୍ଗମୟ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ପ୍ରକାଶକ

### ଛୁଟି ଘୋଷଣା

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ୧୪ ଓ ୧୫ ତାରିଖ (ଶୁକ୍ର ଓ ଶନିବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ (ସୋମବାର) ପ୍ରକାଶ ପାଇବ।

ପ୍ରକାଶକ



### କାନ ଡେରିଥା

ରାଜା ଚକ୍ର ଏଠି କୋଟିପତି ହେଲା
ସାହାଯ୍ୟ କେ କରୁଥିଲା ?
ସବୁ ଜାଣିଶୁଣି କୋଟିକୋଟି ଖାଇ
ବବିଙ୍କୁ ସେ ପୋଷୁଥିଲା
ଦଳ ମଧ୍ୟେ ଥିଲା ପାଲା...
ପାଣ୍ଡୁ,ବବି ମିଶି ଓଡ଼ିଶା ଭିତରେ
କରୁଥିଲେ ସବୁ ଲୀଳା ।

■ ଦେବାଶିଷ

## ବଙ୍ଗଳାଦେଶୀଙ୍କ ଛାତି ଧଡ଼ଧଡ଼



- ପୁଲିସ୍ ସ୍କାନରରେ ସହରର ବସ୍ତି
- ଯାଞ୍ଚ ସୂଚନା ପାଇ ଓଡ଼ିଶା ଛାଡୁଛନ୍ତି

**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** ସୀମା ଡେଇଁ ଭାରତରେ ପଶିଥିବା ବଙ୍ଗଳାଦେଶୀମାନେ ଓଡ଼ିଶାରୁ ଧରାପଡ଼ିବା ପରେ ଏବେ ଉପକୂଳରେ ବେଆଇନ୍ ଭାବେ ବସବାସ କରୁଥିବା ଆଉ କିଛି ବଙ୍ଗଳାଦେଶୀଙ୍କ ଛାତି ଧଡ଼ଧଡ଼। ଏମାନଙ୍କ ମଧ୍ୟରୁ ଅନେକ ହୋଲି ଆଳରେ ଓଡ଼ିଶା ଛାଡୁଥିବାବେଳେ ଆଉ କିଛି ଜାଲ୍ କାଗଜପତ୍ର ଯୋଗାଡ଼ରେ ଲାଗିପଡ଼ିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳୁଛି।

ଓଡ଼ିଶାର ବାଲେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ଉପକୂଳ ହେଉଛି ଅନୁପ୍ରବେଶକାରୀ ବଙ୍ଗଳାଦେଶୀଙ୍କ ପାଇଁ ସୁରକ୍ଷିତ ସ୍ଥାନ। ଅଳ୍ପଦିନ ତଳେ ବଙ୍ଗଳାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ସମୟରେ ପଶ୍ଚିମବଙ୍ଗ ସମେତ ଓଡ଼ିଶାର ଲୋକେ ବଙ୍ଗଳାଦେଶୀ ସନ୍ଦେହରେ କିଛି ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିଥିଲେ। ସେତେବେଳେ ମଧ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଥିବା ବଙ୍ଗଳାଦେଶୀମାନେ ଅନ୍ତର୍ଦ୍ଧାନ ହୋଇଥିଲେ। ଏବେ ଓଡ଼ିଶାରେ ବେଆଇନ୍ ପ୍ରବେଶ କରିଥିବା ବଙ୍ଗଳାଦେଶୀମାନେ ଧରାପଡ଼ିବା ପରେ ପୁଣିଥରେ ଲୁଚି ଛପି ରହିଥିବା ଅନୁପ୍ରବେଶକାରୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ଦେଶ ପାଇଁ ବଙ୍ଗଳାଦେଶୀମାନେ ବିପଦ ହୋଇଥିବା ଖୋଦ୍ କେନ୍ଦ୍ର ସରକାର ବାରମ୍ବାର କହୁଛନ୍ତି। ଜଳପଥରେ ଓଡ଼ିଶାକୁ ଆସୁଥିବା ବଙ୍ଗଳାଦେଶୀମାନେ ବିଭିନ୍ନ ଅପରାଧ ସମେତ ନିଶା କାରବାରରେ ଲିପ୍ତ ରହୁଛନ୍ତି। ନିକଟରେ ଜଗତ୍‌ସିଂହପୁର ଜିଲ୍ଲାରେ ଗୋଟିଏ ଚାଉଳ ମିଲ୍‌ରେ ବଙ୍ଗଳାଦେଶ ବସ୍ତା ଜବତ ହେବା ପରେ ଓଡ଼ିଶାରେ ବଙ୍ଗଳାଦେଶୀମାନେ ସକ୍ରିୟ ଥିବା ସନ୍ଦେହ କ୍ରମଶଃ ବଢ଼ିବାରେ ଲାଗିଛି।

ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ପୁଲିସ୍ ପୂର୍ବରୁ କଡ଼ାକଡ଼ି ଯାଞ୍ଚ କରୁନଥିବାରୁ ନିଜର ଜ୍ଞାତିକୁଟୁମ୍ବଙ୍କ ନିକଟକୁ ଆସୁଥିବା ବଙ୍ଗଳାଦେଶୀମାନେ ଓଡ଼ିଶାରେ ରହିବା ସହିତ ପରବର୍ତ୍ତୀ ସମୟରେ ନିଜର ଚିହ୍ନାପରିଚିତ ଲୋକଙ୍କୁ ମଧ ନେଇଆସୁଛନ୍ତି। କିଛିଦିନ ଲୁଚି ଛପି ରହିବା ପରେ କୌଣସି ପ୍ରକାରେ ଆଧାର କାର୍ଡ ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ସରକାରୀ ସୁବିଧା ହାତେଇବା ସହିତ ଧିରେ ଧିରେ ନିଜକୁ ଭାରତୀୟ ନାଗରିକ ବୋଲି ଦାବି କରୁଛନ୍ତି। ମତଦାନର ସୁଯୋଗ ବି ହାତେଇ ନେଉଛନ୍ତି। ଭୋଟ କଟିଯିବା ଭୟରେ ରାଜନେତାମାନେ ଏନେଇ ପାଟି ଖୋଲୁନଥିବାବେଳେ ପୁଲିସ୍ ବି ଚୁପ୍ ରହୁଥିଲା।

ହେଲେ ଏବେ ଅନୁପ୍ରବେଶକାରୀ ବିଶେଷକରି ବଙ୍ଗଳାଦେଶୀଙ୍କୁ ଚିହ୍ନଟ ପାଇଁ ବଜେଟ୍ ଅଧିବେଶନ ପରେ କଡ଼ାକଡ଼ି ଯାଞ୍ଚ ପାଇଁ ଓଡ଼ିଶା ପୁଲିସ୍ ପ୍ରସ୍ତୁତ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳୁଛି। ଗୋଟିଏ ପଟେ ୧୦ ଜଣ ଧରାପଡ଼ିବା ଓ ଅନ୍ୟପଟେ ପୁଲିସ୍ ଚଢ଼ାଉ ଖବର ପାଇବା ପରେ ରାଜଧାନୀରେ ବିଭିନ୍ନ ବ୍ୟବସାୟ ଚଳାଇଥିବା ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବୈଠକ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ନିରନ୍ତରତା ଭିତ୍ତିରେ କାର୍ଯ୍ୟକାରୀ ହେଉଥିବା ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ଗତ ବୁଧବାର ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ବିଭାଗର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।। ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ବିଭାଗର କର୍ମକର୍ତ୍ତାମାନଙ୍କୁ ଏହି ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମନ୍ୱୟକୁ ପ୍ରଭାବୀ କରାଇବା ଓ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ବ୍ୟୟ ବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ଅଧୀନରେ ଚୟନ କରାଯାଇଥିବା ୧୫ଟି ଜିଲ୍ଲାର ୫୩୮ଟି କ୍ଷୁଦ୍ର ଜଳସେଚନ ଟ୍ୟାଙ୍କ, ପୋଖରୀ ବା ଜଳାଶୟରେ ବିଭିନ୍ନ ଜଳବାୟୁ ସ୍ମାର୍ଟ କାର୍ଯ୍ୟକ୍ରମ ଦ୍ୱାରା ଯେଉଁ ଉଲ୍ଲେଖନୀୟ ପ୍ରଭାବ ପକାଇଛି, ସେ ସମ୍ପର୍କରେ ଆଲୋଚନା ହୋଇଛି। ମୁଖ୍ୟ କାର୍ଯ୍ୟ ମଧ୍ୟରେ ସିଭିଲ କାର୍ଯ୍ୟ ଯଥା ଡ୍ୟାମ୍ ପ୍ରୋଫାଇଲର ପୁନଃ ବିଭାଗକରଣ; ୧୫୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପଥର ପୁନଃ ପ୍ୟାକିଂ ଜରିଆରେ ଡ୍ୟାମକୁ ସୁଦୃଢ଼ କରିବା ପାଇଁ ଟର୍ଫିଙ୍ଗ୍ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ କମାଣ୍ଡ ଅଞ୍ଚଳର ୪୫୦୦ ହେକ୍ଟରକୁ ଜଳସେଚନ ସୁବିଧା ପହଞ୍ଚାଇବା ପାଇଁ ୧୮୯ କିମି କ୍ଷେତ୍ର ପ୍ରଣାଳୀ ନିର୍ମାଣ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

# ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୧୩।୩ (ସଂଚାର ବ୍ୟୁରୋ):** ଆଗାମୀ ମାର୍ଚ୍ଚ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମାର୍ଚ୍ଚ ୧୭ ତାରିଖ ଦିନ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଉତ୍ସବମୁଖର ସାରା ଓଡ଼ିଶା





# ୨୩୨ କୋଟି ଟପିଲାଣି ଇଭି ସବ୍‌ସିଡି

**ଭୁବନେଶ୍ୱର,୧୩।୩:** ରାଜ୍ୟରେ ଇଭି ଯାନ କିଣିଥିବା ହିତାଧିକାରୀମାନେ ସବସିଡି ବାବଦରେ ୨୩୨ କୋଟି ଟଙ୍କାରୁ ଅଧିକ ଅର୍ଥ ପାଇସାରିଲେଣି। ଏହି ଅର୍ଥ ପାଇବାରେ ଦୁଇଚକିଆ ଇଭି ମାଲିକମାନେ ଆଗରେ ରହିଛନ୍ତି। ଇଭିଯାନ ସବସିଡି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ମୋଟ୍ ୧,୨୨,୫୬୮ଟି ଯାନ ପାଇଁ ୨୩୨, ୪୫, ୪୪, ୫୩୮ ଟଙ୍କାର ସବସିଡି ପ୍ରଦାନ କରାଯାଇସାରିଲାଣି। ୧,୦୬,୭୬୭ ଜଣ ଦୁଇଚକିଆ ଯାନ ହିତାଧିକାରୀ ପ୍ରାୟ ୧୪୪ କୋଟି ଟଙ୍କାର ସବସିଡି ନେଇଥିବାବେଳେ ୧୧,୪୫୫ ତିନିଚକିଆ ଯାନ ପାଇଁ ୨୯,୩୧,୫୫,୦୦୦ ଏବଂ ୪୩୫୬ ଚାରିଚକିଆ ଯାନ ପାଇଁ ୫୯,୧୪,୧୫,୦୬୪ ଟଙ୍କାର ସବସିଡି ପ୍ରଦାନ କରାଯାଇଛି। ତେବେ ରାଜ୍ୟରେ ୨ଚକିଆ ଇଭି ଯାନର ପଞ୍ଜିକରଣ ହୁ ହୁ ହୋଇ ବଢୁଥିବା ଉତ୍ତରରୁ ଜଣାପଡ଼ିଛି। ୨୦୨୧ ମସିହାରେ ରାଜ୍ୟରେ ୪୯୪୪ଟି ଦୁଇଚକିଆ ଇଭି ପଞ୍ଜିକରଣ ହୋଇଥିବା ବେଳେ ୨୦୨୪ ରେ ତାହା ୫୬ ହଜାରକୁ ଅତିକ୍ରମ କରିଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୬ ତାରିଖ ସୁଦ୍ଧା ରାଜ୍ୟରେ ୮୬୮୧ଟି ଦୁଇ ଚକିଆ ଯାନ ପଞ୍ଜିକୃତ ହୋଇଛି। ସେହିଭଳି ୨୦୨୧ ମସିହାରେ ରାଜ୍ୟରେ ମାତ୍ର ୬୨୩ଟି ତିନିଚକିଆ ଇଭି ପଞ୍ଜିକୃତ ହୋଇଥିବାବେଳେ ୨୦୨୪ରେ ତାହା ୬୨୧୮ରେ ପହଞ୍ଚିଛି ଏବଂ ଚଳିତ ବର୍ଷ ମାର୍ଚ୍ଚ ୬ ତାରିଖ ସୁଦ୍ଧା ୯୬୫ଟି ତିନିଚକିଆ ଇଭି ପଞ୍ଜିକୃତ ହୋଇସାରିଥିବା ଜଣାପଡ଼ିଛି। ଦୁଇଚକିଆ ଓ ତିନିଚକିଆ ଇଭି ଭଳି ଚାରିଚକିଆ ଇଭିର ମଧ୍ୟ ପଞ୍ଜିକରଣ ବଢ଼ିବାରେ ଲାଗିଛି। ୨୦୨୧ ମସିହାରେ ରାଜ୍ୟରେ ମାତ୍ର ୫୬ଟି ଚାରିଚକିଆ ଇଭି ପଞ୍ଜିକୃତ ହୋଇଥିବା ବେଳେ ୨୦୨୪ରେ ଏହି ଧରଣର ଯାନ ପଞ୍ଜିକରଣ ୩୨୦୭ରେ ପହଞ୍ଚିଛି। ଚଳିତବର୍ଷ ମାର୍ଚ୍ଚ ୬ ତାରିଖ ସୁଦ୍ଧା ରାଜ୍ୟରେ ୮୫୪ଟି ଚାରିଚକିଆ ଇଭି ପଞ୍ଜିକରଣ ହୋଇସାରିଲାଣି। (ତଥ୍ୟ)

# ଓଷ୍ଟା ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ସ୍ଥଗିତ ହେଲା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ। ବିଭିନ୍ନ ଦାବିରେ ୪ ଦିନ ଧରି ଚାଲିଥିବା ଆନ୍ଦୋଳନ ପରେ ସରକାରଙ୍କ ସହ ଆଜି ଆଲୋଚନା ହୋଇଥିଲା। ବାବୁ ସିଂ, ଅଶୋକ ମହାନ୍ତି ସମନ୍ୱୟ ସମିତିର ଆନ୍ଦୋଳନରତ ଶିକ୍ଷକ ନେତାଙ୍କୁ ନେଇ ସରକାର ସହ ଆଲୋଚନା ହୋଇଛି। ଦିର୍ଘ ୩୦ ବର୍ଷ ଧରି ୧୧୯୪ଟି ହାଇସ୍କୁଲର ଶିକ୍ଷକ ଓ ୨୮ଟି ଉଚ୍ଚ ମାଧ୍ୟମିକ ସ୍କୁଲର ଶିକ୍ଷକମାନେ ସରକାରଠାରୁ ଏକ ଟଙ୍କା ପାଉ ନାହାଁନ୍ତି। ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ସ୍କୁଲର ଶିକ୍ଷକଙ୍କ ଚାକିରୀ ଶେଷ ପରେ ଶିକ୍ଷକଙ୍କୁ ପେନସନ୍ ମିଳୁନାହିଁ। ତେଣୁ ପେନସନ୍ ପ୍ରଦାନ ପାଇଁ ଦାବି କରାଯାଇଛି। ସର୍ଭିସ୍ ରୁଲ୍, ଅବସରପ୍ରାପ୍ତ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ ବୋଲି ସଂଘ ଦାବି କରୁଛି। ସ୍କୁଲକୁ ଭଲ ଭାବରେ ଚଳାଇବା ସହ ଛାତ୍ରଛାତ୍ରୀଙ୍କୁ ବହି, ପୋଷାକ ଓ ସାଇକେଲ ପ୍ରଦାନ କରାଯିବା ଏବଂ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲ ଭିତ୍ତିଭୂମିର ବିକାଶ ପାଇଁ ସଂଘ ଦାବି କରୁଛି । ସରକାରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ସରକାର ପଦକ୍ଷେପ ନ ନେଲେ ପୁଣି ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବିଧାନସଭା ଖବର

# ପୁଲିସ୍‌କୁ ମିଳିଛି ୯୦୬ ପିଓଏସ୍ ମେସିନ୍

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଟ୍ରାଫିକ୍ ଆଇନ୍ ଉଲ୍ଲଙ୍ଘନ କରୁଥିବା ଗାଡ଼ିଚାଳକମାନଙ୍କଠାରୁ ଜୋରିମାନା ଆଦାୟ ପାଇଁ ପୁଲିସ୍‌କୁ ୯୦୬ଟି ପିଓଏସ୍ ମେସିନ୍ ଯୋଗାଇ ଦିଆଯାଇଛି। ସେହିଭଳି ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ମଧ୍ୟ ୨୫୧ଟି ପିଓଏସ୍ ମେସିନ୍ ଦିଆଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପରୋକ୍ତ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସେ କହିଛନ୍ତି ଯେ ପିଓଏସ୍ ମେସିନ୍ ଜରିଆରେ ଜୋରିମାନା ଆଦାୟ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ (ଏସ୍‌ବିଆଇ) ଓ ଏଚଡିଏଫ୍‌ସି ବ୍ୟାଙ୍କ ସହ ବୁଝାମଣା ହୋଇଛି। ତଦନୁଯାୟୀ ଏସ୍‌ବିଆଇ କର୍ତ୍ତୃପକ୍ଷ ଗତ ୨୦୨୩ ଜାନୁଆରୀ ପହିଲାରେ ପୁଲିସ୍‌କୁ ୪୭୫ଟି ପିଓଏସ୍ ମେସିନ୍ ଯୋଗାଇ ଦେଇଥିବାବେଳେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ୪୩୧ଟି ମେସିନ୍ ଯୋଗାଇଦେଇଛି। ଏହାଛଡ଼ା ଏଚଡିଏଫ୍‌ସି ବ୍ୟାଙ୍କ୍ ପରିବହନ କର୍ତ୍ତୃପକ୍ଷଙ୍କୁ ଗତ ୨୦୨୨ ଡିସେମ୍ବରରେ ୨୫୧ଟି ପିଓଏସ୍ ମେସିନ୍ ଯୋଗାଇଦେଇଛି। ଏହାଛଡ଼ା ପିଓଏସ୍ ମେସିନ୍ ଯୋଗାଣ ପରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ୧୭୦ କୋଟି ୬୨ ଲକ୍ଷ ୫ ହଜାର ୩୬୭ ଟଙ୍କା ଆଦାୟ କରିଥିବା ବେଳେ ପୁଲିସ୍ ପକ୍ଷରୁ ୨୮ କୋଟି ୮୫ ଲକ୍ଷ ୪୨ ହଜାର ୭୬୫ ଟଙ୍କା ଆଦାୟ କରାଯାଇଛି। ପୁଲିସ୍ କର୍ତ୍ତୃପକ୍ଷଙ୍କୁ ଅଧିକ ମେସିନ୍ ଯୋଗାଇ ଦିଆଯାଇଥିଲେ ମଧ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ତୁଳନାରେ ସେମାନେ ଢେର୍ କମ୍ ଜୋରିମାନା ଆଦାୟ କରିଥିବା ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି।

# ଜବରଦଖଲରେ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗୋଚର ଓ ଅନାବାଦୀ

ଓଡ଼ିଶାରେ ୨୫ ହଜାର ଏକରରୁ ଅଧିକ ଗୋଚର ଓ ଅନାବାଦୀ ଜମି ଜବରଦଖଲ ହୋଇଛି। ଏଥିରେ ଅନାବାଦୀ ଜମିର ପରିମାଣ ୨୦ ହଜାର ଏକରରୁ ଅଧିକ ରହିଛି। ବିଭିନ୍ନ ଜିଲ୍ଲା ମଧ୍ୟରେ ଯାଜପୁର ଜିଲ୍ଲାରେ ସର୍ବାଧିକ ଅନାବାଦୀ ଜମି ଜବରଦଖଲ ହୋଇଥିବା ବେଳେ ଗୋଚର ଦଖଲ କ୍ଷେତ୍ରରେ ବରଗଡ଼ ଜିଲ୍ଲା ସର୍ବାଗ୍ରେ ରହିଛି ବୋଲି ଆଜି ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟରେ ମୋଟ ୨୦ ହଜାର ୪୩୫ ଏକର ଜମି ଜବରଦଖଲ ହୋଇଥିବା ବେଳେ ୪ ହଜାର ୯୧୮ ଏକର ଗୋଚର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହିସବୁ ଜବରଦଖଲ ଜମିରେ ଲୋକେ ଚାଷବାସ କରିବା ସହିତ ଘର ତିଆରି କରିଥିବା ମଧ୍ୟ ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ଦେଇଥିବା ସୂଚନାନୁସାରେ, ଅନାବାଦୀ ଜମି ମଧ୍ୟରେ ଯାଜପୁର ଜିଲ୍ଲାରେ ସର୍ବାଧିକ ୭ ହଜାର ୧୬୦ ଏକର ଜମି ଜବରଦଖଲ ହୋଇଥିବା ବେଳେ ସମ୍ବଲପୁରରେ ୪ ହଜାର ୪୦୩ ଏକର, ମୟୂରଭଞ୍ଜ ଜିଲ୍ଲାରେ ୨ ହଜାର ୨୨୪ ଏକର, ମାଲକାନଗିରି ଜିଲ୍ଲାରେ ୧ ହଜାର ୩୭୩ ଏକର, କନ୍ଧମାଳରେ ୯୪୧ ଏକର, ବଲାଙ୍ଗିରରେ ୯୦୧ ଏକର, ବରଗଡ଼ରେ ୮୦୦ ଏକର, ସୋନପୁରରେ ୭୧୬ ଏକର ଜମି ଜବରଦଖଲ ହୋଇଛି। ସେହିପରି ଗୋଚର ଜମି ଜବଦରଖଲରେ ଆଗୁଆ ଥିବା ବରଗଡ଼ରେ ଏହି ପରିମାଣ ୭୬୬ ଏକର। ଏହାଛଡ଼ା ବଲାଙ୍ଗିର ଜିଲ୍ଲାରେ ୬୬୮ ଏକର, ସୋନପୁର ଜିଲ୍ଲାରେ ୫୪୫ ଏକର ଓ ସମ୍ବଲପୁର ଜିଲ୍ଲାରେ ୫୪୫ ଏକର ଜମି ଜବଦରଖଲ ହୋଇଛି। ଏବେ ରାଜ୍ୟରେ ୭ ଲକ୍ଷ ୮୪ ହଜାର ୩୮୩ ଏକର ଗୋଚର ଜମି ଉପଲବ୍ଧ ଥିବାବେଳେ ୨୨ ଲକ୍ଷ ୩୨ ହଜାର ୧୬୪ ଏକର ଅନାବାଦୀ ଜମି ମହଜୁଦ ରହିଛି। ସେହିପରି ରାଜ୍ୟରେ ୬ ଲକ୍ଷ ୭୫ ହଜାର ୮୦୫ ଏକର ଚାରଣ ଭୂମି ମହଜୁଦ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ରାଜ୍ୟର ୬ ଜଳମାର୍ଗକୁ ଜାତୀୟ ମାନ୍ୟତା

ରାଜ୍ୟର ୬ଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ରୂପେ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଜଳମାର୍ଗ ନୀତି- ୨୦୧୬ ଅନୁଯାୟୀ ଏହା ଘୋଷଣା ହୋଇଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଗୃହରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଜାତୀୟ ଜଳମାର୍ଗ ଭାବେ ଘୋଷଣା ହୋଇଥିବା ୬ଟି ଜଳମାର୍ଗ ମଧ୍ୟରେ ୫ ନମ୍ବର ଜାତୀୟ ଜଳମାର୍ଗର ଦୂରତା ସର୍ବାଧିକ ୫୮୮ କିମି। ଏହା ଓଡ଼ିଶାର ତାଳଚେରଠାରୁ ପଶ୍ଚିମବଙ୍ଗର ଜିଓଁଖାଲି ପର୍ଯ୍ୟନ୍ତ ଲମ୍ବିଛି। ଏଥିରେ ବ୍ରାହ୍ମଣୀ, ଖରସୁଆଁ, କାଣୀ, ମତେଇ, ମହାନଦୀ ଓ ଏହାର ଶାଖା ନଦୀ ସମେତ ଇଷ୍ଟକୋଷ୍ଟ କେନାଲ ରହିଛି। ସେହିପରି ୧୪ ନମ୍ବର ଜାତୀୟ ଜଳମାର୍ଗର ଦୈର୍ଘ୍ୟ ୪୯ କିମି। ଏହା ଯାଜପୁରର ଦତ୍ତପୁରଠାରୁ ଧାମରା ଓ ବୈତରଣୀ ନଦୀର ସଂଯୋଗସ୍ଥଳ ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ଏଥିରେ କେବଳ ବୈତରଣୀ ନଦୀ ଆସୁଛି। ୧୫୬ କିମି ଦୈର୍ଘ୍ୟବିଶିଷ୍ଟ ୨୨ ନମ୍ବର ଜାତୀୟ ଜଳମାର୍ଗ ଚୌଦ୍ୱାରର ବିରୂପା ଆନିକଟଠାରୁ ବ୍ରାହ୍ମଣୀ ନଦୀର କାଟଣା ପର୍ଯ୍ୟନ୍ତ ବିଭିନ୍ନ ବାଟ ଦେଇ ଯାଇଛି। ଏହା ମଧ୍ୟରେ ବିରୂପା, ବଡି, ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀ ରହିଛି। ଏହାଛଡ଼ା ୨୩ ନମ୍ବର ଜାତୀୟ ଜଳମାର୍ଗର ଦୈର୍ଘ୍ୟ ୫୬ କିମି ହୋଇଥିବା ବେଳେ ଏହା ମୟୂରଭଞ୍ଜ ଜିଲ୍ଲାର ପାଟଳିପୁତ୍ରରୁ ବାହାରି ବୁଢ଼ାବଳଙ୍ଗ ନଦୀ ଓ ବଙ୍ଗୋପସାଗରର ସଂଯୋଗସ୍ଥଳ ପର୍ଯ୍ୟନ୍ତ ଲମ୍ବିଛି। ଆହୁରି ୬୪ ନମ୍ବର ଜାତୀୟ ଜଳମାର୍ଗର ଦୂରତା ୪୨୫ କିମି ରହିଛି। ଏହା ସମ୍ବଲପୁର ଆନିକଟରୁ ପାରାଦୀପ ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ୩୧୪ କିମି ଦୂରତାବିଶିଷ୍ଟ ୯୬ ନମ୍ବର ଜାତୀୟ ଜଳମାର୍ଗ ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମରୁ ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗରର ସଂଯୋଗସ୍ଥଳ ପର୍ଯ୍ୟନ୍ତ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହିସବୁ ଜଳମାର୍ଗ ମଧ୍ୟରୁ କେବଳ ଜାତୀୟ ଜଳମାର୍ଗ-୫ର ପ୍ରଥମ ପର୍ଯ୍ୟାୟ ଉନ୍ନୟନ ନିମନ୍ତେ ବିଦ୍ୟୁତ୍ ଲାଇନ୍‌କୁ ନିରାପଦ ଉଚ୍ଚତାକୁ ନେବା ସକାଶେ ଭାରତୀୟ ଜଳମାର୍ଗ ପ୍ରାଧିକରଣଙ୍କ ଦ୍ୱାରା ୪୩.୯୮ କୋଟି ଟଙ୍କା ବ୍ୟୟ କରାଯାଇଛି। ପଙ୍କପାଳଠାରେ ଏକ ସ୍ଥାୟୀ ଟର୍ମିନାଲ ପାଇଁ ୧୧୫ ଏକର ଜମି ଅଧିଗ୍ରହଣ ସକାଶେ ରାଜ୍ୟ ସରକାର ୧ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି ବୋଲି ଆଜି ଗୃହରେ ଉତ୍ତର ରଖିବା ଅବସରରେ ସୂଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ଜେନା।

## ତାରାଙ୍କୁ ଆକ୍ରମଣର ପ୍ରତିବାଦ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ନିକଟରେ ବିଧାନସଭା ଚଳିତ ବଜେଟ୍ ଅଧିବେଶନରେ ବିଜେପି ଓ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ହାତାହାତି ହୋଇଥିବା ବେଳେ ଏହି ଘଟଣାରେ କଂଗ୍ରେସ ଦଳର ପୁରୁଖା ନେତା ତାରା ପ୍ରସାଦ ବାହିନୀପତିଙ୍କୁ ୭ ଦିନ ପାଇଁ ବାଚସ୍ପତି ନିଲମ୍ବନ କରିଛନ୍ତି। ତେବେ ତାରାଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଛି। ଏଥିସକାଶେ ଯୁବ କଂଗ୍ରେସ ପକ୍ଷରୁ ଏକ ରାଲି ଭୁବନେଶ୍ୱର କ୍ଲବ୍‌ଠାରୁ ବାହାରି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟରେ ପହଞ୍ଚିଥିଲା। ସେଠାରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବ୍ୟାରିକେଡ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିଲେ। କିନ୍ତୁ ସେମାନଙ୍କୁ ପୁଲିସ୍




ରୋକିବା ଫଳରେ ଯୁବ କଂଗ୍ରେସ କର୍ମୀ ଓ ପୁଲିସ୍ ମଧ୍ୟରେ ପାଖାପାଖି ଘଣ୍ଟାଏ କାଳ ଧସ୍ତାଧସ୍ତି ହୋଇଥିଲା। ପରେ ପୁଲିସ ଘେରାଉରେ ସାମିଲ୍ ହୋଇଥିବା ସମସ୍ତ ଯୁବ କଂଗ୍ରେସ କର୍ମୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ବିଧାନସଭା ପରିସରରେ ବିଜେପି ବିଧାୟକ ଓ ମନ୍ତ୍ରୀମାନେ ଆତଙ୍କରାଜ ଚଳାଇଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ବିରୋଧରେ ଜୟପୁର ବିଧାୟକ ଶ୍ରୀ ବାହିନୀପତି ଓ ଦଳର ଅନ୍ୟ ବିଧାୟକମାନେ ବିଧାନସଭାରେ ସ୍ୱର ଉତ୍ତୋଳନ କରିଥିଲେ ହେଁ ଶାସକ ଦଳର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟ ବିଧାୟକମାନେ ସେମାନଙ୍କୁ ଆକ୍ରମଣ କରଛେନ୍ତି। ବିଶୃଙ୍ଖଳିତ ଆଚରଣ କରୁଥିବା ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ଗାଳିଗୁଲଜର ଶିକାର ହୋଇଥିବା ବିଧାୟକ ତାରାଙ୍କୁ ଗୃହରୁ ନିଲମ୍ବନ କରାଯିବା ଗଣତନ୍ତ୍ରର ହତ୍ୟା ବୋଲି ଶ୍ରୀ ପାତ୍ର କହିଛନ୍ତି। ସେହିପରି ଏହି ଘେରାଉ କାର୍ଯ୍ୟକ୍ରମରେ ଦଳର ଅନ୍ୟତମ ପ୍ରମୁଖ ନେତା ସୟଦ ୟାସିର ନୱାଜ କହିଛନ୍ତି ଯେ ବିଜେପି ଓ ଏହାର ବିଧାୟକମାନେ ମହିଳା ବିରୋଧୀ ବୋଲି ପ୍ରମାଣିତ ହୋଇଛି। ବିଜେପିର ମାତ୍ର ୯ ମାସର ଶାସନ କାଳରେ ରାଜ୍ୟରେ ୧୬ ଶହରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତିତ ହୋଇଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ମହିଳା ନିର୍ଯାତନା କ୍ଷେତ୍ରରେ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ତାରାଙ୍କୁ ଆକ୍ରମଣ କରିଥିବା ବିଧାୟକ ଶ୍ରୀ ମିଶ୍ର ଓ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କ ସହ ଗୃହରେ ଗୁଣ୍ଡାଗିରି କରିଥିବା ବିଜେପି ବିଧାୟକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ୟାସିର୍ ଦାବି କରିଛନ୍ତି। ଏହି ଘେରାଉରେ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ନିହାର ବେହେରା, ସୁଦିପ ସାମଲ, ଉଦିତ ପ୍ରଧାନ, ଗୋପନ ମାର୍ଥା, ସ୍ୱାଗତ କର, ମିଳନ ପଟ୍ଟନାୟକ ପ୍ରମୁଖ ଅଂଶଗହଣ କରିଥିଲେ।

# ଓଜେଏସ୍ ପରୀକ୍ଷାରେ ରଣବିଜୁଳି ଟପ୍ପର୍

## ୩୩ ଜଣ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ

PUBLIC SERVICE COMMISSION ODISHA
OPSC
ODISHA JUDICIAL SERVICES

**କଟକ,୧୩।୩ (ସଂଚାର ବ୍ୟୁରୋ) :** ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ୨୦୨୩ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ ସୋମେଶ ରଣବିଜୁଳି ଟପ୍ପର୍ ହୋଇଥିବା ବେଳେ ମୋଟ ୩୩ ଜଣ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୪ ଜଣ ମହିଳା ଅଛନ୍ତି। କୃତକାର୍ଯ୍ୟ ହୋଇଥିବା ୩୩ ଜଣଙ୍କୁ ରାଜ୍ୟରେ ସିଭିଲ ଜଜ ଭାବେ ନିଯୁକ୍ତି ମିଳିବ। ଏଥିସକାଶେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ସୁପାରିସ୍ କରାଯାଇଛି। ଆୟୋଗ ଉପରୋକ୍ତ ପରୀକ୍ଷା କରିଚାଳନା କରିଥିଲା।

# ହୀରାକୁଦ ଡ୍ୟାମରେ ଭାସିଗଲେ ଭିସୁଟ୍ ଛାତ୍ର



**ସମ୍ବଲପୁର,୧୩।୩ (ସଂଚାର ବ୍ୟୁରୋ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ପ୍ରଥମ ବର୍ଷ ଇଞ୍ଜିନିୟରିଂ ଛାତ୍ର ଆଜି ହୀରାକୁଦ ଡ୍ୟାମର ପାୱାର ଚାନେଲରେ ଗାଧୋଇବା ସମୟରେ ବୁଡ଼ିଯାଇଛନ୍ତି। ଉକ୍ତ ଛାତ୍ରଙ୍କ ନାମ ପ୍ରିୟାଂଶୁ ପ୍ରକାଶ ବେହେରା (୧୯) ଓ ସେ ଢେଙ୍କାନାଳ ନିବାସୀ ସଞ୍ଜୟ ବେହେରାଙ୍କ ପୁଅ। ପ୍ରିୟାଂଶୁ ଭିସୁଟ୍‌ରେ ସିଭିଲ୍ ଇଞ୍ଜିନିୟରିଂରେ ପଢୁଥିଲେ। ସେ ତାଙ୍କର କିଛି ବନ୍ଧୁଙ୍କ ସହ ସକାଳେ ଗାଧୋଇବା ପାଇଁ ହୀରାକୁଦ ଡ୍ୟାମର ପାୱାର ଚାନେଲକୁ ଯାଇଥିଲେ। ତେବେ ସେଠାରେ ଗାଧୋଉଥିବା ସମୟରେ ସେ ଅଜାଣତରେ ଗଭୀର ପାଣିକୁ ଚାଲିଯିବାରୁ ବୁଡ଼ିଯାଇଥିଲେ। ପ୍ରିୟାଂଶୁଙ୍କ ସହ ଗାଧୋଉଥିବା ବନ୍ଧୁମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ରିସର୍ଚ୍ଚ (ଭିମସାର୍)ରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପ୍ରିୟାଂଶୁଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଓଲଟିଲା ବସ୍: ଜଣେ ମୃତ, ୩୦ ଆହତ

**ସୁନ୍ଦରଗଡ଼, ୧୩।୩ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲାରୁ ମା' ସମଲେଶ୍ୱରୀ ଘରୋଇ ବସ୍ ସୁନ୍ଦରଗଡ଼କୁ ଆସୁଥିବା ସମୟରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଏକ ବସ୍ ଓଲଟି ପଡ଼ିବା ଫଳରେ ଏଥିରେ ଜଣେ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ଆହତ ହୋଇଛନ୍ତି। ଏହି ବସ୍ ସହ ତେଲେନଡ଼ିହି ନିକଟରେ ସାମ୍ନାରୁ ଆସୁଥିବା ଏକ ବାଇକ୍ ଭାରସାମ୍ୟ ହରାଇ ପିଟି ହେବା ଫଳରେ ଉକ୍ତ ବସ୍‌ଟି ରାସ୍ତାରୁ ୧୦ ଫୁଟ ତଳକୁ ଖସିଯାଇଥିଲା। ବସ୍‌ଟି ଓଲଟି ପଡ଼ିବାରୁ ଜଣେ ଯାତ୍ରୀ ଏହା ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ଏ ସଂକ୍ରାନ୍ତରେ ଖବର ପାଇ ତୁରନ୍ତ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ଏଥିସହ ପୁଲିସ୍ ତା'ର ତଦନ୍ତ ଆରମ୍ଭ କରିଥିବା ବେଳେ ଆହତଙ୍କ ମଧ୍ୟରୁ ୫/୬ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ମୃତଦେହଟି ବସ୍ ତଳେ ରହିଯାଇଥିବାରୁ ଏହାକୁ ଉଦ୍ଧାର କରିବା ସକାଶେ କ୍ରେନର ସହାୟତା ନିଆଯାଇଥିଲା।

# ମଧ୍ୟାହ୍ନଭୋଜନ ପାଇଁ ଆନ୍ଦୋଳନ ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ପୁରୁଷୋତ୍ତମପୁର,୧୪।୩ :** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହର କୁମାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗତ ୫ ତାରିଖରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ମିଳି ନ ଥିବା ପ୍ରତିବାଦ କରି ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇ ଖରାରେ ବସି ଆନ୍ଦୋଳନ କରିଥିଲେ। ଏହି ଘଟଣାରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଦୁଇଜଣଙ୍କୁ ନିଲମ୍ବିତ କରିବା ସହ ଦୁଇଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।



ଛାତ୍ରୀଛାତ୍ରଙ୍କ ଏହି ଘଟଣା ଗଣମାଧମରେ ପ୍ରକାଶ ପାଇଥିଲା। ଏହିଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଗୁରୁତର ସହ ନେଇ ଗତ ୬ ତାରିଖରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟ ପିଏମ୍ ପୋଷନ ନୋଡାଲ ଅଫିସର ଗିରିଶଚନ୍ଦ୍ର ସିଂ ଗତ ୭ ତାରିଖରେ ଚିଠି ନଂ.୨୩୩ରେ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଜିଲା ଶିକ୍ଷା ଅଧିକାରୀ ୭ ତାରିଖରେ ଚିଠି ନଂ.୩୨୦୯ରେ ପୁରୁଷୋତ୍ତମପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତି କରି ବ୍ଲକ ଶିକ୍ଷା ଅଧିକାରୀ ଏସ୍ ଗିରିଧାରୀ ଘଟଣାର ତଦନ୍ତ କରି କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଟି ଶାନ୍ତିଲତା ପାତ୍ରଙ୍କୁ ଚିଠି ନଂ.୪୭୮ରେ ବୁଧବାର ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷୟତ୍ରୀ ଜୁଲାଇ ମାସରେ ଅବସର ନେଇଥାନ୍ତେ। ଏଣୁ ସରକାରୀ ନିୟମ ଅନସାରେ ପ୍ରଧାନ ଶିକ୍ଷୟତ୍ରୀ ଅବସରର ୬ମାସ ପୂର୍ବରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାର ନିୟମ ରହିଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଥ୍ୟାରେ ବ୍ଲକଶିକ୍ଷା ଅଧିକାରୀଙ୍କ ପରିଚୟ ଦେଇ ଫୋନ କରିବା ଘଟଣାରେ ଅନ୍ତରିଗାଁ ପ୍ରାଥମିକ ବିଦ୍ୟାଳୟର ସହକାରୀଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କୁ ଚିଠି ନଂ.୪୮୩ରେ ନିଲମ୍ବିତ କରାଯାଇଛି। ଏହାସହ ଏହି ଘଟଣାରେ ଭିଡିଓ ସୋସିଆଲ ମିଡ଼ିଆ ଗ୍ରୁପରେ ପଠାଇଥିବା ନେଇ ବ୍ଲକଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପିଅନ ଗ୍ରୀଷ୍ମକାନ୍ତ ତ୍ରୀପାଠୀଙ୍କୁ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୀମାଞ୍ଚଳ ରଥଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୩ଜଣ ଶିକ୍ଷକଙ୍କୁ ତାଗିତ କରାଯାଇଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀ ଏସ୍ ଗିରିଧର ସୂଚନା ଦେଇଛନ୍ତି। ଏପରିକି ସମସ୍ତ ତଦନ୍ତ ରିପୋର୍ଟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ପଠାଯାଇ ଦେଇଥିବା ସେ କହିଛନ୍ତି।

# ବେଦାନ୍ତ ପକ୍ଷରୁ 'ଭେଦମୂର୍ତ୍ତିକା'ର ଶୁଭାରମ୍ଭ

**ଝାରସୁଗୁଡା,୧୩।୩ (ସଂଚାର ବ୍ୟୁରୋ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସମ୍ପ୍ରତି ଝାରସୁଗୁଡାର ନକ୍ସାପାଲି ଗ୍ରାମରେ ଏକ ଟେରାକୋଟା କ୍ଲଷ୍ଟର ପ୍ରମୋସନ କାର୍ଯ୍ୟକ୍ରମ, ଭେଦମୃର୍ତ୍ତିକାର ଶୁଭାରମ୍ଭ କରିଛି। ଏହି ପରିବର୍ତ୍ତନକାରୀ ପ୍ରକଳ୍ପର ଲକ୍ଷ୍ୟ ହେଉଛି କେନ୍ଦ୍ରିତ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ପାରମ୍ପରିକ ଟେରାକୋଟା ଶିଳ୍ପରେ ସ୍ଥାନୀୟ କାରିଗରମାନଙ୍କର ସୃଜନଶୀଳ ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ସଶକ୍ତ କରିବା, ଏବଂ ଉତ୍ପାଦ ବିକ୍ରୟକୁ ସମର୍ଥନ କରିବା ପାଇଁ ବଜାର ସଂଯୋଗ ସୃଷ୍ଟି କରିବା।




ଟେରାକୋଟା ହେଉଛି ଏକ ପ୍ରକାରର ମାଟିପାତ୍ର ଯାହା ପ୍ରାକୃତିକ ମାଟିରୁ ତିଆରି ହୁଏ ଯାହା କମ ତାପମାତ୍ରାରେ ପକ୍କା ହୁଏ, ଏହାକୁ ଏକ ଅନନ୍ୟ ଲାଲ-ବାଦାମୀ ରଙ୍ଗ ଦିଏ। ଏହାର ସ୍ଥାୟୀତ୍ୱ ଏବଂ ପୋରୋସିଟି ପାଇଁ ଜଣାଶୁଣା, ଟେରାକୋଟା ଶତାବ୍ଦୀ ଧରି ଭାରତରେ ମାଟିପାତ୍ର, ମୂର୍ତ୍ତିକଳା ଏବଂ କୋଠା ପାଇଁ ବ୍ୟବହୃତ ହୋଇଆସୁଛି। ଓଡ଼ିଶାର ଅନେକ ଅଞ୍ଚଳ ସେମାନଙ୍କର ଟେରାକୋଟା କାମ ପାଇଁ ମଧ ସ୍ୱୀକୃତିପ୍ରାପ୍ତ, କାରଣ ଏହାର ପ୍ରାକୃତିକ ସମାପ୍ତି ଏବଂ ଗଠନଶୀଳତା ଏହାକୁ ବିବିଧ, ପରିବେଶ ଅନୁକୂଳ ଉତ୍ପାଦ ସୃଷ୍ଟି ପାଇଁ ଲୋକପ୍ରିୟ କରିଥାଏ।

ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଉପସ୍ଥିତ ଥିଲେ, ଯେଉଁଥିରେ ଶ୍ରୀମତୀ ଜସ୍ମିନ୍ - -ହସ୍ତଶିଳ୍ପ ପ୍ରମୋସନାଲ୍ ଅଫିସର, -ଝାରସୁଗୁଡ଼ା, ଶ୍ରୀମତୀ ପ୍ରିୟଦର୍ଶିନୀ ଗୁଘର - ସରପଞ୍ଚ, ନକ୍ସାପାଲି ଗ୍ରାମ, ଶ୍ରୀମତୀ କୁମୁଦିନୀ ରାଉତ - ଉପ-ସଭାପତି, ଶୁଭଲକ୍ଷ୍ମୀ ସମବାୟ, ଏବଂ ବେଦାନ୍ତର ବରିଷ୍ଠ ପରିଚାଳନା ସଦସ୍ୟମାନେ ସାମିଲ ଥିଲେ। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି, 'ପ୍ରୋଜେକ୍ଟ ଭେଦମୂର୍ତ୍ତିକା ସାଂସ୍କୃତିକ ସଂରକ୍ଷଣକୁ ଆର୍ଥିକ ସଶକ୍ତିକରଣ ସହିତ ସୁଗମ କରିଥାଏ, ଏବଂ ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା ସହିତ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପ୍ରତି ଆମର ପ୍ରତିବଦ୍ଧତାର ଏକ ଉପଯୁକ୍ତ ପ୍ରତିଫଳନ। ଏହି ପଦକ୍ଷେପକୁ ପ୍ରଶଂସା କରି ଝାରସୁଗୁଡାର ହସ୍ତଶିଳ୍ପ ପ୍ରମୋସନାଲ୍ ଅଫିସର୍ ଶ୍ରୀମତୀ ଜସ୍ମିନ୍ କହିଛନ୍ତି, ବେଦାନ୍ତ ପ୍ରୋଜେକ୍ଟ ଭେଦମୂର୍ତ୍ତିକା ବେଦାନ୍ତର ଏକ ପ୍ରଶଂସନୀୟ ପଦକ୍ଷେପ, କାରଣ ଏହି ପ୍ରକାରର ପଦକ୍ଷେପ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟ ମଧରେ ଅଧିକ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାରେ ଶିଳ୍ପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବା ଉପରେ ଆଲୋକପାତ କରିବାରେ ସାହାଯ୍ୟ କରେ। ଏହି ପଦକ୍ଷେପ ସମ୍ପ୍ରଦାୟର ସଦସ୍ୟମାନଙ୍କୁ, ବିଶେଷକରି ମହିଳାମାନଙ୍କୁ, ଏକ ସ୍ଥାୟୀ ଜୀବିକା ପାଇଁ ଆବଶ୍ୟକ ଦକ୍ଷତା ସହିତ ସଜ୍ଜିତ କରିବାରେ ସହାୟକ ହେବ।

୧୦୦ରୁ ଅଧିକ କାରିଗରଙ୍କୁ ଲାଭବାନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଏବେ ଉନ୍ନତ ଟେରାକୋଟା କୌଶଳ ପ୍ରଦାନ ଏବଂ ବ୍ୟବସାୟିକ ରଣନୀତି ବ୍ୟାଖ୍ୟା କରିବା ଉପରେ ଧ୍ୟାନ ଦେଇ ଏକ ୩୦ ଦିନିଆ ତାଲିମ ଅଧିବେଶନ ସହିତ ଆରମ୍ଭ ହୋଇଛି।

● ଭାଷା ବିବାଦ ମଧ୍ୟରେ ବଡ଼ ପଦକ୍ଷେପ

## ବଜେଟ୍‌ରୁ ରୁପିର ପ୍ରତୀକ ହଟାଇଦେଲେ ଷ୍ଟାଲିନ୍ ସରକାର

**ଚେନ୍ନାଇ,୧୩।୩:** ତାମିଲନାଡୁରେ ଚାଲିଥିବା ଭାଷା ବିବାଦ ମଧ୍ୟରେ ଷ୍ଟାଲିନ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ବଜେଟ ସମୟରେ ସରକାର ଟଙ୍କାର ପ୍ରତୀକକୁ ହଟାଇ ଦେଇ ରଖିଛନ୍ତି। ସାରା ଦେଶରେ ଟଙ୍କାର ପ୍ରତୀକକୁ ଆଧିକାରୀକ ଭାବେ ଆପଣାଯାଇଛି। ହେଲେ ଷ୍ଟାଲିନ ସରକାର ଭିନ୍ନ ପ୍ରତୀକ ଆଣିଛନ୍ତି। ବଜେଟ ସମୟରେ ସେ ନୂଆ ପ୍ରତୀକ ଜାରି କରିଛନ୍ତି। ପ୍ରଥମ ରାଜ୍ୟ ଭାବେ ଏଠାକାର ସରକାର ବଡ଼ ପଦକ୍ଷେପ ନେଇଥିବା କୁହାଯାଉଛି। ତେବେ ଷ୍ଟାଲିନ ସରକାରଙ୍କ ଏହି ପଦକ୍ଷେପ ଏଭଳି ସମୟରେ ଆସିଛି ଯେତେବେଳେ ହିନ୍ଦୀକୁ ନେଇ କିଛିଦିନ ଧରି ବିବାଦ ଲାଗି ରହିଛି। ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଷ୍ଟାଲିନ କହିଥିଲେ ଯେ, ସାରା ଦେଶରେ ହିନ୍ଦୀର ବ୍ୟବହାର ଯୋଗୁ ପ୍ରାଚୀନ ଭାଷାଗୁଡ଼ିକ ବିଲୁପ୍ତ ହେଉଛି। ବିହାର ଏବଂ ଉତ୍ତର ପ୍ରଦେଶ କେବେ ବି ହିନ୍ଦୀ ଭାଷାର ଅଞ୍ଚଳ ନ ଥିଲା। ଏବେ ଏଠାକାର ମୂଳ ଭାଷା ଅତୀତର ପ୍ରତୀକ ଭାବେ ରହିଛି। ତେବେ ଏହି ବିବାଦ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଲାଗୁ ସମୟରେ ସାମ୍ନାକୁ ଆସିଛି। ଏନ୍‌ଇପି ୨୦୨୦ରେ ପ୍ରସ୍ତାବିତ ୩ ଭାଷାର ଫର୍ମୁଲା କହୁଛି ଯେ ଛାତ୍ରୀଛାତ୍ରଙ୍କୁ ୩ଟି ଭାଷା ଶିଖିବା ଉଚିତ, ଯେଉଁଥିରେ ଅତି କମ୍‌ରେ ଦୁଇଟି ଭାରତୀୟ ଭାଷା ରହିଥିବ। ସରକାରୀ ଏବଂ ବେସରକାରୀ ସ୍କୁଲରେ ଏହି ଫର୍ମୁଲା ଲାଗୁ ହେବ ଏବଂ ରାଜ୍ୟମାନଙ୍କୁ ବିନା କୌଣସି ଚାପରେ ଭାଷାକୁ ବାଛିବାକୁ ଅନୁମତି ରହିବ। ତେବେ ଏହି ପଦକ୍ଷେପକୁ ଷ୍ଟାଲିନ୍ ସରକାର 'ଭଗ୍‌ବା ନୀତି' କହିଥିଲେ। ଏପରିକି ଏହାକୁ ଲାଗୁ କରିବାକୁ ମନା କରିଦେଇଥିଲେ। ଏହାପରେ କେନ୍ଦ୍ର ସରକାର ରାଜ୍ୟକୁ ମିଳିବାକୁ ଥିବା ସମଗ୍ର ଶିକ୍ଷା ଅଭିଯାନ ସହାୟତା ରାଶି ୫୭୩ କୋଟି ଟଙ୍କାର ପ୍ରଥମ କିସ୍ତି ଉପରେ ରୋକ ଲଗାଇଥିଲେ। ସେବେଠାରୁ ଷ୍ଟାଲିନ ସରକାର କେନ୍ଦ୍ର ସରକାରଙ୍କ ଉପରେ ଖପ୍ପା ଅଛନ୍ତି।

## ଭାରତର ଅଦୃଶ୍ୟ 'ଅସ୍ତ୍ର' ଦେଖି ଚୀନ୍-ପାକିସ୍ତାନ ଛାନିଆ

**ନୂଆଦିଲ୍ଲୀ,୧୩।୩:** ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଯୁଦ୍ଧ ବିମାନ ତେଜସ ଆକାଶରୁ ଆକାଶ ସ୍ୱଦେଶୀ କ୍ଷେପଣାସ୍ତ୍ର 'ଅସ୍ତ୍ର'ର ସଫଳ ପରୀକ୍ଷଣ କରିଛି। ଏହି ପରୀକ୍ଷଣ ପଡ଼ୋଶୀ ଦେଶ ଚାଇନା ଏବଂ ପାକିସ୍ତାନ ପାଇଁ ଉତ୍ତେଜନା ସୃଷ୍ଟି କରିପାରେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହି କ୍ଷେପଣାସ୍ତ୍ରଟି ଓଡ଼ିଶାର ଚାନ୍ଦିପୁର ଉପକୂଳରେ ପରୀକ୍ଷଣ କରାଯାଇଥିଲା। ମନ୍ତ୍ରଣାଳୟ କହିଛି, ଏହି ପରୀକ୍ଷଣରେ, କ୍ଷେପଣାସ୍ତ୍ରଟି ଆକାଶରେ ଉଡୁଥିବା ଲକ୍ଷ୍ୟକୁ ସିଧାସଳଖ ଆଘାତ କରିଥିଲା। ଫଳରେ ଏହାର ପରୀକ୍ଷଣ ସଫଳ ହୋଇଛି। ମନ୍ତ୍ରଣାଳୟ କହିଛି, ସମସ୍ତ ସବ୍-ସିଷ୍ଟମ ଲକ୍ଷ୍ୟକୁ ସଠିକ ଭାବରେ ଛୁଇଁପାରିଥିଲା, ମିଶନ ଉଦ୍ଦେଶ୍ୟ ହାସଲ କରିପାରିଥିଲା। ଅସ୍ତ୍ର କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ଡିଜାଇନ ଏବଂ ବିକଶିତ କରାଯାଇଛି। ଏହା ୧୦୦ କିଲୋମିଟରରୁ ଅଧିକ ଦୂରତାରେ ଥିବା ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ସମ୍ପୂର୍ଣ୍ଣ ସ୍ୱଦେଶୀ କ୍ଷେପଣାସ୍ତ୍ର ତିଆରି କରିବା ପରେ, ଭାରତ ଦୂରଗାମୀ ଆକାଶରୁ ଆକାଶ କ୍ଷେପଣାସ୍ତ୍ର ଉତ୍ପାଦନ କରିପାରୁଥିବା ଦେଶମାନଙ୍କ ତାଲିକାରେ ସାମିଲ ହୋଇଛି। ଏହା ପୂର୍ବରୁ ଆମେରିକା, ରୁଷିଆ ଏବଂ ଫ୍ରାନ୍ସ ଭଳି ଦେଶ ପାଖରେ ଏହି ପ୍ରଯୁକ୍ତିବିଦ୍ୟା ଥିଲା। ଭାରତର ଏହି ପରୀକ୍ଷଣ ଦେଖି ଚାଇନା ଏବଂ ପାକିସ୍ତାନ ଛାନିଆ ହୋଇପଡ଼ିଛନ୍ତି।

● ତାଇୱାନ ଓ ଗୁଜରାଟରେ ଭୂକମ୍ପ ଝଟକା

## ୫.୨ ତୀବ୍ରତା ଭୂକମ୍ପରେ ଦୋହଲିଲା ତାଇୱାନ

**ନୂଆଦିଲ୍ଲୀ,୧୩।୩:** ତାଇୱାନର ତାଇତୁଙ୍ଗ କାଉଣ୍ଟି ସମୁଦ୍ରରେ ୫.୨ ତୀବ୍ରତାର ଭୂକମ୍ପ ହୋଇଛି । ଏହାର କେନ୍ଦ୍ର ସମୁଦ୍ର ସ୍ଥଳରୁ ୧୫ କିମି ଗଭୀରତାରେ ରହିଛି । ତେବେ ଭୂକମ୍ପର ଝଟକା ପୂର୍ବ ଚୀନର ଫୁଜିୟାନର ପ୍ରାନ୍ତର ଫୁଜୋ, କ୍ୱାନଝାଓ ଏବଂ ଅନ୍ୟ ଅଞ୍ଚଳରେ ଅନୁଭୂତ ହୋଇଛି । ସ୍ଥାନୀୟ ଲୋକ ଭୂକମ୍ପକୁ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ତେବେ ଭୂକମ୍ପରେ କୌଣସି ହତାହତ ହେବାର ଖବର ମିଳିନାହିଁ । ସେହିପରି ଗୁଜରାଟରେ ୩.୨ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଇନଷ୍ଟିଚ୍ୟୁଟ ଅଫ ସିସ୍ମୋଲୋଜିକଲ ରିସର୍ଚ୍ଚ ଅନୁସାରେ, ସୌରାଷ୍ଟ୍ର ଅଞ୍ଚଳରେ ସକାଳ ୧୦ଟା ୧୨ ମିନିଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୩.୨ ରହିଥିଲା । ଏହାର ଗଭୀରତା ୬.୪ କିମି ରହିଥିଲା। ଭୂକମ୍ପର କେନ୍ଦ୍ର ଅମରେଲୀ ସ୍ଥିତ ରହିଥିଲା। ତେବେ ଘଟଣାରେ କୌଣସି ପ୍ରକାରର କ୍ଷୟକ୍ଷତି ହୋଇନଥିଲା। ତାଇୱାନରେ ଏହା ପୂର୍ବରୁ ୨୬ ଜାନୁଆରୀରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲ। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇସେନ୍ସଜ ଅନୁସାରେ, ତାଇୱାନରେ ୫.୬ ତୀବ୍ରତାର ଭୂକମ୍ପ ଆସିଥିଲା । ଭୂକମ୍ପର କେନ୍ଦ୍ର ୧୬ କିମି ଗଭୀରତାରେ ରହିଥିଲା ।

## ଦୁଇଟି ଗାଡ଼ିକୁ ପିଟିଲା ଗ୍ୟାସ୍ ଟ୍ୟାଙ୍କର, ୭ ମୃତ



**ମଧ୍ୟପ୍ରଦେଶ,୧୩।୩:** ଧାର ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଗ୍ୟାସ ଟ୍ୟାଙ୍କର ଦୁଇଟି ଚାରିଚକିଆ ଗାଡିକୁ ଧକ୍କା ଦେବାରୁ ୭ ଜଣଙ୍କ ଜୀବନ ଚାଲିଯାଇଛି । ଦୁର୍ଘଟଣାରେ ୩ ଜଣ ଲୋକ ଆହତ ହୋଇଥିବା ଜଣାପଡିଛି । ଏମାନଙ୍କୁ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଫସି ରହିଥିବା ଲୋକମାନଙ୍କୁ କ୍ରେନ୍ ସାହାଯ୍ୟରେ ଗାଡ଼ିରୁ ବାହାର କରାଯାଇଛି । ପୋଲିସର ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟାରେ ଏହି ଦୁର୍ଘଟଣା ଘଟିଛି। ବଦନାୱର-ଉଜ୍ଜୈନ ରାଜପଥର ବାମନସୁତା ଗାଁ ନିକଟରେ ଏକ ରାସ୍ତାରେ ଭୁଲ ଦିଗରୁ ଏକ ପେଟ୍ରୋଲ ଟ୍ୟାଙ୍କର ଆସୁଥିଲା । ଏହି ସମୟରେ ଟ୍ୟାଙ୍କରଟି ବିପରୀତ ଦିଗରୁ ଆସୁଥିବା ଏକ କାର ଏବଂ ଏକ ଜିପ୍ କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଯାଇଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କର ପରେ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍ଥାନୀୟ ବାସିନ୍ଦା ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଦୁର୍ଘଟଣାରେ ଫସି ରହିଥିବା ଲୋକମାନଙ୍କୁ ଏକ କ୍ରେନ୍ ସାହାଯ୍ୟରେ ଗାଡ଼ିରୁ ବାହାର କରାଯାଇଥିଲା । ତେବେ ଦୁର୍ଘଟଣାରେ ଆହତଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାର ଶିକାର ହୋଇଥିବା ଲୋକମାନେ ରତଲାମ, ମନ୍ଦସୌର ଏବଂ ଯୋଧପୁର ଜିଲ୍ଲାର ବୋଲି ଜଣାପଡିଛି । ଏହାସହିତ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ସିଧି ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା ।

## ଆମେରିକା ଓ ୟୁକ୍ରେନ୍‌ର ଯୁଦ୍ଧବିରତି ପ୍ରସ୍ତାବକୁ ଋଷ୍‌ର ପ୍ରତ୍ୟାଖାନ

# ଲକ୍ଷ୍ୟ ପୂରଣ ନହେବା ଯାଏ ବନ୍ଦ ହେବନି ଯୁଦ୍ଧ

**ନୂଆଦିଲ୍ଲୀ,୧୩।୩:** ୟୁକ୍ରେନ-ଋଷ୍ ମଧରେ ଶାନ୍ତି ଫେରାଇବାକୁ ପ୍ରୟାସ ଚଳାଇଛି ଆମେରିକା । ସାଉଦୀ ଆରବରେ ୟୁକ୍ରେନ ଓ ଅମେରିକା ପ୍ରତିନିଧି ମଧରେ ୮ଘଣ୍ଟାର ଆଲୋଚନା ହୋଇଛି । ଏହି ବୈଠକରେ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଛି । ୩୦ ଦିନିଆ ଅସ୍ତ୍ରବିରତି ନିମନ୍ତେ କୀବ୍ ରାଜି ହୋଇଥିବା ବେଳେ ଏହି ପ୍ଲାନକୁ ଋଷକୁ ପଠାଯାଇଛି । ଏହାରି ମଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଚେତାବନୀ ଦେଇଛନ୍ତି । ଟ୍ରମ୍ପ ହ୍ୱାଇଟ୍ ହାଉସରେ ଜଣେ ପତ୍ରକାରଙ୍କ ସହିତ ଆଲୋଚନା କରି କହିଛନ୍ତି, ଆଶା ଅଛି ମସ୍କୋ ଏହି ଯୁଦ୍ଧବିରତି ସର୍ତ୍ତ ଉପରେ ସହମତି ପ୍ରକାଶ କରିବ । ମାତ୍ର ଆମେରିକାର ଏହି ପ୍ରସ୍ତାବକୁ ଋଷ୍ ପ୍ରତ୍ୟାଖାନ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସାଉଦି ଆରବର ଜେଦ୍ଦାହରେ ୟୁକ୍ରେନ ଏବଂ ଆମେରିକାର ଉଚ୍ଚ ଅଧିକାରୀଙ୍କ ମଧରେ ବୈଠକ ହୋଇଥିଲା । ୟୁଏସଏର ଯୁଦ୍ଧବିରତି ସମସ୍ତ ପ୍ରସ୍ତାବ ଉପରେ ରାଜି ହୋଇଛି ୟୁକ୍ରେନ। ମାତ୍ର ଏହି ମିଟିଂରେ ସାମିଲ୍ ନଥିବା ଋଷ୍ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛି । ଆମେରିକା ରଖିଥିବା ସର୍ତ୍ତ ଗ୍ରହଣୀୟ ନୁହେଁ ।



ରୁଷର ସର୍ତ୍ତ କାର୍ଯ୍ୟକାରୀ ହେଲେ ଯୁଦ୍ଧବିରତି ଲାଗୁ ହେବ ବୋଲି ମସ୍କୋ ଅଧିକାରୀ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ୟୁକ୍ରେନକୁ ପୁଣିଥରେ ସାମରିକ ସହାୟତା ଆରମ୍ଭ କରାଯିବ ଏବଂ ଗୁଇନ୍ଦା ସୂଚନା ପୂର୍ବଭଳି ପ୍ରଦାନ କରାଯିବ ବୋଲି ଆମେରିକା ଘୋଷଣା କରିଥିବାରୁ ଏହାକୁ ନେଇ ରୁଷ୍ କଡ଼ା ପ୍ରତିକ୍ରିୟା ରଖିଛି । ୟୁକ୍ରେନରେ ରୁଷ୍ ନିଜର ଲକ୍ଷ୍ୟ ହାସଲ ନକରିବା ପର୍ଯ୍ୟନ୍ତ ଲଢ଼େଇ ଚାଲିବ ଏବଂ ଅଧିକୃତ ଅଂଚଳ ଫେରାଇବାର ପ୍ରଶ୍ନ ଉଠୁନାହିଁ ବୋଲି ରୁଷ୍ କହିଛି। ୟୁକ୍ରେନ ରାଷ୍ଟ୍ରପତି ବୋଲ୍‌ଡିମିର ଜେଲେନସ୍କି ଜେଦ୍ଦାହରେ ହୋଇଥିବା ଚୁକ୍ତିକୁ ସ୍ୱୀକାର କରିଥିଲେ ମଧ ଏକାପାଖିଆ ଚୁକ୍ତିର କୌଣସି ଅର୍ଥ ନାହିଁ ବୋଲି ରୁଷ୍ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭ୍ କହିଛନ୍ତି। ୟୁକ୍ରେନର ୩୦ ଦିନିଆ ଅସ୍ତ୍ରବିରତି ଯୋଜନା କେବଳ ଉପର ଠାଉରିଆ ଚୁକ୍ତିରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି କ୍ରେମ୍‌ଲିନ ପ୍ରବକ୍ତା ମଧ ସ୍ପଷ୍ଟ କରିଛନ୍ତି। ୟୁକ୍ରେନ ଅଂଚଳରୁ ରୁଷ୍‌ର ସେନା ପ୍ରତ୍ୟାହାର ନେଇ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବେ ଗୁରୁତ୍ୱାରୋପ କରିବା ସହ ବଲ୍ ଏବେ ରୁଷିଆର କୋର୍ଟରେ ରହିଛି ବୋଲି ବୟାନ ଦେଇଥିବାରୁ ଏଥିରେ ରୁଷ୍ କ୍ଷୁବ୍ଧ ହୋଇଛି।

## ଗୁରୁଗାଓଁ କିଙ୍ଗଡମ୍ ଅଫ୍ ଡ୍ରିମ୍ସରେ ଭୟଙ୍କର ଅଗ୍ନିକାଣ୍ଡ



**ହରିୟାଣା,୧୩।୩:** ଗୁରୁଗାଓଁରେ ଥିବା କିଙ୍ଗଡମ୍ ଅଫ୍ ଡ୍ରିମ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଘଟଣାସ୍ଥଳରେ ଦମକଳ ବାହିନୀ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛି। କିଙ୍ଗଡମ୍ ଅଫ୍ ଡ୍ରିମ୍ସର କଲଚର୍ ଗ୍ୟାଲେରୀରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡ ଯୋଗୁଁ ବିପୁଳି କ୍ଷୟକ୍ଷତି ହୋଇଛି । ସୂଚନା ପାଇବା ମାତ୍ରେ ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ନିଆଁ ସକାଳ ୬.୩୦ ମିନିଟରେ ଲାଗିଥିବା ଜଣାପଡିଛି । ଯେଉଁ ସ୍ଥାନରେ ନିଆଁ ଲାଗିଛି, ସେହି ସ୍ଥାନର ନିର୍ମାଣରେ ଫାଇବର ବ୍ୟବହାର କରାଯାଇଥିଲା। ତେଣୁ ଏହା ତୁରନ୍ତ ନିଆଁ ଧରିବାରେ ସହାୟକ ହୋଇଥିଲା । ଘଟଣା ସ୍ଥଳରେ ୧୨ଟି ଦମକଳ ଗାଡି ନିଆଁ ଲିଭାଇବାରେ ନିୟୋଜିତ ହୋଇଥିଲା । ଯେଉଁ ସ୍ଥାନରେ ନିଆଁ ଲାଗିଛି, ସେଠାରେ ୧୪ଟି ରାଜ୍ୟର ଖାଇବା ପରଷା ଯାଉଥିଲା। ତେବେ ଭୀଷଣ ନିଆଁ ଯୋଗୁଁ ଗ୍ୟାଲେରୀର ଛାତ ଏବଂ ସଂଲଗ୍ନ ଥିବା କାନ୍ଥ ମଧ୍ୟ ଖସି ପଡିଥିଲା । ଦମକଳ ବାହିନୀ କର୍ମୀ ଯେଉଁ ସ୍ଥାନରେ ଠିଆ ହୋଇଥିଲେ, ସେଠାରେ ଏହି ଅଘଟଣ ଘଟିଥିଲା। ଏହି ଘଟଣାରେ କାହାର କିଛି କ୍ଷତି ହୋଇନାହିଁ । ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । କଳା ସଂସ୍କୃତି ପାଇଁ ଗୁରୁଗାଓଁର ଏହି ସ୍ଥାନ ପର୍ଯ୍ୟଟନଙ୍କ ଆକର୍ଷଣ ହୋଇପାରିଛି । ଏହା ୨୦୧୦ ମସିହାରେ ଉଦ୍ଘାଟିତ ହୋଇଥିଲା ।

## ମହାକାଶରେ କୀର୍ତ୍ତିମାନ ସ୍ଥାପନକଲା ଇସ୍ରୋ, ସ୍ପେଡେକ୍ସର ଅନ୍‌ଡକ୍ ପ୍ରକ୍ରିୟା ସଫଳ

**ନୂଆଦିଲ୍ଲୀ,୧୩।୩:** ଭାରତୀୟ ମହାକଶ ଗବେଷଣା ସଂସ୍ଥା (ଇସ୍ରୋ) ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ ମିଶନରେ ଦୁଇ ଉପଗ୍ରହର ସଫଳତାର ସହ ଅନ୍‌ଡକ୍ (ଅଲଗା) କରି ଐତାହାସିକ ଉପଲବ୍ଧି ହାସଲ କରିଛି । ଏହି ଉପଲବ୍ଧି ଭାରତର ମହାକାଶ ଗବେଷଣା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ପ୍ରମାଣିତ ହୋଇଛି । ଅନ୍‌ଡକିଂ ପ୍ରକ୍ରିୟାକୁ ସଫଳ କରିବା ପାଇଁ ବିଶେଷ ଧାନ ଦିଆଯାଇଥିଲା । ଏଥିରେ ଏସ୍‌ଡିଏକ୍ସ-୦୧ ଓ ଏସ୍‌ଡିଏକ୍ସ-୦୨ଉପଗ୍ରହକୁ ସଫଳତା ସହ ଅଲଗା କରାଯାଇଛି । ଅନ୍‌ଡକିଂ ଅର୍ଥ ହେଉଛି ମହାକାଶରେ ଡକ୍ କରାଯିବା ପରେ ଦୁଇ ଉପଗ୍ରହ ଏସ୍‌ଡିଏକ୍ସ-୦୧ ଓ ଏସ୍‌ଡିଏକ୍ସ-୦୨କୁ ଅଲଗା କରିବା । ଯାହା ପରେ ଉଭୟ ସ୍ୱତନ୍ତ୍ର ଭାବେ କାମ କରିପାରିବେ । ଏହି ପ୍ରକ୍ରିୟାରେ ପ୍ରଥମେ ଏସ୍‌ଡିଏକ୍ସ-୦୨ର ବିସ୍ତାର କରାଯାଇଥିଲା, ପରେ କ୍ୟାପ୍ଚର ଲିଭର-୩କୁ ଯୋଜନାବଦ୍ଧ ଭାବେ ରିଲିଜ୍ କରାଯାଇଥିଲା ଏବଂ ଶେଷରେ ଏସ୍‌ଡିଏକ୍ସ-୦୨ରେ କ୍ୟାପ୍ଚର ଲିଭରର ବିଘଟନ କରାଗଲା ।

## ଜମ୍ମୁ-କଶ୍ମୀରରେ ବଡ଼ ଧରଣର ଭୂସ୍ଖଳନ

**ଜମ୍ମୁ,୧୩।୩:** ଗୁରୁବାର ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାର ପହଲଗାମ ଅଞ୍ଚଳରେ ମୁଖ୍ୟ ଟ୍ୟାକ୍ସି ଷ୍ଟାଣ୍ଡର ୧୫ ଫୁଟ ଉଚ୍ଚ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଅତି କମରେ ତିନି ଜଣ ଆହତ ହୋଇଥିବା ବେଳେ ଅନ୍ୟ ନଅ ଜଣଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଗୁରୁବାର ଅପରାହ୍ନରେ ପହଲଗାମର ସୁମୋ ଷ୍ଟାଣ୍ଡ ନିକଟରେ ଏକ ଭୂସ୍ଖଳନ ହୋଇଥିଲା ଏବଂ ଉଚ୍ଚ ପଥର କାନ୍ଥ ଭୁଶୁଡ଼ି ପଡ଼ିଥିଲା। 'ପଥର ଏବଂ କାଦୁଅର ଭଗ୍ନାବଶେଷ ଡ୍ରାଇଭରମାନଙ୍କ ପାଇଁ ଥିବା ଅସ୍ଥାୟୀ ବିଶ୍ରାମସ୍ଥଳ ଉପରେ ପଡ଼ିଥିଲା, ଯାହା ଫଳରେ ଅନେକ ଲୋକ ଫସି ଯାଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ ୪୮ ଘଣ୍ଟା ଧରି ଲଗାତାର ବର୍ଷା ହେବା ପରେ, ପହଲଗାମ ବସ ଷ୍ଟାଣ୍ଡ ଅଞ୍ଚଳର ମୁଖ୍ୟ ପାର୍କିଂ ଅଞ୍ଚଳରେ ଏକ ବଡ଼ ଭୂସ୍ଖଳନ ଘଟିଥିଲା, ଯାହା ଫଳରେ ୧୨ରୁ ଅଧିକ ଲୋକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ଫସି ରହିଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ଟ୍ୟାକ୍ସି ଏବଂ ବସ ଡ୍ରାଇଭର ଥିଲେ, ଯେଉଁମାନେ ଷ୍ଟାଣ୍ଡର ପାର୍ଶ୍ୱ କାନ୍ଥକୁ ବିଶ୍ରାମ ସ୍ଥାନ ଭାବରେ ବ୍ୟବହାର କରୁଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ପୌର ପ୍ରଶାସନ ସହାୟତାରେ ତୁରନ୍ତ ଏକ ବଡ଼ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ଫସି ରହିଥିବା ସମସ୍ତ ଲୋକଙ୍କୁ ଧ୍ୱଂସାବଶେଷ ତଳୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। ଏହି ଘଟଣାରେ ଆହତ ହୋଇଥିବା ଅତି କମରେ ତିନି ଜଣଙ୍କୁ ଚିକିତ୍ସା ପାଇଁ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି ଏବଂ ସେମାନଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଉଛି। ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି, ତିନି ଜଣ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରୁ ସେମାନଙ୍କୁ ଜିଏମସି ଅନନ୍ତନାଗକୁ ରେଫର କରାଯାଇଛି।



ଫସିଗଲେ ୧୨ରୁ ଅଧିକ ଲୋକ

## ଦିଲ୍ଲୀରେ ବିଦେଶୀ ମହିଳାଙ୍କୁ ଦୁଷ୍କର୍ମ




**ନୂଆଦିଲ୍ଲୀ,୧୩।୩:** ଭାରତରେ ଲଜ୍ଜା। ଜଣେ ବିଦେଶୀନିଙ୍କୁ ଅସଦାଚରଣ କରିବାର ସପ୍ତାହେ ନପୁରୁଣୁ ପୁଣିଥରେ ଏ ଅପବାଦ ମୁଣ୍ଡାଇଛି ଭାରତ। ରାଜଧାନୀ ଦିଲ୍ଲୀରେ ଥିବା ଏକ ହୋଟେଲରେ ଜଣେ ଇଂଲଣ୍ଡ ନାଗରିକଙ୍କୁ ତାଙ୍କ ପୁରୁଷ ବନ୍ଧୁ ଦୁଷ୍କର୍ମ କରିଥିବା ଜଣାପଡିଛି। ତେବେ ସବୁଠି ବଡ କଥା ହେଉଛି ଏତିକିରେ ଯୁବତୀଙ୍କ ଦଉଁଖ ସରି ନାହିଁ। ସେ ସାହାଯ୍ୟ ପାଇଁ ଏଲିଭେଟର ଯୋଗେ ତଳକୁ ଯାଉଥିବା ବେଳେ ଅଏଲିଭେଟରରେ ଥିବା ଅନ୍ୟଜଣେ ଯୁବକ ତାଙ୍କ ସହ ଯୌନ ଉତ୍ପିଡନ କରିଥିବା ଜଣାପଡିଛି। ତେବେ ପୋଲିସ ପାଖରେ ଏ ମାମଲା ପହଞ୍ଚିବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣା ପଡିଛି। ତେବେ ଏହି ମାମଲା ଦିଲ୍ଲୀର ଦକ୍ଷିଣ-ପଶ୍ଚିମରେ ଥିବା ମହିପାଲପୁର ଅଞ୍ଚଳରେ ଘଟିଛି ବୋଲି ଜଣାପଡିଛି। ତେବେ ପୀଡିତା ଜଣକ ପୋଲିସକୁ ସୂଚନା ଦେଇ କହିଛନ୍ତି ଯେ ସେ ଅଭିଯୁକ୍ତ ଜଣଙ୍କୁ ସାମାଜିକ ଗଣମାଧମ ଯୋଗେ ଜାଣିଥିଲେ। ଏହା ପରେ ଉଭୟ ପ୍ରତିଦିନ ଫୋନ ଯୋଗେ ଉଭୟଙ୍କ ସହ କଥାବାର୍ତ୍ତା ହେଉଥିଲେ। ତେବେ ଶେଷରେ ଯୁବତୀ ଜଣଙ୍କ ଭାରତକୁ ଆସି ଯୁବକଙ୍କ ସହ ଭେଟିବାପାଇଁ ନିଷ୍ପତି ଗ୍ରହଣ କରି ଭାରତରେ ଆସି ପହଞ୍ଚିଥିଲେ। ସେ ବିମାନଯୋଗେ ଭାରତରେ ଓହ୍ଲାଇବା ପରେ ରହିବା ପାଇଁ ମହିପାଲପୁରଠାରେ ଥିବା ଏକ ହୋଟେଲ ବୁକ୍ କରିଥିଲେ। ତେବେ ମହିପାଲପୁର ଇନ୍ଦିରାଗାନ୍ଧୀ ବିମାନ ବନ୍ଦରଠୁ ପାଖରେ ପଡୁଥିବାରୁ ସେ ଏହି ହୋଟେଲ ବୁକ୍ କରିଥିଲେ। ତେବେ ଗତ ମଙ୍ଗଳବାର ଦିନ ଅଭିଯୁକ୍ତ ଯୁବକ ଜଣଙ୍କ ତାଙ୍କୁ ଭେଟିବାକୁ ସେ ରହୁଥିବା ହୋଟେଲ ରୁମରେ ଆସି ପହଞ୍ଚିଥିଲେ। ତେବେ ତାଙ୍କୁ ଦେଖିବା ପରେ ଯୁବକ ଜଣକ ତାଙ୍କ ସହ ଅନୁଚିତ ବ୍ୟବହାର କରିଥିଲେ। ଯାହକୁ ନେଇ ଉଭୟଙ୍କ ମଧରେ ଯୁକ୍ତି ତର୍କ ଆରମ୍ଭ ହୋଇଯାଇଥିଲା।

## ରେଷ୍ଟୁରାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ, ୬ କର୍ମଚାରୀ ଗୁରୁତର

**ନୂଆଦିଲ୍ଲୀ,୧୩।୩:** ଦିଲ୍ଲୀର କନାଟ ପ୍ଲେସରେ ଏକ ରେଷ୍ଟୁରାଣ୍ଟର ରୋଷେଇ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ଛଅଟି ଦମକଳ ଗାଡ଼ି ନିୟୋଜିତ ହୋଇଛି। କୁହାଯାଉଛି ଯେ ଏଲପିଜି ସିଲିଣ୍ଡରରେ ଲିକେଜ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୬ ଜଣ ପୋଡ଼ି ଯାଇଛନ୍ତି, ସେମାନଙ୍କୁ ଡିଏଫ୍‌ଏସ୍ ୟୁନିଟକୁ ନିଆଯାଇଛି। ସକାଳ ପ୍ରାୟ ୧୧:୫୫ ସମୟରେ ବିକ୍କାଗାନେ ବିରିୟାନି ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟିଥିବା ନେଇ ଦିଲ୍ଲୀ ଅଗ୍ନିଶମ ବାହିନୀକୁ ସୂଚନା ମିଳିଥିଲା। ଏହା ପରେ ଘଟଣାସ୍ଥଳକୁ ଛଅଟି ଦମକଳ ଗାଡ଼ି ପଠାଯାଇଥିଲା। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରି ନାହିଁ। ଏନେଇ ଜଣେ ଅଧିକାରୀ କହିଛନ୍ତି ଯେ, ରେଷ୍ଟୁରାଣ୍ଟର ରୋଷେଇ ଘରେ ଥିବା ଏକ ଏଲପିଜି ସିଲିଣ୍ଡର ଲିକେଜ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି । ଆହତମାନଙ୍କୁ ଚିକିତ୍ସା ପାଇଁ ଆରଏମ୍‌ଏଲ୍ ହସ୍ପିଟାଲକୁ ନିଆଯାଇଛି।

## ହିଟ୍ ଆଣ୍ଡ ରନ୍ — ମାଡ଼ିଆସି ଧକ୍କାଦେଲା କାର୍, ୪ ଶ୍ରମିକ ମୃତ

**ଡେରାଡୁନ,୧୩।୩:** ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନରେ ଭୀଷଣ ସଡକ ଦୁର୍ଘଟଣା ହୋଇଛି। ହିଟ୍ ଆଣ୍ଡ ରନ୍ ମାମଲା ସାମ୍ନାକୁ ଆସିଛି। ଏକ କାର୍ ଦ୍ରୁତ ଗତିରେ ମାଡି ଆସି ୬ ଜଣଙ୍କୁ ଧକ୍କା ଦେଇଛି । ୪ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି । ଆହତଙ୍କ ଚିକିତ୍ସା ଚାଲିଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଗାଡି ଚାଳକ ଦୁର୍ଘଟଣା ଘଟାଇ ଚମ୍ପଟ ମାରିଛି । ଦ୍ରୁତ ଗତିରେ ଆସି ପିଟିଦେଲା କାର୍- ହୋଲିକୁ ଆଉ ୨ ଦିନ ବାକି ରହିଛି । ଏହା ପୂର୍ବରୁ ଡେରାଡୁନ ରାଜପୁର ରୋଡ ସାଇ ମନ୍ଦିର ନିକଟରେ ହିଟ୍ ଆଣ୍ଡ ରନ ଘଟଣା ଛାତିଥରାଇ ଦେଇଛି । ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି । ଦ୍ରୁତ ଗତିରେ ମାଡି ଆସି ଏକ କାର ୬ଜଣ ଲୋକଙ୍କୁ ଧକ୍କା ଦେଇଥିଲା । ୪ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଆଉ ଦୁଇଜଣ ବାଇକ୍ ଚାଳକଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଦୁର୍ଘଟଣାର ଖବର ପାଇ ଆଇଜି ରାଜୀବ ସ୍ୱରୁପ, ଏସଏସପି ଅଜୟ ସିଂହ, ଏସପି ସିଟି ସମେତ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କାରଟି ପ୍ରଥମେ ରାସ୍ତାରେ ଯାଉଥିବା ୪ ଶ୍ରମିକଙ୍କୁ ଧକ୍କା ଦେଇଥିଲା । ଏହା ପରେ ବାଇକ୍ ରେ ଯାଉଥିବା ଦୁଇଜଣଙ୍କୁ ଧକ୍କା ଦେଇଥିଲା। ୨ ଆହତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମୃତ ୩ ଜଣଙ୍କର ପରିଚୟ ମିଳିଛି । ସେମାନେ ହେଲେ ମଂଶାରାମ (୩୦), ରଞ୍ଜିତ୍ (୩୫), ଧନୀରାମ । ଜଣଙ୍କର ପରିଚୟ ମିଳିନାହିଁ। ଦୁର୍ଘଟଣାର କାରଣ- ପୋଲିସ ପକ୍ଷରୁ ମିଳିଥିବା ସୂଚନାଅନୁସାରେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖୋଜି ଖୋଜି ଜାରି ରହିଛି । ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି । ସେହି ରୁଟରେ ଯାଉଥିବା ସମସ୍ତ ଗାଡିକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି । କେଉଁ ଗାଡି ଧକ୍କା ଦେଇଛି ତାହା ଖୁବ ଶୀଘ୍ର ଜଣାପଡିବ ।

ଏକ ମର୍ସିଡିଜ କାର ଧକ୍କା ଦେଇଥିବା କୁହାଯାଉଛି। ବେପରୁଆ ଗାଡି ଚାଳନା ପାଇଁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।



## ଆଜି ଶପଥ ନେବେ କାନାଡାର ନୂଆ ପ୍ରଧାନମନ୍ତ୍ରୀଙ୍କ



**ନୂଆଦିଲ୍ଲୀ,୧୩।୩:** କାନାଡା ପ୍ରଧାନମନ୍ତ୍ରୀ ପଦରୁ ଟ୍ରୁଡୋ ଅବସର ନେବାପରେ କାନାଡାର ନୂଆ ପ୍ରଧାନମନ୍ତ୍ରୀ ଭାବେ ମାର୍କ କାର୍ନେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ମଳିଥିବା ଖବର ମୁତାବକ ଲିବରାଲ ଦଳର ମାର୍କ କାନାଡାର ୨୪ ତମ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ଶୁକ୍ରବାର ଦିନ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଗତ ରବିବାର ସେ ଲିବରାଲ ଦଳର ନେତା ରୁପେ ଜୀତ୍ ହାସଲ କରିଥିଲେ। ତେବେ ବେଲାର୍‌ଷରେ ଥିବା ରାୟିଷ୍ଟୁ ହଲରେ ଏହି ଶପଥ ଗ୍ରହଣ ଉତ୍ସବ ପାଳନ ହେବାକୁ ଯାଉଛି ବୋଲି ଗଭର୍ଣ୍ଣର ଜେନେରାଲ ନେରୀ ସାଇମନଙ୍କ କାର୍ଯ୍ୟାଳୟ ସୂଚନା ପ୍ରଦାନ କରିଛି। ମିଡିଆ ରିପୋର୍ଟରେ କୁହାଯାଇଛି ଯେ ଟ୍ରୁଡୋ ଶୁକ୍ରବାର ଦିନ ଗଭର୍ଣ୍ଣର ଜେନେରାଲଙ୍କୁ ଭେଟି ଆନୁଷ୍ଠାନିକ ଭାବେ ତାଙ୍କ ଇସ୍ତଫା ପତ୍ର ଦାଖଲ କରିପାରନ୍ତି। ଆଉ ଏହା ପରେ କାର୍ନି ଶପଥ ନେବେ। ସେ ଶପଥ ନେବା ସହ ପୁରୁଣା ସଦନକୁ ଭାଙ୍ଗି ତାଙ୍କର ନୂତନ କ୍ୟାବିନେଟ ଘୋଷଣା କରିବେ। ବର୍ତ୍ତମାନ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ପାଇଁ କାନାଡାରେ ଆର୍ଥିକ ଅନିୟମିତତା ବଢ଼ିଯାଇଛି।

## ପୁଣିଥରେ ବାଲାଂଦେଶ ପ୍ରଧାନମନ୍ତ୍ରୀ ପଦକୁ ଫେରିବେ ଶେଖ୍ ହସିନା

### ଘନିଷ୍ଠ ବନ୍ଧୁ ଭାରତକୁ ଦେଲେ 'ଧନ୍ୟବାଦ'



**ଢାକା,୧୩।୩:** ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରଧାନମନ୍ତ୍ରୀ ଭାବରେ ତାଙ୍କ ଦେଶକୁ ଫେରିବାକୁ ଯାଉଛନ୍ତି। ଏନେଇ ତାଙ୍କର ଘନିଷ୍ଠ ସହଯୋଗୀ ଏବଂ ଯୁକ୍ତରାଷ୍ଟ୍ର ଆୱାମୀ ଲିଗର ଉପାଧକ୍ଷ ରାବି ଆଲାମ ଦାବି କରିଛନ୍ତି। ଏଏନ୍‌ଆଇ ସହିତ ସାକ୍ଷାତକାର ସମୟରେ ବାଂଲାଦେଶର ମଧବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ମଧ ସେ କହିଛନ୍ତି ଯେ "ହାସିନା ଯେଉଁଠାରୁ ଆସିଥିଲେ ସେଠାକୁ ଫେରିଯିବେ'। ଶେଖ ହାସିନାଙ୍କ ଘନିଷ୍ଠ ସହଯୋଗୀ ରାବି ଆଲାମ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରି କହିଛନ୍ତି ଯେ, ବାଲାଂଦେଶ ଉପରେ ଆକ୍ରମଣ ହେଉଛି। ଅନ୍ତର୍ଜାତୀୟ ସମୁଦାୟକୁ ଏଥିପ୍ରତି ଧାନ ଦେବା ଆବଶ୍ୟକ। ରାଜନୈତିକ ବିଦ୍ରୋହ ଠିକ ଅଛି, କିନ୍ତୁ ବାଂଲାଦେଶରେ ଏହା ହେଉନାହିଁ। ଏହା ଏକ ଆତଙ୍କବାଦୀ ବିଦ୍ରୋହ ବୋଲି ସେ କହିଛନ୍ତି।

## ୨ ମାସ ପାଇଁ ଲକ୍ଷ୍ନୌରେ ୧୬୩ ଧାରା ଲଗାଇଲେ ସରକାର



**ନୂଆଦିଲ୍ଲୀ,୧୩।୩:** ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଆସନ୍ତାକାଲି (ଶୁକ୍ରବାର) ଠାରୁ ଆଗାମୀ ଦୁଇ ମାସ ପାଇଁ ଲାଗୁ ହେବ ବିଏନ୍‌ଏସ୍‌ର ଧାରା ୧୬୩ (ପୂର୍ବରୁ ଧାରା ୧୪୪)। ଆଗାମୀ ଦିନରେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି, ପ୍ରଶାସନ ମାର୍ଚ୍ଚ ୧୪ ତାରିଖରୁ ବିଏନ୍‌ଏସ୍ ଧାରା ୧୬୩ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ସୂଚନାଥାଉକି, ଆଗାମୀ କିଛି ଦିନ ମଧରେ ହୋଲି, ରଙ୍ଗୋତ୍ସବ, ଶୀତଳା ଅଷ୍ଟମୀ, ନମାଜ, ଚୈତ୍ର ନବରାତ୍ରି, ଇଦ-ଉଲ-ଫିତର, ରାମ ନବମୀ, ମହାବୀର ଜୟନ୍ତୀ, ଆମ୍ବେଦକର ଜୟନ୍ତୀ, ଗୁଡ୍ ଫ୍ରାଇଡେ, ପର୍ଶୁରାମ ଜୟନ୍ତୀ, ମହାରାଣା ପ୍ରତାପ ଜୟନ୍ତୀ, ବୁଦ୍ଧ ପୂର୍ଣ୍ଣିମା ଭଳି ପର୍ବ ପାଳନ କରାଯିବ। ଏପରି ପରିସ୍ଥିତିରେ, ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ପର୍ବ ଗୁଡ଼ିକୁ ଶାନ୍ତିପୂର୍ଣ୍ଣ ପରିବେଶରେ ପାଳନ କରିବା ପାଇଁ ଏକ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର।

## ଏଫ୍‌ଆଇଜି ଆପାରଟ୍ସ ବିଶ୍ୱକପ୍

# ଭାରତୀୟ ଦଳରେ ଏଏମ୍/ଏନ୍‌ଏସ୍ ଓଡ଼ିଶା ଏଚ୍‌ପିସିରୁ ୪

**ଭୁବନେଶ୍ୱର, ୧୩।୩:** ସମ୍ମାନଜନକ ଏଫ୍‌ଆଇଜି ଆପାରଟ୍ସ ବିଶ୍ୱକପ୍ ୨୦୨୫ ଶୃଙ୍ଖଳାରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ ଉଚ୍ଚପ୍ରଦର୍ଶନ କେନ୍ଦ୍ର (ଏଚ୍‌ପିସି)ର ୪ ଜଣ ଖେଳାଳି ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି। ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଏମ୍‌ଏଜି) ବର୍ଗରେ ତପନ ମହାନ୍ତି ଓ ତପେଶ୍ୱରନାଥ ଦାସ ପ୍ରତିନିଧିତ୍ୱ କରିଥିଲେ। ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଡବ୍ଲ୍ୟୁଏଜି) ବର୍ଗରେ ପ୍ରଣତି ନାୟକ ଓ କରିସ୍ମା ରାଜପୁତ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଚଳିତ ମାସ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ଫ୍ଲୋର୍ ବ୍ୟାୟାମ/ଷ୍ଟିଲ୍ ରିଙ୍ଗ୍ ଇଭେଣ୍ଟରେ ତପନ ମହାନ୍ତି ଯୋଗ୍ୟତା ପର୍ଯ୍ୟାୟରେ ୮.୯୩୩ ସ୍କୋର ସହ ଫାଇନାଲ୍‌ରେ ଅଷ୍ଟମ ସ୍ଥାନରେ ରହିଥିଲେ। ଚଳିତ ମାସ ୨୦ରୁ ୨୩ ପର୍ଯ୍ୟନ୍ତ ତୁର୍କିର ଆଣ୍ଟାଲିଆଠାରେ ଆୟୋଜିତ ହେବାକୁ ଥିବା ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ପ୍ରଣତି ଓ କରିସ୍ମା ଯଥାକ୍ରମେ ଭଲ୍ଟ ଓ ବାଲାନ୍ସ ବିମ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ।



ସୂଚନାଯୋଗ୍ୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଜାତୀୟ ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ ଶିବିର ଚାଲିଛି। ଏହା ଗତ ମାସ ୨୬ରୁ ଆରମ୍ଭ ହୋଇଛି ଏବଂ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ ମିଶ୍ରଙ୍କୁ ଏମ୍‌ଏଜିର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏହାବ୍ୟତୀତ ଏଚ୍‌ପିସିର ପ୍ରଶିକ୍ଷକ ସିନୋଜ ମୁଲିୟିଲଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିର ପାଇଁ ଡବ୍ଲ୍ୟୁଏଜିର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏହି ଉପଲବ୍ଧିଗୁଡ଼ିକ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ପ୍ରଦାନ କରାଯାଇଥିବା ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସମଗ୍ର ବିକାଶ ଉପରେ ଆଲୋକପାତ କରିଥାଏ, ଯାହା କି ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭାରତରେ ଜିମ୍ନାଷ୍ଟିକ୍ସ ଖେଳକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ତୃଣମୂଳସ୍ତରର କ୍ରୀଡ଼ାବିତ୍‌ଙ୍କ ପାଇଁ ପୁରୀ, ଜୟପୁର ଓ ରାଉରକେଲାରେ ୩ଟି 'ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ ଏକାଡେମୀ ସ୍ଥାପନ କରିଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ 'ଉଡାନ୍' ଅଧୀନରେ ଏହି କାର୍ଯ୍ୟକ୍ରମ ପରିଚାଳିତ। କଂପାନି ଆନ୍ତର୍ଜାତିକ ଓ ଜାତୀୟ ଜିମ୍ନାଷ୍ଟିକ୍ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରତିବର୍ଷ ୩୬୦ ଜଣ କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଛି।

## ରାଜସ୍ଥାନ ରୟାଲ୍ସରେ ନଜର ଆସିବେ ବୈଭବ



**ଜୟପୁର, ୧୩।୩:** ଏଥର ଆଇପିଏଲରେ ଜଣେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଦେଖିବାକୁ ଦର୍ଶକ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସେ ହେଉଛନ୍ତି ଯୁବ ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ। ତାଙ୍କୁ ଏଥର ରାଜସ୍ଥାନ ରୟାଲ୍ସ ୧.୧ କୋଟି ଟଙ୍କାରେ କିଣିଛି। ବୈଭବଙ୍କ ବୟସ ମାତ୍ର ୧୩ ବର୍ଷ। ମାତ୍ର ୧୨ ବର୍ଷ ବୟସରେ ସେ ବିହାର ପକ୍ଷରୁ ରଣଜୀ ଟ୍ରଫି ପଦାର୍ପଣ କରିଥିଲେ। ଇତି ମଧ୍ୟରେ ସେ ଭାରତୀୟ ୧୯ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିସାରିଛନ୍ତି। ଗତ ବର୍ଷ ଅଷ୍ଟ୍ରେଲିଆ ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ସେ ୫୮ଟି ବଲ୍‌ରୁ ଶତକ ଅର୍ଜନ କରିଥିଲେ। ୧୯ବର୍ଷରୁ କମ୍ ଏସିଆ କପ୍‌ରେ ସେ ୫ଟି ମ୍ୟାଚ୍ ଖେଳି ସର୍ବାଧିକ ୧୭୬ ରନ ସଂଗ୍ରହ କରିଥିଲେ। ସେ ବିଶ୍ୱର ସବୁ ଶ୍ରେଷ୍ଠ ବୋଲରଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ ଥିବା ଅଧିନାୟକ ସଞ୍ଜୁ ସାମସନ ପ୍ରକାଶ କରିଛନ୍ତି। ସାମସନ କହିଛନ୍ତି, ମୁଁ ନେଟ୍ସରେ ବୈଭବଙ୍କ ବ୍ୟାଟିଂ ଦେଖୁଛି। ତାଙ୍କ ବିସ୍ଫୋରକ ବ୍ୟାଟିଂ ବେଶ୍ ପ୍ରଭାବିତ କରିଛି। ନେଟ୍ସରେ ସବୁ ବୋଲରଙ୍କୁ ସେ ଅତି ସହଜରେ ଛକା ମାରିପାରୁଛନ୍ତି। ଗ୍ରାଉଣ୍ଡର ଚାରି ଆଡେ ସଟ୍ ଖେଳିବାର ଦକ୍ଷତା ତାଙ୍କ ନିକଟରେ ରହିଛି।

## ପୁଣିଥରେ ପ୍ଲେୟର୍ ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଲେ ଗିଲ୍

**ନୂଆଦିଲ୍ଲୀ,୧୩।୩:** ଭାରତୀୟ ବ୍ୟାଟସମ୍ୟାନ ଶୁବମନ ଗିଲଙ୍କୁ ଫେବୃଆରୀ ପାଇଁ ଆଇସିସି ପ୍ଲେୟାର୍ ଅଫ୍‌ର ଅଫ୍ ଦି ମନ୍ଥ୍ ପୁରସ୍କାର ଦିଆଯାଇଛି। ଶୁବମନ ଗିଲ ତୃତୀୟ ଥର ପାଇଁ ଆଇସିସି ପ୍ଲେୟାର୍ ଅଫ୍‌ର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଛନ୍ତି। ଏହି ମାମଲାରେ ଗିଲ ଜସପ୍ରୀତ ବୁମରାଙ୍କୁ ପଛରେ ପକାଇ ଦେଇଛନ୍ତି। ବୁମରା ସର୍ବାଧିକ ଥର ICC ପ୍ଲେୟାର୍ ଅଫ୍‌ର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଛନ୍ତି। ବୁମରା ଦୁଇଥର ICC ପ୍ଲେୟାର୍ ଅଫ୍‌ର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଛନ୍ତି। କିନ୍ତୁ ଏବେ ଶୁବମନ ଗିଲ ବୁମରାଙ୍କୁ ପଛରେ ପକାଇ ଦେଇଛନ୍ତି।ମଗତ ମାସରେ ଗିଲ ଦିନିକିଆ ଫର୍ମାଟରେ ରନ ବର୍ଷା କରିଥିଲେ। ଗିଲ ଏକଦିବସୀୟ ଫର୍ମାଟରେ ୧୦୧.୫୦ ହାରରେ ୪୦୬ ରନ କରିଥିଲେ। ଶୁବମନ ଗିଲଙ୍କ ବ୍ୟତୀତ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ ସ୍ମିଥ ଏବଂ ନ୍ୟୁଜିଲାଣ୍ଡର ଗ୍ଲେନ ଫିଲିପ୍ସ ଫେବୃଆରୀ ମାସ ପାଇଁ ଆଇସିସି ପ୍ଲେୟାର ଅଫ ଦି ମନ୍ଥ୍ ପାଇଁ ମନୋନୀତ ହୋଇଥିଲେ, କିନ୍ତୁ ଗିଲ ଏହି ପୁରସ୍କାର ଜିତିଥିଲେ। ନିକଟରେ, ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଟିମ ଇଣ୍ଡିଆର ବିଜୟରେ ଗିଲଙ୍କ ଅବଦାନକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଥିଲା। ସେ ତାଙ୍କ ବ୍ୟାଟ ସାହାଯ୍ୟରେ ଭାରତୀୟ ଦଳର କାମ ସହଜ କରିଦେଇଥିଲେ। ଗିଲ ୫୫ଟି ଦିନିକିଆ



ମ୍ୟାଚରେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଏହି ଫର୍ମାଟରେ ଗିଲ ୯୯.୫୭ ଷ୍ଟ୍ରାଇକ ରେଟ ଏବଂ ୫୯.୦୪ ଆଭରେଜରେ ୨୭୭୫ ରନ କରିଛନ୍ତି। ଏହି ବ୍ୟାଟସମ୍ୟାନ ଦିନିକିଆ ଫର୍ମାଟରେ ୮ଟି ଶତକ ମାରିଛନ୍ତି। ଏହା ବ୍ୟତୀତ ସେ ୧୫ ଥର ଅର୍ଦ୍ଧଶତକ ରନ ଅତିକ୍ରମ କରିଛନ୍ତି। ଏହି ଫର୍ମାଟରେ ଗିଲଙ୍କ ସର୍ବଶ୍ରେଷ୍ଠ ସ୍କୋର ୨୦୮ ରନ।



## ଦ୍ରାବିଡ଼ ଆହତ, ରାଜସ୍ଥାନ ରୟାଲସ୍ ପ୍ରସ୍ତୁତିରେ ବ୍ୟାଘାତ

**ବେଙ୍ଗାଲୁରୁ:** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଓ ପ୍ରଶିକ୍ଷକ ତଥା ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍‌ସର ଏବେକାର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ବେଙ୍ଗାଲୁରୁରେ କ୍ରିକେଟ୍ ଖେଳୁଥିଲା ବେଳେ ଆହତ ହୋଇଥିଲେ ସେ। ଏହି କାରଣରୁ ଦ୍ରାବିଡ଼ ରାଜସ୍ଥାନ ରୟାଲ୍‌ସ ପ୍ରସ୍ତୁତି ଶିବିରରେ ଯୋଗଦେଇ ପାରି ନଥିବା ଦଳ ପକ୍ଷରୁ କୁହାଯାଇଛି। ରାଜସ୍ଥାନ ରୟାଲ୍‌ସ ମଧ୍ୟ ନିଜ 'ଏକ୍ସ' ପୃଷ୍ଠାରେ ଦ୍ରାବିଡ଼ଙ୍କ ଗୋଡ଼ରେ ପ୍ଲାଷ୍ଟର୍ ଲଗାଇଥିବା ଭିଡିଓ ପ୍ରକାଶ କରି ପ୍ରଶଂସକଙ୍କୁ ଏହି ବିଷୟରେ ସୂଚନା ଦେଇଛି। ଦ୍ରାବିଡ଼ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ଖୁବ୍‌ଶୀଘ୍ର ସେ ଜୟପୁରଠାରେ ଚାଲିଥିବା ପ୍ରସ୍ତୁତି ଶିବିରରେ ଯୋଗଦେବେ ବୋଲି ବି ଦଳ କହିଛି। ସୂଚନାଯୋଗ୍ୟ ଯେ ଭାରତକୁ ଗତବର୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା କରାଇବା ପରେ ରାଜସ୍ଥାନ ରୟାଲ୍‌ସର ମୁଖ୍ୟ ପ୍ରଶିକ୍ଷକ ପଦ ଗ୍ରହଣ କରିଥିଲେ ଦ୍ରାବିଡ଼। ସଞ୍ଜୁ ସାମସନ୍ ଏହି ଦଳର ଅଧିନାୟକ ଅଛନ୍ତି। ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ମେଗାନିଲାମରେ କିଣି ମଧ୍ୟ ରାଜସ୍ଥାନ ରୟାଲ୍‌ସ ବେଶ୍ ଚର୍ଚ୍ଚାରେ ରହିଛି।

## ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍‌ରୁ ସିନ୍ଧୁ ବିଦା

### ଦ୍ୱିତୀୟ ରାଉଣ୍ଡରେ ରୋହନ-ଋତ୍ୱିକା, ଗାୟତ୍ରୀ-ତ୍ରିଶା



**ଲଣ୍ଡନ, ୧୩।୩:** ଚଳିତ ଅଲ୍‌ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରୁ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ଅଭିଯାନ ପ୍ରଥମ ରାଉଣ୍ଡରେ ଶେଷ ହୋଇଛି। ବୁଧବାର ମହିଳା ଏକକ ରାଉଣ୍ଡ ୩୨ରେ ଏହି ଭାରତୀୟ ମହିଳା କଡ଼ା ସଂଘର୍ଷ କରି ୨୧-୧୯, ୧୩-୨୧, ୧୩-୨୧ରେ ଦକ୍ଷିଣ କୋରିଆର ଜିଇ କିମ୍‌ଙ୍କଠୁ ହାରିଯାଇଛନ୍ତି। ତେବେ ମିଶ୍ରିତ ଯୁଗଳ ଯୋଡ଼ି ରୋହନ କାପୁର ଓ ଋତ୍ୱିକା ଶିବାନୀ ଗଡ଼େ ଏବଂ ମହିଳା ଯୁଗଳ ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜଲି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରୋହନ ଓ ଋତ୍ୱିକା ୨୧-୧୦, ୧୭-୨୧, ୨୪-୨୨ରେ ଚାଇନିଜ୍ ତାଇପେର ୟେ ହଙ୍ଗ ୱିଇ ଓ ନିକୋଲ ଗୋଞ୍ଜାଲେସ୍‌ଙ୍କୁ ଏବଂ ଗାୟତ୍ରୀ ଓ ତ୍ରିଶା ୨୧-୧୩, ୨୧-୧୭ରେ ତାଇୱାନ୍‌ର ସୁଙ୍ଗ ସୁୟୋ-ୟୁନ୍ ଓ ଚେନ୍ ୟୁଫେଇଙ୍କୁ ହରାଇଥିଲେ। ଗତକାଲି ଲକ୍ଷ୍ୟ ସେନ୍ ଓ ମାଳବିକା ବଂଶୁଦ ନିଜ ନିଜ ମ୍ୟାଚ୍ ଜିତି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଥିଲେ।

## ଚର୍ଚ୍ଚାରେ ବରୁନଙ୍କ ତାମିଲ ଚଳଚ୍ଚିତ୍ର

**ନୂଆଦିଲ୍ଲୀ, ୧୩।୩:** ରହସ୍ୟମୟ ସ୍ପିନ୍ ବୋଲିଂରେ ପ୍ରତିପକ୍ଷ ବ୍ୟାଟର୍‌ଙ୍କୁ ଅନାୟସରେ ଜାଲରେ ଫଶାଇ ଦେଉଥିବା ଭାରତୀୟ ବୋଲର୍ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ସବୁଆଡ଼େ ଚର୍ଚ୍ଚା। ଭାରତ ଚାମ୍ପିଅନ୍ସ ଟ୍ରଫି ବିଜେତା ହେବାରେ ଏହି ୩୩ ବର୍ଷୀୟ ବୋଲରଙ୍କ ପ୍ରମୁଖ ଅବଦାନ ରହିଥିଲା। ସେ ଦୁବାଇରେ ୩ ମ୍ୟାଚ୍ ଖେଳି ଗୋଟିଏ ୫ ୱିକେଟ୍ ସଫଳତା ସହ ୯ ୱିକେଟ୍ ଅକ୍ତିଆର କରିଥିଲେ। ଖୁବ୍ କମ୍ ଦିନ ଭିତରେ ଜଣେ ସଫଳ କ୍ରିକେଟର୍ ହୋଇ ପାରିଥିବା ବରୁଣ ବହୁମୁଖୀ ପ୍ରତିଭାର ଅଧିକାରୀ। କ୍ରିକେଟ୍ କ୍ୟାରିୟର୍ ଆରମ୍ଭ କରିବା ପୂର୍ବରୁ ଏକ କ୍ରୀଡ଼ାଭିତ୍ତିକ ତାମିଲ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ମଧ୍ୟ କିଣି ଦେଇଥିଲେ ସେ। ଏହି ଚଳଚ୍ଚିତ୍ରଟି ୧୧ବର୍ଷ ତଳେ ଅର୍ଥାତ୍ ୨୦୧୪ରେ ମୁକ୍ତିଲାଭ କରିଥିଲା। ୬ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ବରୁଣ ବିଷ୍ଣୁ ବିଶାଳ ଓ ଶ୍ରୀଦିବ୍ୟା ଅଭିନୀତ ଚଳିଚ୍ଚିତ୍ର 'ଜିଭା'ରେ ଜଣେ କ୍ରିକେଟର୍ ଭୂମିକାରେ ଅଭିନୟ କରିଥିଲେ। ଚଳଚ୍ଚିତ୍ରଟି ଜଣେ କ୍ରିକେଟର୍‌ଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ଉପରେ ଆଧାରିତ ଥିଲା। ଶୀର୍ଷ ସ୍ତରରେ ପହଞ୍ଚିବା ପୂର୍ବରୁ ଜଣେ କ୍ରିକେଟର୍‌ଙ୍କୁ କିଭଳି ସଂଘର୍ଷ କରିବାକୁ ପଡ଼େ ତାହା ଏଥିରେ ନିଖୁଣ ଭାବେ ଦର୍ଶାଯାଇଥିଲା। ଏହି ଚଳଚ୍ଚିତ୍ରଟି ଜୁନ୍ ୨୦୨୩ରେ ଲୋକପ୍ରିୟ ତାମିଲ ସୋ' କୁକୁ ୱିଥ୍ କୋମାଲିରେ ବି ପ୍ରଦର୍ଶନ ହୋଇଥିଲା। କ୍ରିକେଟ୍‌କୁ ଭଲ ପାଉଥିବା ବରୁଣ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟରୁ ସ୍ଥାପତ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୨୬ ବର୍ଷ ବୟସରେ ପେସାଗତ କ୍ରିକେଟ୍ ଆରମ୍ଭ କରିବା ପୂର୍ବରୁ ସେ ସ୍ଥାପତ୍ୟରେ କ୍ୟାରିୟର କରିଥିଲେ।

### ୭ରୁ କଳିଙ୍ଗ ଷ୍ଟାଡିୟମ୍‌ରେ ସର୍ବଭାରତୀୟ ହକି ଚାମ୍ପିଅନ୍‌ସିପ୍

# ଭାଗନେବେ ୨୭ ପୁରୁଷ ଓ ୧୦ ମହିଳା ଟିମ୍

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଆସନ୍ତା ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୁଲିସ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୭୩ତମ ସର୍ବଭାରତୀୟ ହକି ଚାମ୍ପିଅନସିପ- ୨୦୨୫ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ଅପରାହ୍ନରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜି) ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରତିଯୋଗିତାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ବ୍ୟାପକ ବନ୍ଦୋବସ୍ତ ପାଇଁ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୨୭ଟି ପୁରୁଷ ଓ ୧୦ଟି ମହିଳା ପୁଲିସ୍ ଟିମ୍ ଅଂଶଗ୍ରହଣ କରିବେ। ଏଥିସହ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ଖେଳାଳି ଓ ଅତିଥିଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ସେମାନଙ୍କ ରହଣି ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା, ଉଦଘାଟନ ଓ ଉଦଯାପନୀ ସମାରୋହକୁ ଆକର୍ଷଣୀୟ ତଥା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡିଜିପି ବୈଠକରେ ଉପସ୍ଥିତ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ ଓ କିଟ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ଡିଜିପି ନିର୍ଦ୍ଦେଶ ଦେବା ସହ ଖେଳାଳିମାନଙ୍କୁ ଆନୁସଙ୍ଗିକ ସୁବିଧାସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି।ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଅତିରିକ୍ତ ପୁଲିସ କମିଶନର (କଟକ-ଭୁବନେଶ୍ୱର) ନରସିଂହ ଭୋଳ, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଆଇଜିପି (ଏସଏପି) ଅବିନାଶ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡା. ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ପ୍ରକାଶ ଆର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଏସପି (ରେଲୱେ) ବିବେକାନନ୍ଦ ଶର୍ମା, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜା ...

କରାଯିବ। ଏଥିରେ ବାହାର ଲୋକ ରହିପାରିବେ ନାହିଁ ବୋଲି ନିୟମ ରହିଛି। କିନ୍ତୁ ବିଜେଡିର ବଡ଼ବାବୁମାନେ ଯେତେବେଳେ ଦେଖିଲେ ଯେ ଏହି ଲୋଡିଂ ଏଜେନ୍ସିକୁ କରାୟତ୍ତ ନକଲେ ସେମାନେ ଖଣି ବେପାର ସହଜରେ କରିପାରିବେ ନାହିଁ, ସେତେବେଳେ ରାଜା ଚକ୍ରଙ୍କୁ ନେଇ ଉକ୍ତ ସଂସ୍ଥାରେ ଥଇଥାନ କଲେ। ଏହାପରେ ଆରମ୍ଭ କରିଥିଲେ ଅସଲ ଖେଳ। ଧିରେ ଧିରେ ରାଜା ସେଠାରେ ମୁଖିଆ ହୋଇଗଲେ। ଯିଏ ମୁହଁ ଖୋଲିଲା ପୁଲିସ ଓ ପ୍ରଶାସନ ଲଗାଇ ତାହା ମୁହଁ ବନ୍ଦ କଲେ।

ତେବେ ଅସଲ ଘଟଣା ପଦାକୁ ଆସିଲା ଯେତେବେଳେ ଜଣାଗଲା ଯେ ୨୦୧୭-୧୮ରୁ ୨୦୨୪ ପର୍ଯ୍ୟନ୍ତ ଏହି ସଂସ୍ଥାରେ ଥିବା ୧୮୫ କୋଟି ଟଙ୍କା ଚଳୁ ହୋଇଯାଇଛି। ଆଞ୍ଚଳିକ ବିକାଶ ନାଁରେ ୩୪ କୋଟି ଟଙ୍କା ଉଡ଼ିଛି। ହେଲେ ବିକାଶର ଚିହ୍ନବର୍ଣ୍ଣ ନାହିଁ। ସେହିଭଳି ରାଜା ଚକ୍ର ଗାଡ଼ିରେ ମା' କାଳୀ ପେଟ୍ରୋଲ ପମ୍ପରୁ ୯ କୋଟି ଟଙ୍କାର ତେଲ ପଡ଼ିଛି। ଶ୍ରମିକଙ୍କୁ ପାଉଣା ବାବଦରେ ୭୪ କୋଟି ଟଙ୍କା କାଗଜପତ୍ରରେ ଦିଆଯାଇଛି। ସଂସ୍ଥାର ମୂଳପ୍ରତିଷ୍ଠାତା ତଥା ଆଖପାଖ ଗାଁର ଲୋକେ ଏନେଇ ଯେତେବେଳେ ଅଭିଯୋଗ କଲେ, ସେତେବେଳେ ସେମାନଙ୍କ ମୁହଁ ବନ୍ଦ ପାଇଁ ୩୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ତେବେ ରାଜା ଚକ୍ର କାହା ବଳରେ କେନ୍ଦୁଝରରେ ରାଜା ପାଲଟିଥିଲେ, ତାହା ସମସ୍ତେ ଦେଖିଛନ୍ତି। ବିଜେଡି ବୈଠକରେ ବବିଙ୍କ ସହିତ ଏକାଧିକ ଫଟୋ ଏହାର ପ୍ରମାଣ ବୋଲି ବିଜେଡି କର୍ମୀମାନେ କହିବା ଆରମ୍ଭ କଲେଣି। ଦଳର ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର ବି ରାଜା ଚକ୍ର କେଲେଙ୍କାରୀ ନେଇ ମୁହଁ ଖୋଲିଛନ୍ତି। ଏ ସଂକ୍ରାନ୍ତରେ ସେ ବିଜେଡିର ବଡ଼ପଣ୍ଡାମାନଙ୍କୁ ସତର୍କ କରାଇ ଦେଇଥିବା କହିଛନ୍ତି। ତେବେ ରାଜାଙ୍କ ଆଉ ଗୋଟିଏ ଗର୍ହିତ କାର୍ଯ୍ୟର ସୁରାକ ପାଇଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା। ରାଜା ସେଠାରେ ପୂରା ଶଙ୍କରା କାରବାର କରିଛି। ଶଙ୍କର ମିନେରାଲ, ଶଙ୍କର ଟ୍ରାନ୍ସପୋର୍ଟିଂ, ଶଙ୍କର ରୋଡୱେଜ୍, ଶଙ୍କର ପ୍ରୋଜେକ୍ଟ ଆଦି କରି ଖଣି ଲୁଟ୍ କରିଛି। ଏବେ ରାଜାଙ୍କ ରାଜକୀୟ ଘରଠାରୁ ଆରମ୍ଭ କରି ମାଳ ମାଳ ଯାନବାହନ ଧରାପଡ଼ିବାରେ ଗୋଟିଏ ପରେ ଗୋଟିଏ ସତ ପଦାକୁ ଆସୁଛି।

ତେବେ ବିନା ରାଜନୈତିକ ଆଶୀର୍ବାଦରେ ରାଜା ଏତେ ଶକ୍ତିଶାଳୀ ହେବା ଆଦୌ ସମ୍ଭବପର ନୁହେଁ ବୋଲି ଆଲୋଚନା ଜୋର ଧରିଛି। ବିଜେଡିର ଯେଉଁମାନେ ରାଜନୀତି ସହିତ ଖଣି ବ୍ୟବସାୟରେ ଲିପ୍ତ ଥିଲେ ସେହିମାନେ ହିଁ ତାଙ୍କୁ ବଳ ଦେଇଛନ୍ତି। ଆଉ ଏହି ତାଲିକାରେ ଆଗରେ ଅଛନ୍ତି ବବି ଦାସ। ଏବେ ଆଗୁଆ ଜାମିନରେ ଆସିବା ପରେ ଚିତ୍ର ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି। ରାଜାକୁ ରିମାଣ୍ଡରେ ଆଣି ଜେରା କଲା ପରେ ଅସଲ ଖେଳାଳିମାନେ ପଦାକୁ ଆସିବେ। ଏହି ଖେଳାଳିଙ୍କ ଭିତରେ ବବି କ୍ୟାପଟେନ୍ ବୋଲି ଚର୍ଚ୍ଚା ଜୋର ଧରିଛି।

### ମୁଖା...

ମନ୍ତବ୍ୟ ଏବେ ବିଜେଡି ରାଜନୀତିରେ ବୋମା ବିସ୍ଫୋରଣ କରିଥିବା ବେଳେ ତାଙ୍କ ସହ ସ୍ୱର ମିଳାଇଛନ୍ତି ପାଟଣାର ବିଜେପି ବିଧାୟକ ଅଖିଳ ନାୟକ। ଏଥିସହ ବଦ୍ରି ଆଗକୁ ଆଉ କ'ଣ କ'ଣ ଖୁଲାସା କରୁଛନ୍ତି, ତା' ଉପରେ ଏବେ ସମସ୍ତଙ୍କ ନଜର।

### ଉତ୍ତରଦ୍ୱାରରେ...

ସାଂସ୍କୃତିକ କେନ୍ଦ୍ର ଓ ରଘୁନନ୍ଦନ ଲାଇବ୍ରେରୀ ନିର୍ମାଣ ହେବ। ଶ୍ରଦ୍ଧାଳୁଙ୍କ ମହାପ୍ରସାଦ ସେବନ ସୁବିଧା ପାଇଁ ଉତ୍ତର ଦ୍ୱାର ବାହାରେ କରାଯିବ ଅନ୍ନକ୍ଷେତ୍ର। ଜଗନ୍ନାଥ ବଲ୍ଲଭ ପାର୍କିଂ ଉପର ମହଲାରେ ଧ୍ୟାନ କେନ୍ଦ୍ର ନିର୍ମାଣ କାମ ଶୀଘ୍ର ସାରିବାକୁ ବି ନିର୍ଦ୍ଦେଶ ଦିଆଯାଇଛି । ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ସଂସ୍କୃତି ଉପଦେଷ୍ଟା କମିଟି ସଦସ୍ୟଗଣ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ଗୁଣ୍ଡିଚା ମନ୍ଦିର ଓ ପ୍ରମୋଦ ଉଦ୍ୟାନ ଆଦି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହାପରେ ଏ ସମ୍ପର୍କରେ ଆଲୋଚନା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପତ୍ତରିଆ କାର୍ଯ୍ୟ ସଂସ୍କୃତି ଓ ଧାର୍ମିକ ବିଚାରବିମର୍ଶ ଅନୁଯାୟୀ ସାରିବାକୁ ନିଷ୍ପତ୍ତି ହୋଇଚି ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ଏହାଛଡ଼ା ଓବିସିସିର ସମସ୍ତ ନିର୍ମାଣାଧୀନ ପ୍ରକଳ୍ପ ସମେତ ବିଭିନ୍ନ ମଠର ପୁନରୁଦ୍ଧାର, ଯଜ୍ଞସ୍ଥଳୀ, ପ୍ରବଚନ କେନ୍ଦ୍ର ଆଦି କାର୍ଯ୍ୟ ଶେଷ କରିବା ପାଇଁ ମଧ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଯୋଜନାର କାର୍ଯ୍ୟ ଶେଷ କରିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ଦିଗରେ ସମସ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଅସମ୍ପୂର୍ଣ୍ଣ ଥିବା ଶ୍ରୀମନ୍ଦିରର ଏସବୁ ପ୍ରକଳ୍ପ ନିର୍ମାଣ ନେଇ ଅନୁମୋଦନ ମିଳିସାରିଥିବାବେଳେ ରାଜ୍ୟ ସରକାରଙ୍କର ସହ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

### ଫେଲ୍ ହେଲା...

ଆଉ ବିରୋଧୀ ଦଳରେ ଅଛି। ସେଥିପାଇଁ ମୋ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମୁଁ କାହାକୁ ଡରିନାହିଁ, ମତେ ଫାଶୀ ଦେଇଦେଲେ ବି ମୁଁ ପ୍ରସ୍ତୁତ ଅଛି। ଯଦି ବାଚସ୍ପତି ରାଜ୍ୟରେ ନାରୀ ନିର୍ଯାତନା ନେଇ ଗୃହ କମିଟି



ଗଠନ କରନ୍ତି, ତେବେ ରାଜ୍ୟର ମା'ଭଉଣୀଙ୍କ ପାଇଁ ସେ କ୍ଷମା ମାଗିବାକୁ ପ୍ରସ୍ତୁତ ବୋଲି ତାରା କହିଛନ୍ତି। ଏଥିସହ ସେ ଆକ୍ଷେପ କରିଛନ୍ତି ଯେ ସରକାରଙ୍କର ମୋ ଉପରେ ଆଉ ମୋ ଦଳକୁ ଭାରୀ ଡର। ସେଥିପାଇଁ ସେ ଆମ ଉପରେ ଆକ୍ସନ ନେବାକୁ ବାଧ୍ୟ ହୋଇଛନ୍ତି। ତାଙ୍କର କେତେକ ମନ୍ତ୍ରୀ ଏବେ ବି ଚାପରେ ଅଛନ୍ତି। ସେଦିନ ମୋର କଲର୍ ଧରିଥିଲେ ଜୟନାରାୟଣ ମିଶ୍ର। ହେଲେ ମୁଁ ମାରପିଟ ମୁଡ୍‌ରେ ନ ଥିଲି। ମୁଁ ମାରିଥିଲେ ସେ ଆଉ ରହି ନଥାନ୍ତେ ବୋଲି ତାରା କହିଛନ୍ତି।

### ଏଣିକି ଯୁକ୍ତ...

ବିଭାଗ ପକ୍ଷରୁ ୧୬୮ କୋଟି ଟଙ୍କା ଆର୍ଥିକ ରାଶି ଅନୁମୋଦିତ ହୋଇଛି। ଏହି ଆର୍ଥିକ ରାଶି ଦ୍ୱାରା ମହାବିଦ୍ୟାଳୟମାନଙ୍କରେ ଅତିରିକ୍ତ ଶ୍ରେଣୀ ଗୃହ, ଲବ୍ରୋଟୋରୀ, କ୍ୟାଣ୍ଟିନ, ପାଠାଗାର, କମନ୍ ରୁମ୍, ମଲ୍ଟି ପର୍ପଜ୍ ହଲ୍, ଆଡମିନିଷ୍ଟ୍ରେଟିଭ ଓ ଆକାଡ଼େମିକ ବିଲଡିଂ ଆଦିର ନିର୍ମାଣ, ମରାମତି, ପୁନରୁଦ୍ଧାର କାର୍ଯ୍ୟ କରାଯାଇପାରିବ।

ଆଜି ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଏକ ଭାବବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ହେଉଛି ଆମର ଲକ୍ଷ୍ୟ। ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ ଲାଗୁ ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ପରେ ୪ ବର୍ଷ ମଧ୍ୟରେ ନିଜର ବିଇଡି ପାଠ୍ୟକ୍ରମକୁ ସମାପ୍ତ କରିପାରିବେ ଯାହାକି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିସହିତ ବେସରକାରୀ ମହାବିଦ୍ୟାଳୟମାନଙ୍କର ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୬୮କୋଟି ଟଙ୍କାର ଆର୍ଥିକ ରାଶି ଅନୁମୋଦିତ ହୋଇଛି, ଯାହାକି ନିଶ୍ଚିତ ରୂପେ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଦିବରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତବ୍ୟକ୍ତ କରିଛନ୍ତି।

### ବଙ୍ଗଳାଦେଶୀଙ୍କ...

କିଛି ଲୋକ ହୋଲି ଆଳରେ ଓଡ଼ିଶା ଛାଡୁଛନ୍ତି। ଏମାନଙ୍କ ଉପରେ ଗୁଇନ୍ଦା ପୁଲିସ୍ କଡ଼ା ନଜର ରଖିବା ପାଇଁ ମତ ପ୍ରକାଶ ପାଉଥିବା ବେଳେ ସହରର ବସ୍ତି ସମେତ ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଜିଲ୍ଲାର ସମୁଦ୍ରକୂଳିଆ ଅଞ୍ଚଳରେ କଡ଼ାକଡ଼ି ଯାଞ୍ଚ କରାଗଲେ ଅନେକ ଅନୁପ୍ରବେଶକାରୀ ଧରାପଡ଼ିବେ ବୋଲି ସୁରକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି।

### ୩୦ରୁ...

ଦର୍ଶାଯାଇଛି ଯେ ମୋବାଇଲ୍ ଆପ୍ଲିକେସନ୍ 'ଆୱାସ୍ ପ୍ଲସ୍' ମାଧ୍ୟମରେ ସାନି ସର୍ଭେ କରି ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସଂଶୋଧିତ ସର୍ତ୍ତାବଳୀ ଆଧାରରେ ସାନି ସର୍ଭେରେ ଯେଭଳି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ିବେ, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଏସଓପିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଏହି ଯୋଜନାରେ ହିତାଧିକାରୀଙ୍କୁ ୨୫ ବର୍ଗଫୁଟ ଅଞ୍ଚଳରେ ଘର ନିର୍ମାଣ ପାଇଁ ଲକ୍ଷେ ୨୦ ହଜାର ଟଙ୍କା ଦିଆଯିବ। ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସରିଲେ ଆଉ ୨୦ ହଜାର ଟଙ୍କା ଇନସେନଟିଭ ଆକାରରେ ଦିଆଯିବ। ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଏଥର ବଜେଟରେ ୧୦୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ରାଜ୍ୟ ସରକାର।

### ନିଜ ଜାଲରେ...

ମାରିଛି ବିଜେପି। କଳିଙ୍ଗନଗର ଗୁଳିକାଣ୍ଡଠାରୁ ଆରମ୍ଭ କରି ରତ୍ନଭଣ୍ଡାର ଯାଏ ଶହ ଶହ ପ୍ରସଙ୍ଗକୁ ବିଜେଡି ନେତାମାନେ ଆଇନର ଆଳ ଦେଖାଇ ବିଧାନସଭା ଆଲୋଚନାରୁ ଏଡାଇ ଯାଉଥିଲେ। ଏବେ ନିଜ ବିଛାଇଥିବା ଜାଲରେ ଛନ୍ଦି ହୋଇଯିବାରୁ ରାଗରେ ଫଁଫଁ ହେଉଛନ୍ତି ବିଜେଡି ନେତାଏ। ପ୍ରଶ୍ନକାଳ ଆରମ୍ଭରୁ ପୋଲାଭରମ ପ୍ରସଙ୍ଗରେ ବିଜେଡି ପ୍ରତିବାଦ କରିଥିଲା। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ମୂଳତବୀ ପ୍ରସ୍ତାବ ଦେଇଥିଲା ବିଜେଡି। ଏହି ବିବାଦ ଏବେ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ମୁଲତବୀ ନୋଟିସକୁ ଗ୍ରହଣ କରିନଥିଲେ ବାଚସ୍ପତି। ଓଡ଼ିଶା ସ୍ୱାର୍ଥ ରକ୍ଷାରେ ଅସମର୍ଥ ଡବଲ ଇଞ୍ଜିନ ସରକାର ବୋଲି କହିଛି ବିଜେଡି। କେନ୍ଦ୍ର ଆଗରେ ଆତ୍ମସମର୍ପଣ କରିଦେଇଛନ୍ତି। ସେମାନଙ୍କ ସାହସ ନାହିଁ ଆନ୍ଧ୍ର ସମ୍ପର୍କରେ କହିବାକୁ। ବାଚସ୍ପତି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଭାବିତ ହୋଇ ଆଲୋଚନା ପାଇଁ ଅନୁମତି ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେହିପରି ଅନ୍ୟତମ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ବିଜେପି ଓଡ଼ିଶା ଅସ୍ମିତାକୁ ଆଘାତ ଦେଇଛି। ଏବେ କାମ ଜୋରସୋରରେ ଚାଲିଲାଣି। ଓଡ଼ିଶା ସରକାର ଏନେଇ କଥା ହେବାକୁ କହିଥିଲେ, ହେଲେ ଏଯାଏଁ ଆଲୋଚନା କଲେନି। ମାମଲା ବିଚାରାଧୀନ ଅଛି ବୋଲି ଗୃହରେ ଆଲୋଚନା ହେଲାନି। ଅଥଚ କେନ୍ଦ୍ର ସରକାର ପ୍ରକଳ୍ପ ପାଇଁ ୧୬ ହଜାର କୋଟି ଦେଇପାରିଲେ।

ବିଜେଡ଼ିର ପୋଲାଭରମ ଅଭିଯୋଗ ଉପରେ କଡ଼ା ଜବାବ ରଖିଲେ ମାଲକାନଗିରି ବିଜେପି ବିଧାୟକ ନରସିଂହ ମାଡକାମୀ। ବିଜେଡିର ଅସଲ ମୁଖା ଖୋଲିଦେଲେ ବିଜେପି ବିଧାୟକ। କହିଲେ, ବିଜେଡି ପାଖରେ କୌଣସି ରାଜନୈତିକ ମୁଦ୍ଦା ନାହିଁ। ତାଙ୍କ ସରକାର ସମୟରେ ୨୦୦୪ରେ ପ୍ରକଳ୍ପ ଆରମ୍ଭ ହୋଇଛି, ସେତେବେଳେ ବିଜେର ଜଳସମ୍ପଦ ମନ୍ତ୍ରୀ ଥିଲେ। ହେଲେ ଆଜି ବିଜେଡି ବିସ୍ଥାପିତ ହୋଇଥିବା ମାଲକାନଗିରି ଲୋକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି। କାରଣ ବିଜେଡି ସରକାରରେ ଥିଲା ସମୟରେ କୌଣସି ପଦକ୍ଷେପ ନେଇନଥିଲା। ୨୪ ବର୍ଷ ଧରି ବିଜେଡି ମୁହଁରେ ତୁଣ୍ଡି ବାନ୍ଧି ରହିଲା। କୌଣସି ସର୍ଭେ, ପଲ୍ଲୀସଭା କି କ୍ଷୟକ୍ଷତିର ଆକଳନ ବି କଲେନାହିଁ। ଆନ୍ଧ୍ର ସରକାର ୫୦ରୁ ଅଧିକ ଥର ଆଲୋଚନା ପାଇଁ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। କିନ୍ତୁ ନବୀନ ଥରେ ବି ଆଲୋଚନା ପାଇଁ ଗଲେନାହିଁ। ୨୪ ବର୍ଷ ଶାସନରେ ଥିଲା ବେଳେ ଲୋକଙ୍କ ପାଇଁ ବିଜେଡି କିଛି କଲା ନାହିଁ। ଆଜି ମାଲକାନଗିରି ଜିଲ୍ଲା ମୋଟୁ ଅଞ୍ଚଳ ବୁଡ଼ିଯିବ ବୋଲି କହୁଛନ୍ତି। କିନ୍ତୁ ବିଜେଡି ପାଖରେ କେତେ ଅଞ୍ଚଳ ବୁଡ଼ିବ, କେତେ କ୍ଷୟକ୍ଷତି ହେବ, କେଉଁ ଅଞ୍ଚଳ ଲୋକେ ବିସ୍ଥାପିତ ହେବେ, ତା'ର କୌଣସି ରିପୋର୍ଟ ନାହିଁ। ଏବେ ପୋଲାଭରମ ପ୍ରକଳ୍ପର ୯୦ ଭାଗ କାମ ସରିଗଲାଣି। ଆଉ ମାତ୍ର ୧୦ ଭାଗ କାମ ବାକି ଅଛି। ତେଣୁ ବର୍ତ୍ତମାନ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେଡି ହିଁ ଏଥିପାଇଁ ଦାୟୀ ବୋଲି ସେ ଅଭିଯୋଗ କରିଥିଲେ।

# ଗାଁ ପରିକ୍ରମା କରି ଭୋଗ ଖାଉଛନ୍ତି ରାଧା ଗୋବିନ୍ଦ

**କାକଟପୁର/ଅସ୍ତରଙ୍ଗ, ୧୩।୩ (ସଂଚାର ବ୍ୟୁରୋ) :** ପ୍ରାଚୀ ଉପତ୍ୟକାର ଦୋଳ ଉତ୍ସବ ଫଗୁଦଶମିରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ଦୋଳଯାତ୍ରା । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ରିଶୋଲ ଅଞ୍ଚଳ ଦୋଳ ବିମାନ ଗାଁ ଗାଁ ବୁଲିବା ସହ ଦେବୀ ନଦୀ ପାର ହୋଇ ନଈଗୁଆଁ, ଖଣ୍ଡାସାହି ଗ୍ରାମରେ ପରିକ୍ରମା କରୁଛନ୍ତି। ସେହିପରି ବରାଙ୍ଗ, ନଗର, ଶିଶୁଅ,



## ବର୍ଷକୁ ଥରେ ମନ୍ଦିର ବାହାରକୁ ଆସନ୍ତି ଠାକୁର

ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ ଦୋଳ ବିମାନ ମଧ୍ୟ ଗାଁ ଗାଁ ବୁଲି ପୂଜା ପାଉଛନ୍ତି। କିଏ ଫଗୁ ରଙ୍ଗରେ ରଙ୍ଗୀନ ହୋଇଛି ତ ଆଉ କିଏ ପ୍ରସାଦ ବାଣ୍ଟି ପୁଣ୍ୟ ଅର୍ଜନ କରୁଛି। ପରମ୍ପରା ମୁତାବକ ଭୋଗପରେ ବିମାନରେ ବସି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ରାଧା ମାଧବ । ବର୍ଷକ ପରେ ମନ୍ଦିରରୁ ବାହାରପ୍ରାଙ୍ଗଣକୁ ବାହାରି ଭକ୍ତଙ୍କ ପାଖକୁ ଆସିଛନ୍ତି ଠାକୁର। ଭକ୍ତ ପରିବାର ପକ୍ଷରୁ ପଇଡ଼, ଲିଆ, ଉଖୁଡା ପ୍ରଭୃତି ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥାଏ । ଆଉ ଏହି ମହାମିଳନ ପର୍ବରେ ଭକ୍ତ ଆଉ ଭଗବାନ ଏକାକାର ହୋଇଯାଇଛନ୍ତି ।

ଦୋଳ ପାଇଁ ପ୍ରାଚୀ ଉପତ୍ୟକା ଏବେ ଚଳଚଞ୍ଚଳ ହୋଇ ଉଠିଛି । ଭାଇଚାରା ବାର୍ତ୍ତା ନେଇ ଗୋଷ୍ଠି ଗୋଷ୍ଠି ବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏହି ପର୍ବ ଗ୍ରାମର ପିଲା ଠାରୁ ବୁଢା ଯାଏଁ ସଭିଙ୍କ ମନରେ ଭରି ଦେଇଛି ଆନନ୍ଦ ଉଲ୍ଲାସ । ପ୍ରତି ଗାଁରେ ଜମାଣ ଠାରୁ ହରୀହର ଭେଟ ପର୍ଯ୍ୟନ୍ତ ୩ ଦିନ ଧରି ଗାଁ ମାନଙ୍କ ରେ ଉତ୍ସବ ପରିବେଶ ଲାଗି ରହିଥାଏ।ହରିବୋଲ, ହୁଳହୁଳି,ଶଙ୍ଖନାଦ,ଭଜନ କୀର୍ତ୍ତନରେ ଗାଁଦାଣ୍ଡ ଉଛୁଳି ପଡୁଥିବା ବେଳେ ଦୋଳ ଉତ୍ସବ ପାଇଁ ସବୁ ଗାଁ ଏବେ ଉତ୍ସବମୁଖର ହୋଇଉଠିଛି ।

# ସିଆଇଏସଏଫର ସୁରକ୍ଷିତ ତଟ ସମୃଦ୍ଧ ଭାରତ ସାଇକ୍ଲୋଥନ

**କୋଣାର୍କ, ୧୩।୩ (ସଂଚାର ବ୍ୟୁରୋ):** ସାଇକେଲ ଚାଳନା ମାଧ୍ୟମରେ ସୁରକ୍ଷିତ ତଟ ସମୃଦ୍ଧ ଭାରତ ବାର୍ତ୍ତାରେ କୋଷ୍ଟାଲ ସାଇକ୍ଲୋଥନକୁ କୋଣାର୍କରେ ଭବ୍ୟ ସ୍ୱାଗତ ଦିଆଯାଇଥିଲା। ଗୁରୁବାର ସଂଧ୍ୟାରେ କୋଣାର୍କ ମୁକ୍ତାକାଶ ରଙ୍ଗ ମଞ୍ଚରେ ଏହି କାର୍ଯ୍ୟକ୍ରମରେ ଅତିଥି

## କୋଣାର୍କରେ ସ୍ୱାଗତ

ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ, ଜାତୀୟ ଭଲିଭଲ ଖେଳାଳି ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗତ ମାର୍ଚ୍ଚ ୭ ତାରିଖରେ ପଶ୍ଚିମବଙ୍ଗର ବଖାଲିରୁ ଏହି



କୋଷ୍ଟାଲ ସାଇକ୍ଲୋଥନ ବାହାରିଥିଲା। ଓଡ଼ିଶାର ବ୍ରହ୍ମପୁର, ଗୋପାଳପୁର, ପୁରୀ ସାତପଡ଼ା ପରିକ୍ରମା କରିବ। ଆସନ୍ତା ମାର୍ଚ୍ଚ ୩୧ତାରିଖରେ କନ୍ୟାକୁମାରୀରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସିଆଇଏସଏଫର ସୁରକ୍ଷାକର୍ମୀ ସାମିଲ ହୋଇଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତର ସମୁଦ୍ର ତଟରେ ବସବାସ କରୁଥିବା ଲୋକଙ୍କ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ସମ୍ବେଦନଶୀଳ ରହିବା। ସାଇକ୍ଲୋଥନ ଦଳ ଶୁକ୍ରବାର ପୁରୀ ଅଭିମୁଖେ ବାହାରିବାର କାର୍ଯ୍ୟକ୍ରମ ରହିଛି।

# ବିଦ୍ୟାଳୟକୁ ମିଳିଲା ସ୍ଥାୟୀ ପଟ୍ଟା

**ନୟାଗଡ଼, ୧୩।୩ (ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ଅନ୍ତର୍ଗତ ୪ ଗୋଟି ପ୍ରାଥମିକ ବିଦ୍ୟାଳୟକୁ ନୟାଗଡ଼ ତହସିଲ ପକ୍ଷରୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ପ୍ରାଥମିକ ବିଦ୍ୟାଳୟ ଗୋଡିଆଳିକୁ ୬୧ ଡିସିମିଲର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ୱେଷ୍ଟ ଏଣ୍ଡ ପ୍ରାଥମିକ ବିଦ୍ୟାଳୟକୁ ୯ ଡିସିମିଲିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ଲେଖନପୁର ପ୍ରାଥମିକ ବିଦ୍ୟାଳୟକୁ ଦୁଇ ଡିସିମିଲିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟକୁ ୬ ଡିସିମିଲିର ପଟ୍ଟା ପ୍ରଦାନ କରାଯାଇଛି। ଆଜି ସ୍ଥାନୀୟ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଏହି ପଟ୍ଟା ପ୍ରଦାନ କରିଛନ୍ତି ।





## ୩ରୁ ବୁଢ଼ୀ ଠାକୁରାଣୀ ଯାତ୍ରା

# ସ୍ଥାପନ ହେଲା ଶୁଭଖୁଣ୍ଟି

**ବ୍ରହ୍ମପୁର, ୧୩।୩ (ସଂଚାର ବ୍ୟୁରୋ) :** ଆସନ୍ତା ମାସ ୩ ତାରିଖରୁ ଆରମ୍ଭ ହେବ ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା। ଚଳିତ ଥର ୨୬ ଦିନ ଧରି ମା'ଙ୍କ ଯାତ୍ରା ଆୟୋଜିତ ହେବା ପରେ ଏପ୍ରିଲ ୨୮ ତାରିଖ ଦିନ ଶେଷ ହେବ । ପାଖାପାଖି ଏକ ମାସ ଧରି ମା' ନିଜ ବାପ ଘରେ ରହି ପୂଜା ପାଇବେ। ଏହାପରେ ମୁଖ୍ୟ ପୀଠକୁ ଫେରିବେ । ବୁଧବାର ରାତିରେ ଶୁଭଖୁଣ୍ଟି ସ୍ଥାପନ ପାଇଁ ଆୟୋଜିତ ହୋଇଥିବା ସାଧାରଣ ସଭାରେ ଦିନ ଧାର୍ଯ୍ୟ କରାଯାଇଥିଲା। ପରମ୍ପରା ଅନୁଯାୟୀ ମା' ଙ୍କ ବାପଘର ପକ୍ଷରୁ ସହରବାସୀଙ୍କ ନିମନ୍ତେ ବୁଧବାର ସକାଳ ସମୟରେ ରାତିରେ ଯାତ୍ରାର ତାରିଖ ଧାର୍ଯ୍ୟ ହେବା ନେଇ ପାରମ୍ପରିକ ରୀତିନୀତିରେ ଧେଣ୍ଡୁରା ବଜାଇ ସୂଚନା ଦିଆଯାଇଥିଲା। ଏହାପରେ ଶୁଭଖୁଣ୍ଟି ସ୍ଥାପନ ଅବସରରେ ସହରର ବଡ଼ବଜାର ଦେଶୀ ବେହେରା ସାହିରେ ରାତି ସମୟରେ ଏକ ସାଧାରଣ ସଭା କରାଯାଇ ଯାତ୍ରାର ଶୁଭ ସମୟକୁ ପାରମ୍ପରିକ ସିଦ୍ଧାନ୍ତୀ (ପୁଜକ) ବାସୁଦେବ ଶାସ୍ତ୍ରୀଙ୍କ ପକ୍ଷରୁ ସ୍ଥିର କରାଯାଇ ଘୋଷଣା କରାଯାଇଥିଲା । ପ୍ରତି ୨ ବର୍ଷରେ ଥରେ ବୁଢ଼ୀ ଠାକୁରାଣୀ ଯାତ୍ରା ଆୟୋଜନ କରିବା ପରମ୍ପରା ରହିଛି । ଯାହାକୁ ଚାତକ ପରି ଚାହିଁ ରହିଥାନ୍ତି ପୁରା ବ୍ରହ୍ମପୁରବାସୀ । ଯାତ୍ରାର ପ୍ରଥମ ପର୍ବ ହୋଇଥାଏ ଶୁଭଖୁଣ୍ଟି ସ୍ଥାପନା । ଯାତ୍ରାର ପୁରୋଧା ତଥା ମୁଖ୍ୟ ପରିଚାଳକଙ୍କ ସିଦ୍ଧାନ୍ତୀ (ପୁରୋହିତ) ମା'ଙ୍କ ଶୁଭଖୁଣ୍ଟି ସ୍ଥାପନ ନେଇ ତିଥି ଓ ବାର ଧାର୍ଯ୍ୟ କରିଥାନ୍ତି । ପରମ୍ପରା ଅନୁଯାୟୀ ଏହି ଯାତ୍ରା ସମୟରେ ବଂଶାନୁକ୍ରମେ ମା' ଙ୍କ ନିକଟରେ ସେବା ଯୋଗାଇ ଆସୁଥିବା ପୃଷ୍ଟି ପରିବାର ଶୁଭଖୁଣ୍ଟି ସଂଗ୍ରହ କରି ଆଣିଥିବା ବେଳେ ଏହାକୁ ବୁଧବାର ରାତିରେ ଶୋଭାଯାତ୍ରାରେ ନିଆଯାଇ ମା'ଙ୍କ ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମା'ଙ୍କ ଯାତ୍ରା ହେବାକୁ ରହିଥିବା ଅସ୍ଥାୟୀ ମନ୍ଦିର ସ୍ଥାନରେ ତାହାକୁ ସ୍ଥାପନ କରାଯାଇଛି ।

## ଅଣ୍ଡିଲୋ ଗାଁରେ ରକ୍ତର ହୋଲି

# ଖଣ୍ଡାଚୋଟରେ ପୁଅ ମୃତ, ମାଅ ସମେତ ୨ ଆହତ

**ବାଲିଅନ୍ତା, ୧୩।୩ (ସଂଚାର ବ୍ୟୁରୋ):** ଅଣ୍ଡିଲୋ ଗାଁ ଦାଣ୍ଡ ଆଜି ସଂଧ୍ୟାରେ ରକ୍ତରଞ୍ଜିତ ହୋଇଛି। ସାଇକେଲ ଚୋରି ସନ୍ଦେହରେ ଜଣେ ବ୍ୟକ୍ତି ଖଣ୍ଡାରେ ଜଣେ ଯୁବକଙ୍କୁ ଆକ୍ରମଣ କରିଛି। ପୁଅକୁ ରକ୍ଷା କରିବାକୁ ଯାଇ ମା' ଗୁରୁତର ଆହତ ହୋଇଛି। ମୃତ ଯୁବକ ହେଲେ ବାଲିଅନ୍ତା ପଞ୍ଚାୟତ ଅଣ୍ଡିଲୋ ୫ ନମ୍ବର ୱାର୍ଡ଼ର ସୌମ୍ୟରଞ୍ଜନ ଭୋଇ(୩୨) ଓରଫ ମିଲୁ । ସେହିପରି ସୌମ୍ୟରଞ୍ଜନଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କର ମା' ମୀନା ଭୋଇ ମଧ୍ୟ ଆହତ ହୋଇଛନ୍ତି। ଖଣ୍ଡା ଚୋଟ ମୀନାଙ୍କ ଅଣ୍ଟା ଓ ହାତରେ ବାଜିଛି। ସେହିପରି ଖଣ୍ଡା ଆକ୍ରମଣରେ ସୌମ୍ୟରଞ୍ଜନଙ୍କ ସହ ଥିବା ତାଙ୍କର ସାଙ୍ଗ ଶେଖ ଅଜିତ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଅଜିତଙ୍କ ଶରୀର କ୍ଷତାକ୍ତ ହୋଇଥିଲେ ହେଁ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଆକ୍ରମଣକାରୀ ଯୁବକ ହେଲେ ଗ୍ରାମର ତରୁଣ ଭୋଇ ଓରଫ ଟିମ(୪୮)। ଏନେଇ ଘଟଣାସ୍ଥଳରେ ଭୀଷଣ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ତରୁଣକୁ କାବୁ କରି ବାଲିଅନ୍ତା ଥାନା ପୁଲିସକୁ ଫୋନକରି ଜଣାଇଥିଲେ। ଖବର ପାଇ ବାଲିଅନ୍ତା ଥାନା ପୁଲିସ ସୌମ୍ୟରଞ୍ଜନଙ୍କ ମୃତଦେହ ଜବତ କରି ଆହତ ମୀନା ଓ ଅଜିତକୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପୁଲିସ ଟିମକୁ ଘଟଣାସ୍ଥଳରୁ ଗିରଫ କରିବା ସହିତ ତା ନିକଟରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ମଧ୍ୟ ଜବତ କରିଛି। ସୂଚନା ଅନୁସାରେ ଚୋରି ସନ୍ଦେହରେ ତରୁଣ ଏଭଳି ବର୍ବର କାଣ୍ଡ ଘଟାଇଛି। ତରୁଣ ମାନସିକ ବିକାରଗ୍ରସ୍ତ। ଗତକାଲି ତାଙ୍କର ସାଇକେଲ ଚୋରି ଯାଇଥିଲା। ସାଇକେଲ ସୌମ୍ୟରଞ୍ଜନ ଓ ତାଙ୍କର ସାଙ୍ଗ ଶେଖ ଅଜିତ ନେଇଯାଇଥିବା ତରୁଣ ମନେ ମନେ ସନ୍ଦେହ କରିଥିଲା। ଆଉ ଉଭୟ ସୌମ୍ୟରଞ୍ଜନ ଓ ଅଜିତକୁ ପାନେ ଦେବା ପାଇଁ ଖୋଜୁଥିଲା। ଆଜି ସଂଧ୍ୟା ସାଢ଼େ ୭ଟା ବେଳେ ଗାଁ ଦାଣ୍ଡରେ ରକ୍ତର ହୋଲି ଖେଳିଥିଲା। ସୌମ୍ୟରଞ୍ଜନ ଓ ଶେଖ ଅଜିତ କାମସାରି ବାଇକରେ ଫେରୁଥିବା ବେଳେ ପୂର୍ବରୁ ଗାଁ ଦାଣ୍ଡରେ ଖଣ୍ଡା ଧରି ଛକି ବସିଥିବା ତରୁଣ ଉଭୟଙ୍କୁ ଆକ୍ରମଣ କରିଥିଲା। ବାଇକ ପଛରେ ବସିଥିବା ସୌମ୍ୟରଞ୍ଜଙ୍କ ବେକକୁ ଚୋଟ ପରେ ଚୋଟ ବସାଇ ଚାଲିଥିଲା। ସୌମ୍ୟରଞ୍ଜନଙ୍କୁ ବଞ୍ଚାଇବାକୁ ଯାଇ ସେଠାକୁ ଦୌଡ଼ି ଆସିଥିବା ତାଙ୍କର ମା ମୀନା ଆକ୍ରମଣର ଶିକାର ହୋଇଥିଲେ।

## ନୟାଗଡ଼ ଏସ୍‌ପି କଲେ ଖୁଲାସା

# ଦୁଇ ପୁଅକୁ ହତ୍ୟା କରିଥିଲା ଅଭିଯୁକ୍ତ ବାପା



**ନୟାଗଡ଼, ୧୩।୩ (ସଂଚାର ବ୍ୟୁରୋ) :** ଜହ୍ଲାଦ ବାପାର ନାରକୀୟ କାଣ୍ଡ। ଦ୍ୱିତୀୟ ବିବାହରେ ବାଧା ଦେବାରୁ ୨ ପୁଅକୁ ହତ୍ୟାକରିଥିଲା ଟାଙ୍ଗି ଦେଲା ବାପା ଓ ଜେଜେ ମା । ଫିଲ୍ମ ଷ୍ଟାଇଲରେ ହତ୍ୟା କରି ଖସି ଯିବାକୁ କରିଥିଲେ ବଡ଼ ନାଟକ। ହେଲେ ୪୮ଘଣ୍ଟା ଭିତରେ ନୟାଗଡ଼ ପୁଲିସ ହାବୁଡ଼ରେ ପଡ଼ିଥିଲେ ମୁଖ୍ୟ ଅଭିଯୁକ୍ତ । ଅଭିଯୁକ୍ତ ଆଉ କିଏ ନୁହେଁ, ଖୋଦ ଦୁଇ ଶିଶୁଙ୍କ ବାପା ଓ ଜେଜେ ମା। ଏଭଳି ଘଟଣା ଦେଖିବାକୁ ମିଳିଛି ଫତେଗଡ଼ ଥାନା ଧାନଚଙ୍ଗଡ଼ା ଗାଁରେ ।

ସୂଚନାନୁସାରେ, ନୟାଗଡ ଜିଲ୍ଲା ଧାନଚାଙ୍ଗଡ଼ା ଗାଁର ପ୍ରକାଶ ମାହାନ୍ତି ସ୍ତ୍ରୀ କୁମା ମାହାନ୍ତି ୨ ବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ତାଙ୍କର ୨ ପୁଅ ଆକାଶ ନବମ ଶ୍ରେଣୀରେ ପଢୁଥିବା ବେଳେ ବିକାଶ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ଗତ ରବିବାର ଦିନ ପ୍ରକାଶର ଦ୍ୱିତୀୟ ବିବାହ ପାଇଁ ଭୁବନେଶ୍ୱରରୁ ପ୍ରସ୍ତାବ ଆସିଥିଲା। ଦ୍ୱିତୀୟ ବିବାହ ପାଇଁ ବଡ଼ପୁଅ ଆକାଶ ବିରୋଧ କରୁଥିଲା। ସେହି ରାତିରେ ଆକାଶ ଓ ବିକାଶ ଶୋଇଥିବା ବେଳେ ପ୍ରକାଶ ଓ ତା ମା ସୌରୀ ପ୍ରଥମେ ବଡ଼ ପୁଅ ଆକାଶ ବେକରେ ଗାମୁଛା ମାଧ୍ୟମରେ ଚିପି ହତ୍ୟା କରିଥିଲା ଏବଂ ପରେ ସାନ ପୁଅ ବିକାଶକୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲେ ଜହ୍ଲାଦ ବାପା ପ୍ରକାଶ ଓ ଜେଜେ ମା ସୌରୀ । ପ୍ରମାଣ ନଷ୍ଟ କରିବା ପାଇଁ ଏବଂ ଆତ୍ମହତ୍ୟା ରୂପ ଦେବା ପାଇଁ ଜହ୍ଲାଦ ମା ପୁଅ ମିଶି ଦୁଇ ପୁଅଙ୍କ ମୃତ ଶରୀରକୁ ରଶି, ଲୁଗାରେ ଘର ଆଜବେଷ୍ଟ ଲୁହା ଆଙ୍ଗଲରେ ଝୁଲାଇ ଦେଇଥିଲେ । ବାପା ପ୍ରକାଶ ରାତି ରାତି ଫେରାର ହୋଇଯାଇଥିଲା ।

ସୋମବାର ଦିନ ଫତେଗଡ଼ ଥାନା ପୁଲିସ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ପ୍ରକାଶ ଓ ମା ସୌରୀଙ୍କୁ ଅଟକ ରଖି ପଚାରିବାରୁ ସେମାନେ ହତ୍ୟା କରିଥିବା କହିଥିଲେ । ହତ୍ୟାକାଣ୍ଡ ମାମଲାରେ ଆଜି ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ନୟାଗଡ ଏସ୍ପି ଏସ ସୁଶ୍ରୀ ସୂଚନା ଦେଇଛନ୍ତି।

# ଜଙ୍ଗଲୀ ମାଂସ ଓ ଦେଶୀ ବନ୍ଧୁକ ଜବତ


**ନୟାଗଡ଼, ୧୩।୩ (ସଂଚାର ବ୍ୟୁରୋ):** ଓଡ଼ଗାଁ ବନାଞ୍ଚଳ ଶୁଳିଆ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତ ବିଟଲଗାଡ଼ିଆ ନିକଟ ଏକ ମୁଗ ହୁଡାରୁ ଓଡ଼ଗାଁ ବନବିଭାଗ ୮ କେଜି ଜଙ୍ଗଲୀ ମାଂସ ସମେତ ଏକ ଦେଶୀ ବନ୍ଧୁକ ଜବତ କରିଛି।

ସୂଚନାନୁସାରେ, ଗୁରୁବାର ସକାଳ ୮ ଘଟିକା ସମୟରେ ଓଡ଼ଗାଁ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ଶୁଳିଆ ସଂରକ୍ଷିତ ଜଙ୍ଗଲ ନିକଟ ବିଟଲଗାଡ଼ିଆର ଏକ ମୁଗ ହୁଡାରେ ୪ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖି ବନବିଭାଗ ପକ୍ଷରୁ କର୍ମଚାରୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା।ବନବିଭାଗର ଗାଡିକୁ ଦେଖି ଅଭିଯୁକ୍ତମାନେ ଦେଶୀ ବନ୍ଧୁକଟିକୁ ବ୍ୟବହାର କରି ଘଟଣାସ୍ଥଳରୁ ଚମ୍ପଟ ମାରିବା ସହ ଅଧା ରାସ୍ତାରେ ବନ୍ଧୁକଟିକୁ ଫୋପାଡ଼ି ପଳାଇଥିଲେ। ଏହି ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୮ କେଜି ଜଙ୍ଗଲୀ ମାଂସ,୨ ଗୋଟି ଛୁରୀ,ଭୁଜାଲି



ଓ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିଲେ। ଚଢ଼ାଉ ସମୟରେ ବନପାଳ ସରିତା ବରାଳ,ଫରେଷ୍ଟ ଗାର୍ଡ ସୌମ୍ୟରଂଜନ ଦଳାଇ ଓ ପ୍ରୋଟେକ୍ସନ ସ୍କ୍ୱାର୍ଡ ଦିଲୀପ କୁମାର ବେହେରା,ଦାଶରଥୀ ବେହେରା ଓ ଟିମ ସାମିଲ ଥିଲେ।ଏହି ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ୩୮/୨୪ରେ ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଜାରି ରହିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

# 'ଡଷ୍ଟବିନ୍'ର ଗ୍ରାଣ୍ଡ୍ ଅଡିଓ ରିଲିଜ୍




- ଚଳଚ୍ଚିତ୍ର 'ଡଷ୍ଟବିନ୍'ର ସଙ୍ଗୀତ ଲୋକାର୍ପଣ କଲେ ବିଏମସି ମେୟର
- ଏପ୍ରିଲ ୧୧ରେ କରିବ ମୁକ୍ତିଲାଭ
- କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ ନିର୍ଦ୍ଦେଶନା ସହିତ ନାୟକ ଭୂମିକାରେ ପପୁ ପମ୍ ପମ୍

**ଭୁବନେଶ୍ୱର, ୧୩।୩ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର କଳ୍ପନା ଛକ ସ୍ଥିତ କନିକା ଗ୍ୟାଲେରୀଆ ମଲ୍ ପରିସରରେ ଚଳଚ୍ଚିତ୍ର 'ଡଷ୍ଟବିନ୍'ର ସଙ୍ଗୀତ ଲୋକାର୍ପିତ ହୋଇଯାଇଛି। ଖୋଲା ମଞ୍ଚ ଓ ଏକ ଭବ୍ୟ ସମାରୋହରେ ଏହାକୁ ଲୋକାର୍ପିତ କରିଛନ୍ତି ବିଏମସି ମେୟର ସୁଲୋଚନା ଦାସ। ଅନ୍ୟ ମାନଙ୍କ ମଧ୍ୟରେ ତରଙ୍ଗ ମ୍ୟୁଜିକର ମୁଖ୍ୟ ଦୀପ୍ତି ରଞ୍ଜନ ପଣ୍ଡା, ଦୁଲାଲ ଚନ୍ଦ୍ର ସାହୁ, ମୁଖ୍ୟ ପରିଚାଳନା ଅଧିକାରୀ, କନିକା ଗ୍ୟାଲେରିଆ ମଲ, ରାଜଶ୍ରୀ ପ୍ରଡକ୍ସନର ଅଖିଳ ବାବୁ, 'ଡଷ୍ଟବିନ'ର ପ୍ରଯୋଜକ କେ. କେ ସାହୁ, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଦୀପ୍ତ ସ୍ୱାଇଁ, ଅଭିନେତା ତଥା ସଙ୍ଗୀତ ନିର୍ଦ୍ଦେଶକ ପପୁ ପମ ପମ, ପ୍ରଚାର ବିଭାଗ ମୁଖ୍ୟ ହରପ୍ରସାଦ ମହାପାତ୍ର, ଶୁଭେଚ୍ଛୁ ତଥା ଯୁବ ପ୍ରଯୋଜକ ହିମାଦ୍ରୀ ତନୟ ଦାସ ଏବଂ ଚଳଚ୍ଚିତ୍ରର ସମସ୍ତ କଳାକାର ଓ ଟେକନିସିଆନ ଉପସ୍ଥିତ ଥିଲେ।

ତରଙ୍ଗ ମ୍ୟୁଜିକ ବ୍ୟାନରରେ ଏହାର ସଙ୍ଗୀତ ମୁକ୍ତିଲାଭ କରିଥିବା ବେଳେ ଗୀତ ଗୁଡିକରେ କଣ୍ଠଦାନ କରିଛନ୍ତି କୁଳଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି ପ୍ରମୁଖ ଆଗଧାଡ଼ିର କଣ୍ଠଶିଳ୍ପୀ। ଗୀତିକାର ଡ. ନିର୍ମଳ ନାୟକ, ଡ.ଦୀପକ ଜେନା ଓ ରଞ୍ଜନ ନାୟକଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ସଙ୍ଗୀତକାର ତତ୍ତ୍ୱପ୍ରକାଶ ଶତପଥୀ ଓରଫ୍ ପପୁ ପମ୍ ପମ୍। ପ୍ରତ୍ୟେକଟି ଗୀତ ଭିନ୍ନ ସ୍ୱାଦର ଓ ମନଛୁଆଁ ହୋଇପାରିଛି। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଏଥିରେ ଏକ ଦାମୀ ଡ୍ୟାନ୍ସ ନମ୍ବର ରହିଛି। ଏହି ଗୀତଟି ପାଇଁ ସମୁଦାୟ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଘଟଣା।

'ଡଷ୍ଟବିନ୍' ଏକ ସସ୍ପେନ୍ସ ଥ୍ରୀଲର ଓ ମର୍ଡର ମିଷ୍ଟ୍ରି ହୋଇଥିବା ବେଳେ ଏଥିରେ ଲଭ, ରୋମାନ୍ସ, ଆକ୍ସନ, ଇମୋସନ ସବୁକିଛି ଭରିରହିଛି। ସାଧାରଣ ପ୍ରେମ କାହାଣୀରେ ଡଷ୍ଟବିନ କେମିତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରେ ତାର ନିଆରା ନଜିର ରହିଛି ଏହି ଚଳଚ୍ଚିତ୍ରରେ। ଏପ୍ରିଲ ୧୧ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପିକେ ଫିଲ୍ମ ପକ୍ଷରୁ ସୂଚନା ଦିଆଯାଇଛି।

# ମା' ପେଣ୍ଡାଣୀ ଏଗ୍ରୋ ସଂଘ ବୈଠକ



**ଉମରକୋଟ, ୧୩।୩ (ସଂଚାର ବ୍ୟୁରୋ):** ସ୍ଥାନୀୟ ମା'ପେଣ୍ଡାଣୀ କଲ୍ୟାଣୀ ମଣ୍ଡପରେ ଉମରକୋଟ, ଚନ୍ଦାହାଣ୍ଡି, ରାଇଘର, ଝରିଗାଁ ବ୍ଲକର ଚାଷୀ ବିହନ ଓ ସାର ବିକ୍ରେତାଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ଚାଷୀ ଓ ଖୁଚୁରା ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚାଷୀ କିପରି ନକଲି ବିହନ, ସାର ଠାରୁ ଦୂରେଇ ରହିବେ, ଅଣସ୍ୱୀକୃତ ବ୍ୟବସାୟୀଙ୍କୁ ସାର, ବିହନ ବିକ୍ରି କରିବାରେ ବାରଣ କରାଯିବା ଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହି ଅବସରରେ ମା' ପେଣ୍ଡାଣୀ ଏଗ୍ରୋଆସୋସିଏସନ ନାଁରେ ଏକ ସଂଘ ଗଠନ କରାଯାଇଥିଲା। ସଭାପତି ଭାବେ ଶଙ୍କର ଚୌଧୁରୀଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ଚମ୍ପିକଲାଲଜୈନ ଓ ସଂଜିତ ମଣ୍ଡଳ, ସମ୍ପାଦକ ଭାବେ ସୁଦେବ ନନ୍ଦୀ, ଏମଡି ହନିଫ୍, ଯୁଗ୍ମସମ୍ପାଦକ ଶଙ୍କର ପ୍ରଧାନ, କ୍ୟାସିୟର ପିଣ୍ଟୁ ଅଗ୍ରୱାଲ, ନିକୁଞ୍ଜ ମାଝୀ, ସଞ୍ଜୟ ମିସ୍ତ୍ରୀ, ଅସିତ ମଣ୍ଡଳ, ଅଜୟ ସାମଲ, ବିଶ୍ୱମ୍ବର ପାତ୍ର, ଏମଡି. ପାତ୍ର, ବାଲାଜୀ ପାତ୍ର ପ୍ରମୁଖଙ୍କୁ କୋର କମିଟି ସଦସ୍ୟ ଭାବେ ଚୟନ କରାଯାଇଥିଲା ।

# ନାହିଁ ନାହିଁରେ ଚାଲିଛି ଜାମକୁଣ୍ଡା ଫାଣ୍ଡି

**ବାଲିଆପାଳ, ୧୩।୩ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଅଟେ। ବାଲିଆପାଳ ଥାନା ଅଧୀନରେ ଜାମକୁଣ୍ଡା ଫାଣ୍ଡିଟି ପରିଚାଳିତ। କଙ୍କଡ଼ାପାଡ ଠାରୁ ଚାଉଳିତି ପର୍ଯ୍ୟନ୍ତ ପରିବ୍ୟାପ୍ତ ମଧ୍ୟରେ ୧୭ଟି ପଞ୍ଚାୟତରେ ରହିଛନ୍ତି ପାଖାପାଖି ୧ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା। ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ଫାଣ୍ଡି ଏକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏଠାରେ ପାଟ୍ରୋଲିଂ ଗାଡ଼ି ନଥିବାରୁ ଫାଣ୍ଡି ଅଧିକାରୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେବଳ ଏତିକି ନୁହଁ, ଏହି ଅଞ୍ଚଳଗୁଡିକ ଗ୍ରାମାଞ୍ଚଳ ହୋଇଥିବାରୁ ଲୋକଙ୍କ ମଧ୍ୟରେ ପାରିବାରିକ ବିବାଦ, ଚୋରି, ଡକାୟତି, ନିଶା କାରବାର, ସୀମା ବିବାଦ ସାଂପ୍ରତିକ ପରିସ୍ଥିତିରେ ଗୋଣ୍ଡଗୋଳ ଲାଗି ରହେ। ଦୂରତା ଓ ଲୋକସଂଖ୍ୟାକୁ ଦେଖିଲେ ଅତି କମରେ ଗୋଟିଏ ପାଟ୍ରୋଲିଙ୍ଗ ଗାଡ଼ି, ବାଇକ୍, ଅଧିକ କର୍ମଚାରୀ ଆବଶ୍ୟକତା ରହିଛି। ଏହାଛଡ଼ା ଫାଣ୍ଡି ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରୀ ନାହିଁ। ଗୋଟିଏ ଲୁହା ଗେଟ ମଧ୍ୟ ଭଗ୍ନ ଅବସ୍ଥାରେ ରହିଛି। ଫାଣ୍ଡି ଅଧିକାରୀଙ୍କୁ ଛାଡିଦେଲେ ଦୁଇ ଜଣ କନେଷ୍ଟବଳ ରହିଛନ୍ତି। ଅନ୍ୟପକ୍ଷରେ କର୍ମଚାରୀମାନଙ୍କର ରହିବା ପାଇଁ କ୍ୱାର୍ଟର ନଥିବାରୁ ଫାଣ୍ଡି ମଧ୍ୟରେ କର୍ମଚାରୀ ମାନଙ୍କୁ ରହିବା ପାଇଁ ପଡୁଛି। ୩୦ ଦିନରୁ ୨୦ ଦିନ ଅନ୍ୟତ୍ର ଡିୟୁଟି ପଡୁଥିବାରୁ ଫାଣ୍ଡିକୁ ଯାଉ ଥିବା ଲୋକମାନେ ନାହିଁ ନଥିବା




ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୃହ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପରିଷଦ ବାବାଜୀ ବେହୁରି, କଂଗ୍ରେସ ବସ୍ତା ଯୁବ ସଭାପତି ତୀର୍ଥ କୁମାର ନାଗ, ସରପଞ୍ଚ ପ୍ରତିନିଧି ବେଣୁଧର ରଣଜିତ, ବିଜେଡି ବରିଷ୍ଠ ନେତା ରବିନ୍ଦ୍ର ବିଶ୍ୱାଳ, ପଞ୍ଚାୟତ ସଭାପତି ପ୍ରମୋଦ ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଅସ୍ତରଙ୍ଗ ଓ କାକଟପୁରରେ ମାଳମାଳ ବାଂଲାଦେଶୀ !

**କାକଟପୁର/ଅସ୍ତରଙ୍ଗ, ୧୩।୩ (ସଂଚାର ବ୍ୟୁରୋ):** ବନ୍ଧା ହେବେ ବାଂଲାଦେଶୀ। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ଚଢ଼ାଉ ହେବ ବୋଲି ଏସଟିଏଫ ଡିଆଇଜି ପିନାକ ମିଶ୍ରଙ୍କ ସୂଚନା ପରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଛାନିଆ ହୋଇପଡିଛନ୍ତି। ଏମାନେ ବିନା ଭିଶା ଓ ପାସପୋର୍ଟରେ ଏଠାରେ ରହୁଥିବା କୁହାଯାଇଛି।

ସୂଚନା ଅନୁସାରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଉପକଣ୍ଠରେ ବସତି ସ୍ଥାପନ କରି ଅନୁପ୍ରବେଶକାରୀ ରହୁଥିବା ଜଣାପଡିଛି। ଏମାନେ କେଉଁ ଅଞ୍ଚଳରୁ ଆସିଛନ୍ତି ତାହା ଉପରେ କାହାର ନଜର ରହୁନାହିଁ। ଅସ୍ତରଙ୍ଗ ହେଉ ଅବା କାକଟପୁରରେ ରହି କେତେକ ଠିକାସଂସ୍ଥା ଦ୍ୱାରା ନିର୍ମିତ ଘର କାମ ମଧ୍ୟ କାମ କରୁଛନ୍ତି କିନ୍ତୁ ତାଙ୍କର ସମ୍ପୂର୍ଣ୍ଣ ଠିକଣା ବିବରଣୀ ସ୍ଥାନୀୟ ପୋଲିସ ନିକଟରେ ନାହିଁ ବୋଲି ସୂଚନା ମିଳିଛି। ବିଭିନ୍ନ ସମୟରେ ଏହି ଅନୁପ୍ରବେଶକାରୀମାନେ ଛୋଟ ଚୋରି ଠାରୁ ଆରମ୍ଭ



କରି ଧଳା ଜହର କାରବାର ସମ୍ପୃକ୍ତ ରହୁଥିବା ଅନୁମାନ କରାଯାଉଛି। ନିଜର ପ୍ରକୃତ ପରିଚୟ ଲୁଚାଇବା ପାଇଁ ଏମାନେ ମାର୍ବଲ ମିସ୍ତ୍ରୀ, ଫେରିବାଲା, ରଙ୍ଗୱାଲା, ରାଜମିସ୍ତ୍ରୀ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ଏପରି କାର୍ଯ୍ୟ ନିମନ୍ତେ କୌଣସି ପରିଚୟପତ୍ରର ଆବଶ୍ୟକତା ନଥିବାରୁ ଏପରି ପେଶା ସେମାନଙ୍କୁ ସୁହାଉଛି।

ଏମାନେ କାକଟପୁର ଓ ଅସ୍ତରଙ୍ଗରେ କିଛି ଦିନ

- ଚୋରି, ଡ୍ରଗ୍ସ କାରବାରରେ ସମ୍ପୃକ୍ତି ସୂଚନା
- ଚିହ୍ନଟ ପାଇଁ ପ୍ରଶାସନ ସଜବାଜ

ରହିବା ପରେ ସ୍ଥାନୀୟ ବାସିନ୍ଦା ହୋଇଯାଉଛନ୍ତି। ଏହି ଅଞ୍ଚଳର ଝିଅ ମାନଙ୍କୁ ବିବାହ ପରେ ସ୍ଥାନୀୟ ପରିଚୟ ପତ୍ର ହାତେଇବାରେ ସେମାନଙ୍କୁ ସୁବିଧା ହେଉଛି। ସ୍ଥାନୀୟ ବାସିନ୍ଦା ହୋଇଯିବା ପରେ ସେମାନେ ଫେରିବାଲା ନଚେତ ଗୁପଚୁପ ବେପାର କରିବା ଆଳରେ କିଛି ଲୋକଙ୍କୁ ଆଣି ନିୟୋଜିତ କରାଉଛନ୍ତି। ସେମାନଙ୍କୁ ପଶ୍ଚିମବଙ୍ଗର ବୋଲି ପରିଚିତ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ କିଛି ଲୋକ ସେମାନଙ୍କୁ ସହଯୋଗ କରୁଥିବାରୁ ଅନୁପ୍ରବେଶକାରୀ ସଂଖ୍ୟା ବଢୁଛି ବୋଲି ଅନୁମାନ କରାଯାଉଛି। ଏମାନଙ୍କ ଦ୍ୱାରା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ହେଉ ଅବା ଜଗତସିଂହପୁର ଜିଲ୍ଲାକୁ ଯାତାୟାତ ରାସ୍ତା ତାଳଦା ସେତୁ ନିକଟରେ ଡ୍ରଗ୍ସ କାରବାର ବ୍ୟାପକ ହେଉଥିବା ଶୁଣିବାକୁ ମିଳୁଛି। ରାଜ୍ୟ ବାହାରେ ବିଭିନ୍ନ ଅପରାଧିକ ଘଟଣା ଘଟାଇ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ବେଶ ପରିବର୍ତ୍ତନ କରି ରହୁଛନ୍ତି। ଦିନରେ ଫେରିବାଲା ଭାବେ ବୁଲି ନକ୍ସା କରିବା ପରେ ରାତିରେ ଛୋଟ ମୋଟ ଚୋରି କରୁଛନ୍ତି। ସବୁ ଚୋରି ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ ହେଉନଥିବାରୁ ଏମାନଙ୍କର ଗତିବିଧି ଉପରେ ପୁଲିସ ବିଶେଷଭାବେ ଗୁରୁତ୍ୱ ଦେଉ ନାହିଁ ବୋଲି ଆଲୋଚନା ହେଉଛି। ସବୁଠାରୁ ସଙ୍ଗିନୀ ପ୍ରସଙ୍ଗ ଏମାନଙ୍କ ମଧ୍ୟରୁ ଏକାଧିକ ଯୁବତୀ ଲୁଚାଛପାରେ ଦେହ ବ୍ୟବସାୟ କରୁଛନ୍ତି। କିନ୍ତୁ ସ୍ୱତନ୍ତ୍ର ଯାଞ୍ଚ ନ ହେବାରୁ ପୁଲିସ ଟେର ପାଉନି।

# ଓଜେଏସ୍ ପରୀକ୍ଷାରେ କିଟ୍ ଲ' ସ୍କୁଲ୍‌ର ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ଭୁବନେଶ୍ୱର, ୧୩।୩ (ସଂଚାର ବ୍ୟୁରୋ):** ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ପରୀକ୍ଷାରେ କିଟ୍ ଲ ସ୍କୁଲ୍‌ର ୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ଓଜେଏସ୍ -୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିଟ୍ ଲ ସ୍କୁଲ୍‌ରୁ ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଲ ସ୍କୁଲ୍‌ର ଅଭିପ୍‌ସା ମହାକୁଡ଼ ୧୨ତମ, ଶ୍ରୀୟଙ୍କା ଦାଶ ୧୩ ତମ ଓ ଆର୍ଯ୍ୟ କୁମାର ସେନାପତି ୧୮ତମ ସ୍ଥାନରେ ରହିଛନ୍ତି । ଅଭିପ୍‌ସା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗରେ ସହକାରୀ ନିର୍ଦ୍ଦେଶକ, ଆଇନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀୟଙ୍କା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଗବେଷଣା ସହକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଏହି ସଫଳତାରେ ଅଭିଭାବକ ତଥା ଛାତ୍ରଛାତ୍ରୀମାନେ କିଟ୍ ଲ ସ୍କୁଲ୍‌କୁ ଧନ୍ୟବାଦ ଜଣାଇବା ସହ ଏଠାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବାରୁ କିଟ୍ ଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଲଗାତାର ସଫଳତା ହାସଲ କରିଆସୁଛନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ଏହି ଅଭୂତପୂର୍ବ ସଫଳତାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କିଟ୍ ଲ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ଓ ଅଧ୍ୟାପକ ଅଧ୍ୟାପିକାଙ୍କ ନିରନ୍ତର ପ୍ରୟାସ ଯୋଗୁଁ କିଟ୍ ଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବର୍ଷ ସଫଳତା ପାଇ ଆସୁଛନ୍ତି ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିପାରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

# ବନ୍ଧୁକ ତିଆରି କାରଖାନା ଠାବ, ୪ ଗିରଫ

● ୩୦ରୁ ଊର୍ଦ୍ଧ୍ୱ ବନ୍ଧୁକ ଜବତ
● ଦୀର୍ଘ ୩ ବର୍ଷ ଧରି ଚାଲିଥିଲା



**କଟକ,୧୩।୩(ସଂଚାର ବ୍ୟୁରୋ):** କଟକ ଉପକଣ୍ଠ ବୟାଳିଶ ମୌଜା ଅନ୍ତର୍ଗତ ଧୁଲେଶ୍ୱର ଗ୍ରାମରେ ଆଜି କ୍ରାଇମ୍ ବ୍ରାଞ୍ଚ୍ ଓ ଏସ୍‌ଟିଏଫ୍ ପକ୍ଷରୁ ଏକ ବନ୍ଧୁକ ତିଆରି କାରଖାନା ଠାବ କରାଯାଇଛି। ଉକ୍ତ ଗ୍ରାମର ଶରତ ଯାଦବଙ୍କ ଘରେ ଚଢ଼ାଉ କରାଯାଇଥିବା ବେଳେ ସେଠାରୁ ୩୦ରୁ ଊର୍ଦ୍ଧ୍ୱ ବନ୍ଧୁକ ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଓ ମେସିନ ଜବତ କରାଯାଇଛି। ତେବେ ମାସେ କି ଦୁଇମାସ ନୁହେଁ, ବରଂ ଦୁଇ ବର୍ଷରୁ ଅଧିକ ସମୟ ହେବ ଏହି କାରବାର ଚାଲିଥିବା ଜଣାପଡ଼ିଛି।

ଏକ ଗୁହାଳ ନିକଟରେ ଚାଲିଥିବା ଏହି ବନ୍ଧୁକ ତିଆରି କାରଖାନା ସମ୍ପର୍କରେ ନା କମିଶନରେଟ ପୁଲିସ୍ ନା ଓଡ଼ିଶା ପୋଲିସ, କେହି ବି ସୂଚନା ପାଇପାରିଥିଲେ। ଯାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ପଶ୍ଚିମବଙ୍ଗ ଏସଟିଏଫ, ଓଡିଶା ଏସଟିଏଫ ଓ କମିଶନରେଟ ପୁଲିସ ସହାୟତାରେ ଏହି କାରଖାନା ଠାବ କରାଯାଇପାରିଛି। କାରବାରରେ ସମ୍ପୃକ୍ତ ଘର ମାଲିକଙ୍କ ସମେତ ୪ ଜଣଙ୍କୁ ଗିରଫ କରିବା ସହ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ଏହି କରବାରର ଚେର ବାୟାଳିଶ ମୌଜା ଧୁଲେଶ୍ୱରରୁ ପଶ୍ଚିମବଙ୍ଗ ଦେଇ ବିହାରକୁ ଲମ୍ବିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପୁଲିସ୍ ଗିରଫ କରିଥିବା ୪ ଜଣ ହେଲେ ଶରତ ଯାଦବ, ତାଙ୍କର ୩ ସହଯୋଗୀ ମସେର ଅଲ୍ଲୀ, ଅଜାମ ଓ ମହମ୍ମଦ। ଘର ମାଲିକ ତଥା ଏହି ସାଙ୍ଘାତିକ କାରବାରର ମୁଖ୍ୟ ଅଭିଯୁକ୍ତ ଶରତ ଏମାନଙ୍କୁ କାମରେ ଲଗାଇ ଦିନକୁ ଦୁଇଟି ଲେଖାଏଁ ବନ୍ଧୁକ ତିଆରି କରୁଥିବା ପୁଲିସ୍ ଆଗରେ ସ୍ୱୀକାର କରିଛି। ସେ ଦେଇଥିବା ସୂଚନାନୁସାରେ, ବନ୍ଧୁକ ତିଆରି ପାଇଁ ବ୍ୟବହୃତ ହେଉଥିବା ଲୁହା ପ୍ଲେଟକୁ ଘଷି ଗଦା ଭିତରେ ଲୁଚାଇ ରଖାଯାଉଥିଲା। ବନ୍ଧୁକ ପ୍ରସ୍ତୁତ ହେବା ପରେ ଏହାକୁ ନେଇ ଘର ପଛ ପଟ ଏକ ଗାତରେ ପୋତି ରଖାଯାଉଥିଲା। ସୁପାରୀ କିଲରଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ଅପରାଧୀ ଏଠାକୁ ଆସି ଏହି ବନ୍ଧୁକ କିଣୁଥିଲେ। ସବୁକିଛି ରାତି ଅନ୍ଧାରରେ ଚାଲୁଥିଲା। କେହି ପଚାରିଲେ ଏଠାରେ ନଟବୋଲ୍ଟ ତିଆରି ହେଉଥିବା ଶରତ ସମସ୍ତଙ୍କୁ କହୁଥିଲା। ତେବେ ଓଡ଼ିଶା ପୁଲିସ ତଥା କମିଶନରରେଟ ପୁଲିସ୍ ଅଧୀନରେ ଥିବା ବୟାଳିଶ ମୌଜା ଥାନାଠାରୁ ମାତ୍ର ୨ କିଲୋ ମିଟର ଦୂରରେ ଏହି କାରବାର ଚାଲୁଥିବାରୁ କିପରି ପୁଲିସ୍ ଏନେଇ କିଛି ବି ଜାଣିପାରୁନଥିଲା ତାହା ସମସ୍ତଙ୍କୁ ଚକିତ କରିଛି। ସେହିଭଳି ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଏହି ବନ୍ଧୁକ ତିଆରି କାରଖାନା ସମ୍ପର୍କରେ ବି କିଛି ଟେର ପାଇ ନଥିବା ଜଣାପଡ଼ିଛି।

# ଭଦ୍ରକ ଜିଲ୍ଲାରେ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

**ଭଦ୍ରକ,୧୩।୩ (ସଂଚାର ବ୍ୟୁରୋ):** ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କଲେ ଭଦ୍ରକ ଜିଲ୍ଲାପାଳ। ତିନି ଦନ ମାର୍ଚ୍ଚ ୧୪ରୁ ମାର୍ଚ୍ଚ ୧୬ ଯାଏ ଛୁଟି ରହିଛି। ଏହା ଭିତରେ ହୋଲି ପର୍ବ ରହିବା କିନ୍ତୁ ହୋଲି ସମୟରେ ଭଦ୍ରକରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିପାରେ। ବରିଷ୍ଠ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ତ୍ୱରିତ ପଦକ୍ଷେପ ନେବା ସମ୍ଭବ ନୁହେଁ। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ଭଦ୍ରକ ମୁଖ୍ୟାଳୟରେ ରହିବାକୁ ଚିଠି କରିଛନ୍ତି ଜିଲ୍ଲାପାଳ। ସୂଚନାଯୋଗ୍ୟ, ଭଦ୍ରକରେ ପୂର୍ବରୁ ସାଂପ୍ରଦାୟିକ ଘଟଣା ଘଟିବାର ନଜିର ରହିଛି। ଜିଲ୍ଲାରେ ହୋଲି ସମୟରେ ସାଂପ୍ରଦାୟିକ ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ହୋଲିରେ ଯୁବକମାନେ ବୁଲି ଆଇନ ଶୃଙ୍ଖଳାକୁ ଚାଲେଞ୍ଜ ଦେଇପାରନ୍ତି। ତେଣୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି।

# ଆଇଆରବି କନଷ୍ଟେବଲ ସିପାହୀ ନିଯୁକ୍ତିରେ ରୋକ

**ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୟସ ଅତିକ୍ରାନ୍ତ ପ୍ରାର୍ଥୀ**

**କଟକ,୧୩।୩(ସଂଚାର ବ୍ୟୁରୋ):** ଆସନ୍ତା ୧୭ରୁ ଆଇଆର୍‌ବି କନଷ୍ଟେବଲ ସିପହାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବାକୁ ଥିଲେ ହେଁ ଏହା ଉପରେ ଆଜି ହାଇକୋର୍ଟ ରୋକ ଲଗାଇଛନ୍ତି। ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ ରଖିବା ସକାଶେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନ ପାଇଁ ଧାର୍ଯ୍ୟ ବୟସ ଅତିକ୍ରାନ୍ତ କରିଥିବା ପ୍ରାର୍ଥୀମାନେ ପୂର୍ବରୁ ଜାରି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଏହି ନିଯୁକ୍ତି ପ୍ରକ୍ରିୟାରେ ରୋକ ଲଗାଇବା ସକାଶେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆବେଦନର ଶୁଣାଣି କରି ଆଜି ହାଇକୋର୍ଟ ଉପରୋକ୍ତ ଆଦେଶ ଜାରି କରିଛନ୍ତି।

କୋଭିଡ କାରଣରୁ ପ୍ରାୟ ୩ ବର୍ଷ ଯାଏଁ ଆଇଆରବି କନଷ୍ଟେବଳ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନଥିଲା। ସେହି ସମୟ ଭିତରେ କେତେକ ପ୍ରାର୍ଥୀଙ୍କ ବୟସ ଅତିକ୍ରାନ୍ତ ହୋଇଯାଇଥିଲା। କରୋନା କାଳ ଅତିକ୍ରମ ପରେ ପ୍ରାୟ ୧୮୦୦ ଆଇଆରବି କନଷ୍ଟେବଳ ସିପାହୀ ପଦ ଲାଗି ଆବେଦନ କରିବା ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଲା। ତେବେ ସେଥିରେ ବୟସାଧିକ୍ୟ କାରଣରୁ ବାଦ ପଡ଼ିଥିବା କେତେକ ପ୍ରାର୍ଥୀ ଇଣ୍ଟରଭ୍ୟୁ ଦେବା ଲାଗି ଅନୁମତି ଲୋଡ଼ିବା ସହ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନକୁ ବିଚାର କରି ଇଣ୍ଟରଭ୍ୟୁରେ ସାମିଲ ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହା ଭିତରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କିନ୍ତୁ ବୟସ ଅତିକ୍ରମ କରିଥିବା ପ୍ରାର୍ଥୀମାନେ ମେଧା ତାଲିକାରୁ ବାଦ ପାଇଥିବାରୁ ସେମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ୨୦ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

**ବିଜେପି ବିଧାୟକଙ୍କ ଅଭିଯୋଗ**

# ଅସ୍ତିତ୍ୱ ବଞ୍ଚାଇବାକୁ ଇଣ୍ଡି ମେଣ୍ଟମୁହାଁ ହୋଇଛନ୍ତି ନବୀନ



**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଓଡ଼ିଶାରେ ବିଜେଡି ଗତ ନିର୍ବାଚନରେ ପରାସ୍ତ ହେବା ପରେ ଦଳ କ୍ରମାଗତ ଭାବେ ରସାତଳଗାମୀ ହେଉଛି। ତେଣୁ ଦଳର ଅସ୍ତିତ୍ୱ ବଞ୍ଚାଇବା ସକାଶେ ଏବେ ଦଳ ମୁଖ୍ୟ ନବୀନ ପଟ୍ଟନାୟକ ଇଣ୍ଡି ମେଣ୍ଟ ମୁହାଁ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଜେପି ବିଧାୟକ ସରୋଜ ପାଢ଼ୀ। ସେ କହିଛନ୍ତି ଯେ ନିଜ ଦଳକୁ ବଞ୍ଚାଇବା ପାଇଁ ନବୀନ ଦିଲ୍ଲୀମୁହାଁ ହୋଇଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ଭେଟି ବୈଠକରେ ସାମିଲ ହେବାକୁ ବି ସହମତି ଦେଇଛନ୍ତି। ଏପରି ପଦକ୍ଷେପ ନେଇ ସେ ଏବେ ଇଣ୍ଡି ମେଣ୍ଟମୁହାଁ ହୋଇଥିବାର ସଙ୍କେତ ଦେଇଛନ୍ତି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଏଥିସହ ଶ୍ରୀ ପାଢ଼ୀ କହିଛନ୍ତି ଯେ ଦଳକୁ ବଞ୍ଚାଇବା ସକାଶେ ନବୀନ ଏବେ ଅନ୍ୟର ସାହାରା ନେବାକୁ ଯାଉଛନ୍ତି। କିନ୍ତୁ ସେ ଯାହାର ସାହାରା ନିଅନ୍ତି ପରବର୍ତ୍ତୀ ସମୟରେ ତାକୁ ଧ୍ୱଂସ କରନ୍ତି ବୋଲି ଦଳର ଇତିହାସ ସାକ୍ଷୀ ଅଛି। ବିଜେପି ସହ ରହି ଦଳକୁ ଧ୍ୱଂସ କରିବେ ଭାବିଲା ବେଳକୁ ନବୀନ କ୍ଷମତାଚ୍ୟୁତ ହେଲେ। ଓଡ଼ିଶାବାସୀ ଜାଣିସାରିଲେଣି ଯେ ବିଜେଡିର ଆଉ ଅସ୍ତିତ୍ୱ ରହିବ ନାହିଁ ବୋଲି ବିଧାୟକ ପାଢ଼ୀ କହିଛନ୍ତି। ତେବେ ବିଜେପି ବିଧାୟକ ଶ୍ରୀ ପାଢ଼ୀଙ୍କ ଏପରି ଅଭିଯୋଗ ନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ମୁଖ୍ୟ ଷ୍ଟାଲିନଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୧ ତାରିଖରେ ଦଳୀୟ ସାଂସଦ ଦୟାନିଧି ମାରନ୍ ଓ ତାମିଲନାଡୁ ଶିଳ୍ପମନ୍ତ୍ରୀ ଟିଆର୍‌ବି ରାଜା ନବୀନ ନିବାସରେ ପହଞ୍ଚି ତାଙ୍କୁ ଭେଟିବା ସହ କେନ୍ଦ୍ର ସରକାରଙ୍କ ସୀମା ପୁନଃନିର୍ଦ୍ଧାରଣ ନୀତି ବିରୋଧରେ ଆସନ୍ତା ୨୨ ତାରିଖରେ ଡିଏମ୍‌କେ ପକ୍ଷରୁ ଚେନ୍ନାଇଠାରେ ଆହୂତ ବୈଠକରେ ଯୋଗଦେବା ସକାଶେ ନିମନ୍ତ୍ରଣ କରିଥିଲେ। ନବୀନ ଏହି ବୈଠକକୁ ସମର୍ଥନ ଜଣାଇ ଏଥିରେ ଯୋଗଦେବା ସକାଶେ ସହମତି ଦେଇଛନ୍ତି। ଜନସଂଖ୍ୟା ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ନିଷ୍ପତ୍ତି ଦ୍ୱାରା ଓଡ଼ିଶା ମଧ୍ୟ କ୍ଷତିଗ୍ରସ୍ତ ହେବ ବୋଲି ବିଜେଡି କହିବା ସହ ଆନୁପାତିକ ଭାବେ ବିଧାନସଭା ଓ ସଂସଦୀୟ କ୍ଷେତ୍ରରେ ଯେତିକି ସିଟ୍ ମିଳିବା କଥା ତାହା ମିଳିବ ନାହିଁ ବୋଲି ସ୍ପଷ୍ଟ କରିଥିଲା।

# ରାଜଧାନୀରେ ୩୭ ଡିଗ୍ରୀ


**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଦିନକୁ ଦିନ ରାଜ୍ୟରେ ଉପରମୁହାଁ ହେଉଛି ପାରଦ। ଗତକାଲି ତୁଳନାରେ ଆଜି ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବଢ଼ିଛି। ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମ ଲହରୀ ମଧ୍ୟ ଆରମ୍ଭ ହୋଇଛି। ଏଥିସହ ଚଳିତ ବର୍ଷ ଆଜି ପ୍ରଥମ ଥର ପାଇଁ ରାଜଧାନୀରେ ତାପମାତ୍ରା ୩୭ ଡିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱରର ତାପମାତ୍ରା ୩୭.୪ ଡିଗ୍ରୀ ରହିଥିବା ବେଳେ ଆଜି ଅପରାହ୍ନ ସାଢ଼େ ୨ଟା ସମୟରେ ସବୁଠୁ ଉତ୍ତପ୍ତ ସହର ଥିଲା ଝାରସୁଗୁଡା ଓ ସମ୍ବଲପୁର। ଆଜି ଝାରସୁଗୁଡ଼ା ଓ ସମ୍ବଲପୁରରେ ସର୍ବାଧିକ ୩୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

**ରତ୍ନଭଣ୍ଡାର ମରାମତି ପ୍ରସଙ୍ଗ**

# ଏଏସ୍‌ଆଇ ଡିଜି-ମୁଖ୍ୟ ପ୍ରଶାସକ ଆଲୋଚନା



**ପୁରୀ, ୧୩।୩ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟକୁ କିଭଳି ଦୀର୍ଘସ୍ଥାୟୀ କରାଯାଇପାରିବ ଓ ଶ୍ରୀମନ୍ଦିରର କୌଣସି କ୍ଷତି ହେବନାହିଁ, ସେନେଇ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସଠିକ୍ ଭାବରେ କିଭଳି ହୋଇପାରିବ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ମରାମତି କାର୍ଯ୍ୟ କରାଯାଇପାରିବ ସେନେଇ ଏଏସଆଇ ଡିଜି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଶ୍ରୀମନ୍ଦିର ରତ୍ନଭଣ୍ଡାରର ବାହାର ପାର୍ଶ୍ୱରେ ପ୍ଲାଷ୍ଟର ଛଡ଼ାଇବା ବେଳେ ପୁରାତନ ପଥରଗୁଡ଼ିକର ଯେଭଳି କୌଣସି କ୍ଷତି ନହୁଏ ଏବଂ ସେଗୁଡ଼ିକର ସଂରକ୍ଷଣ କିଭଳି ସଠିକ୍ ଭାବରେ ହୋଇପାରିବ ସେନେଇ ମଧ୍ୟ ଏଏସଆଇ ଡିଜିଙ୍କ ସହ ଆଲୋଚନା କରାଯାଇଛି। ସେପଟେ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଶ୍ରୀ ପାଢ଼ୀ କହିଛନ୍ତି। ସରକାରୀ ପ୍ରକ୍ରିୟା ଅନୁଯାୟୀ, ପ୍ରଥମେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ରଥଯାତ୍ରା ସମ୍ପର୍କିତ ସମସ୍ତ ଦସ୍ତାବିଜ ଓ ତଥ୍ୟ ପ୍ରଦାନ କରାଯିବ। ପରେ ଦସ୍ତାବିଜ ଓ ତଥ୍ୟକୁ ୟୁନେସ୍କୋକୁ ଦିଆଯିବ। ଏନେଇ ଜଗନ୍ନାଥ ସଂସ୍କୃତି ଗବେଷକ, ବିଦ୍ୱାନମଣ୍ଡଳୀ ଓ ସେବାୟତଙ୍କ ମତାମତ ନିଆଯାଇ ସମସ୍ତ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ଗଠିତ ହେବା ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ନେଇ ନିଷ୍ପତ୍ତି ହେବ। ସେହିପରି ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।



ଅର୍ଜୁନ ପୁରସ୍କାର ବିଜେତା ଓ ଟେବଲ ଟେନିସ ଫେଡ଼େରେସନ୍‌ର ମହାସଚିବ କମଲେଶ ମେହେଟା ବୁଧବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ମେହେଟା ରାଜ୍ୟର ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଶଂସା କରିବା ସହ କ୍ରୀଡ଼ାକ୍ଷେତ୍ରର ବିକାଶ ଦିଗରେ ସରକାରଙ୍କ ପଦକ୍ଷେପ ନେଇ ଆଲୋଚନା କରିଛନ୍ତି।।

# ବଢ଼ିଲା ଅସ୍ଥାୟୀ କର୍ମଚାରୀଙ୍କ ପାରିଶ୍ରମିକ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପକ୍ଷରୁ ଏକ ସଂକଳ୍ପ ଜାରି ହୋଇଛି। ଏଥିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି ଯେ ଅର୍ଥ ବିଭାଗର ୨୦୧୨ ସଂକଳ୍ପର ସଂଶୋଧନ ୨୦୧୮ରେ ହୋଇଥିଲା। ଅସ୍ଥାୟୀ କର୍ମଚାରୀଙ୍କ ପକ୍ଷରୁ ଦରମା ବୃଦ୍ଧି ପାଇଁ ହୋଇଆସୁଥିବା ଦାବିକୁ ସରକାର ଯତ୍ନର ସହ ବିଚାର କରି ସେମାନଙ୍କ ମାସିକ ପାରିଶ୍ରମିକ ମୂଳ ଦରମାର ପ୍ରାୟ ୨୫ ପ୍ରତିଶତ ବୃଦ୍ଧି କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ କର୍ମଚାରୀ ତାଙ୍କ ପ୍ରଥମ ବର୍ଷରେ ମାସିକ ୮,୦୭୦ ଟଙ୍କା ପାରିଶ୍ରମିକ ପାଉଥିଲେ। ଏବେ ସେମାନେ ୧୦ ହଜାର ୯୦ ଟଙ୍କା ମାସିକ ପାଇବେ। ଦ୍ୱିତୀୟ ବର୍ଷର କର୍ମଚାରୀଙ୍କ ପାରିଶ୍ରମିକ ୮,୪୮୦ ଟଙ୍କାରୁ ୧୦ ହଜାର ୬୦୦ ଟଙ୍କା କରାଯାଇଛି। ତୃତୀୟ ବର୍ଷ ଲାଗି ୧୧,୧୪୦, ଚତୁର୍ଥ ବର୍ଷ ପାଇଁ ୧୧,୭୦୦, ପଞ୍ଚମ ବର୍ଷ ନିମନ୍ତେ ୧୨,୨୯୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ୨୩ ବର୍ଷର ଚାକିରିଆଙ୍କ ନିମନ୍ତେ ୨୯ ହଜାର ୭୧୦ ଟଙ୍କା ପାରିଶ୍ରମିକ ସ୍ଥିର କରାଯାଇଛି।

● ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସ୍ତ୍ରୀ ଓ ପିଲାଙ୍କ ଭରଣପୋଷଣ ପାଇଁ ସରକାରୀ ଚାକିରି କରିଥିବା ସ୍ୱାମୀ ବାଧ୍ୟ

**କଟକ,୧୩।୩(ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସରକାରୀ ଚାକିରି କରୁଥିବା ଜଣେ ସକ୍ଷମ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କର ଭରଣପୋଷଣ କରିବା ଆଇନଗତ ଭାବେ ବାଧ୍ୟତାମୂଳକ ବୋଲି କହିଛନ୍ତି। ଏପରିକି ସେମାନଙ୍କ ମଧ୍ୟରେ କୌଣସି ବୈବାହିକ କିମ୍ବା ଅନ୍ୟାନ୍ୟ ମତଭେଦ ଥିଲେ ମଧ୍ୟ ଏହା ଲାଗୁ ହେବ ବୋଲି ହାଇକୋର୍ଟ ଏକ ମାମଲାର ରାୟ ଦେଇ କହିଛନ୍ତି। ଭରଣପୋଷଣ ସଂକ୍ରାନ୍ତ ଏକ ମାମଲାର ବିଚାର କରି ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଏକକ ଖଣ୍ଡପୀଠ ମତ ଦେଇଛନ୍ତି ଯେ କୌଣସି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯଦି ଆଇନଗତ ବିବାହ ବିଚ୍ଛେଦ ହୋଇନାହିଁ, ତା'ହେଲେ ସ୍ୱାମୀ ଜଣେ ସକ୍ଷମ ବ୍ୟକ୍ତି ଭାବେ ସରକାରୀ ଚାକିରିରେ କରୁଥିବାରୁ ସେ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ଭରଣପୋଷଣ କରିବା ବାଧ୍ୟତାମୂଳକ। ଏପରିକି ଉଭୟ ପକ୍ଷ ମଧ୍ୟରେ ମତଭେଦ ଥିଲେ ମଧ୍ୟ ଏହି ଯୁକ୍ତି କାଏମ ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟରେ ଆବେଦନ କରିଥିବା ସମ୍ପୃକ୍ତ ପକ୍ଷଙ୍କୁ ଖୋର୍ଦ୍ଧାର ପରିବାର ଅଦାଲତ ବିଚାରପତି ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ପରିବାର ଅଦାଲତ ତାଙ୍କୁ ଧାରା ୧୨୫, ସିଆରପିସି ଅନୁଯାୟୀ ଆବେଦନ ଦାଖଲ ତାରିଖଠାରୁ ପ୍ରତିପକ୍ଷ ସ୍ତ୍ରୀଙ୍କୁ ପ୍ରତି ମାସରେ ୫ ହଜାର ଟଙ୍କା ଓ ପ୍ରତିପକ୍ଷ ପକ୍ଷ-ପୁତ୍ରଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏଁ ଭରଣପୋଷଣ ପାଇଁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଆବେଦନକାରୀ ସ୍ୱାମୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଯଦିଓ ସେ ପତ୍ନୀଙ୍କୁ ନିଜ ଘରକୁ ଫେରାଇ ନେବାକୁ ରାଜି, କିନ୍ତୁ ସେ ତାଙ୍କ ସହ ରହିବାକୁ ଅନିଚ୍ଛୁକ। ତା'ଛଡ଼ା ପତ୍ନୀ ତାଙ୍କ ବିରୋଧରେ କୌଣସି ନିଷ୍ଠୁର ଆଚରଣନେଇ ବି ଅଭିଯୋଗ କରିନାହାନ୍ତି। ଟ୍ରାଏଲ୍ କୋର୍ଟ କୌଣସି ପର୍ଯ୍ୟାପ୍ତ କାରଣ ବିନା ପତ୍ନୀ ତାଙ୍କ ସହ ରହିବାକୁ ମନା କରିଥିବା ସତ୍ୟ ପ୍ରତି ଦୃଷ୍ଟି ନଦେଇ ପରିବାର ଅଦାଲତ ଉପରୋକ୍ତ ଆଦେଶ ଦେଇଥିବା ଆବେଦନକାରୀ ସ୍ୱାମୀ ଯୁକ୍ତି ଦର୍ଶାଇଥିଲେ।

# ଜଳୁଛି ଅଧା ଓଡ଼ିଶାର ଜଙ୍ଗଲ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଜଳୁଛି ଅଧା ଓଡ଼ିଶାର ଜଙ୍ଗଲ। ଏହି ନିଆଁକୁ ଆୟତ୍ତ କରିବା ସକାଶେ ବନ କର୍ମଚାରୀମାନଙ୍କୁ ନାକେଦମ୍ ହେବାକୁ ପଡୁଛି। ରାଜ୍ୟ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ଫରେଷ୍ଟ ଫାୟାର ମ୍ୟାପରୁ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାପ୍ ଅନୁସାରେ ଗତକାଲି ସୁଦ୍ଧା ରାଜ୍ୟର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଛି। ବନ ବିଭାଗ ତଥ୍ୟ ଅନୁସାରେ ଗତକାଲି ଦିନକରେ ରାଜ୍ୟରେ ସର୍ବାଧିକ ୧ ହଜାର ୪୨୬ଟି ସ୍ଥାନରେ ବନାଗ୍ନି ଠାବ କରାଯାଇଛି। ସେହିପରି ଆଜି ୭୪୭ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବା ବେଳେ ଗତ ୧୧ ତାରିଖ ସୁଦ୍ଧା ୧୦ ହଜାର ୪୫୫ଟି ସ୍ଥାନରେ ଦେଖିବାକୁ ମିଳିଥିଲା ଜଙ୍ଗଲ ନିଆଁ। ତେଣୁ ଗତକାଲି ଓ ଆଜିର ଜଙ୍ଗଲ ନିଆଁକୁ ମିଶାଇଲେ ସଂଖ୍ୟା ସାଢ଼େ ୧୨ ହଜାର ଟପିସାରିଛି। ସେହିପରି ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ତଥ୍ୟ ଅନୁସାରେ, ଗତ ସପ୍ତାହକ ମଧ୍ୟରେ ରାଜ୍ୟରେ ୪ ହଜାର ୫୦୩ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ଯାହା ତେଲଙ୍ଗାନା ପରେ ଦେଶର ଦ୍ୱିତୀୟ ସର୍ବାଧିକ। ଏମିତିକି ଆଜି ଦେଶବ୍ୟାପୀ ୨୧୦ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିବା ବେଳେ ସେଥିରୁ ୭୭ଟି କେବଳ ଓଡ଼ିଶାରେ ରହିଛି।

# ଅନଲାଇନ ଗେମ୍ ନେଲା ଛାତ୍ରୀଙ୍କ ଜୀବନ

**ଗୁଣୁପୁର,୧୩।୩(ସଂଚାର ବ୍ୟୁହେରା):** ଅନଲାଇନ ଗେମ୍‌ରୁ ଗଲା ଜୀବନ। ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଗଣପତିଗୁଡ଼ାରେ ଜଣେ ଛାତ୍ରୀ ଅନଲାଇନ୍ ଗେମ୍ ଖେଳି ଜୀବନ ହାରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ନିଜ ଘର ଶୌଚାଳୟରେ ବେକରେ ଚୁନି ଲଗାଇ ଛାତ୍ରୀ ସାଇନା ସାହୁ ଜୀବନ ହାରିଛନ୍ତି। ଚଳିତ ବର୍ଷ ସେ ମାଟ୍ରିକ ପରୀକ୍ଷା ଦେଇଥିଲେ। ତାଙ୍କ ଆତ୍ମହତ୍ୟା ନେଇ ଖବର ପାଇବା ପରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୁଲିସ୍ ପହଞ୍ଚି ତନାଘନା ଚଳାଇଛନ୍ତି। ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁଲିସ୍ ପଠାଇଛି। ଅଭିଯୋଗ ଅନୁଯାୟୀ, ରାମନାଗୁଡ଼ା ହାଇସ୍କୁଲରେ ପଢୁଥିବା ସାଇନା ପରିବାରର ବାରମ୍ବାର ତାଗିଦ ସତ୍ତ୍ୱେ ଗତ କିଛି ଦିନ ହେବ ଅନଲାଇନ ଗେମ୍ ଖେଳିଆସୁଥିଲେ। ତେବେ ଏଥିରେ ସେ ୪ ଲକ୍ଷ ଟଙ୍କା ମଧ୍ୟ ଜିତିଥିଲେ। କିନ୍ତୁ ଏହି ଟଙ୍କା ତାଙ୍କୁ ମିଳିନଥିଲା। ଏନେଇ ସେ ଅନ୍‌ଲାଇନ ଗେମ୍ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଏପରିକି ତାଙ୍କୁ ତୁରନ୍ତ ଜିତିଥିବା ଅର୍ଥ ପଇଠ କରିବା ସକାଶେ ସେ ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ଆଜି ସେ ଆତ୍ମହତ୍ୟା କରିଥିବା ନେଇ ସମ୍ପର୍କୀୟ ପିଉସୀ ସ୍ଥାନୀୟ ରାମନାଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ସାଇନାଙ୍କ ବାପା ମୃତ୍ୟୁବରଣ କରିସାରିଥିବା ବେଳେ ତାଙ୍କ ମାଆ କୁଆଡ଼େ ଚାଲିଯାଇଛନ୍ତି। ଏହି କାରଣରୁ ଜେଜେମା' ତାଙ୍କର ଲାଳନପାଳନ ଦାୟିତ୍ୱ ନେଇଥିଲେ। ତେବେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ ସକାଶେ ପୁଲିସ୍ ତଦନ୍ତ ଜାରି ରଖିଛି।

# କାଜୁ ବଗିଚାରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

**ଝରିଗାଁ,୧୩।୩(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚିତାବେଡ଼ା ପଞ୍ଚାୟତର ସିଉନାଗୁଡ଼ା ଗ୍ରାମରେ ବେକରେ ଓଢ଼ଣୀ ଲଗାଇ ପ୍ରେମୀଯୁଗଳ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏନେଇ ଦୁଇ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଖୋଳତାଡ଼ ଆରମ୍ଭ କରିଛି। ସିଉନାଗୁଡ଼ା ଗ୍ରାମର ଲକ୍ଷି ଗୌଡଙ୍କ ପୁଅ ଭଗବାନ ଗତକାଲି ରାତିରେ ବାପାଙ୍କ ସହ ଗୋଟିଏ ବଖରାରେ ଶୋଇଥିଲେ। ତେବେ ଲକ୍ଷି ଶୋଇ ପଡ଼ିବା ପରେ ଭଗବାନ ଘରୁ ବାହାରି କେଉଁଆଡ଼େ ଚାଲିଯାଇଥିଲା। ସେହିପରି ଭାଲିଆଗୁଡା ଗ୍ରାମର ଶନିବାରୀ ଭତ୍ରାଙ୍କ ଝିଅ ସବିତା ମଧ୍ୟ ଗତକାଲି ରାତିରେ ଗୋଟିଏ ବଖରାରେ ତାଙ୍କ ମା' ସହ ଶୋଇଥିଲେ। କିନ୍ତୁ ସେ ବି ଭଗବାନ ପରି ଅନୁରୂପ ତରିକାରେ ଘରୁ ବାହାରିଯାଇଥିଲେ। ଉଭୟ ପରିବାର ଭଗବାନ ଓ ସବିତାଙ୍କୁ ରାତିରେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କୁ କେଉଁଠାରେ ବି ପାଇନଥିଲେ। କିନ୍ତୁ ଆଜି ସକାଳୁ ଦୁହେଁ ସିଉନାଗୁଡ଼ା ନିକଟସ୍ଥ କାଜୁ ବଗିଚାରେ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଉଭୟ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଝରିଗାଁ ପୁଲିସକୁ ଖବର ଦେବାରୁ ପୁଲିସ୍ ସେଠାରେ ପହଞ୍ଚିଥିଲା। ଝରିଗାଁ ପୁଲିସ ଉଭୟ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କ୍ରମେ ୮/୨୦୨୫ ଓ ୯/୨୦୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ଚଣ୍ଡିଖୋଲ ଜଙ୍କସନ୍‌ର ଉନ୍ନତିକରଣ ନେଇ ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା**

# ନିର୍ମାଣ ହେବ ଭେଇକିଲ୍ ଅଣ୍ଡରପାସ୍

● ୪ ଲେନ୍‌ବିଶିଷ୍ଟ ହେବ ଜାତୀୟ ରାଜପଥକୁ ଛୁଉଁଥିବା ବାଇପାସ୍ ରାସ୍ତା

● ବସ୍ ରହଣିସ୍ଥଳ ଓ ରାମ୍ପ ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବ



**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଗମନାଗମନ ଓ ପରିବହନ ଦୃଷ୍ଟିରୁ ବର୍ତ୍ତମାନ ଯାଜପୁର ଏବଂ ଚଣ୍ଡିଖୋଲ ଅଞ୍ଚଳରେ ଟ୍ରାଫିକ୍ ବ୍ୟବସ୍ଥାର ସୁଦୃଢ଼ିକରଣ ପାଇଁ ଆଜି ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆମେ ବିକଶିତ ରାଜ୍ୟ ଗଠନର ଲକ୍ଷ୍ୟ ରଖିଥିବାବେଳେ ଏଥିଲାଗି ଆବଶ୍ୟକ ରାସ୍ତାଘାଟ ଏବଂ ଟ୍ରାଫିକ୍ ସମସ୍ୟାକୁ ସୁଧାରିବାକୁ ପଡ଼ିବ। ଖରାପ ରାସ୍ତା ଓ ଟ୍ରାଫିକ ସମସ୍ୟା ଯୋଗୁଁ ସମୟ ଅପଚୟ ସହ ବାରମ୍ବାର ରାସ୍ତା ଦୁର୍ଘଟଣା ଘଟଣା ସାମ୍ନାକୁ ଆସୁଛି। ଖଣିଜ ସମ୍ପଦ ପରିବହନ ଏବଂ ଗମନାଗମନ ଦୃଷ୍ଟିରୁ ଚଣ୍ଡିଖୋଲ ଅଞ୍ଚଳର ବେଶ ଗୁରୁତ୍ୱ ରହିଛି। ତେଣୁ ଏହି ଜଙ୍କସନ୍‌ର ଉନ୍ନତିକରଣ ଏବଂ ପାରିପାର୍ଶ୍ୱିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ବିଭାଗୀୟ ଅଧିକାରୀ, ଯାଜପୁର ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଭୁବନେଶ୍ୱର-ଭଦ୍ରକ ଜାତୀୟ ରାଜପଥ ୧୬ ଓ ଡୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ ୫୩ ସଂଯୋଗସ୍ଥଳ ଚଣ୍ଡିଖୋଲ ଜଙ୍କସନ୍‌ର ଉନ୍ନତିକରଣ ଓ ପାରିପାର୍ଶ୍ୱିକ ବିକାଶ ସହ ଚତୁଃପାର୍ଶ୍ୱରେ ଥିବା ବାଇପାସ୍ ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ଆଲୋଚନା ହୋଇଛି। ଏଥିସହ ଯାତ୍ରୀମାନଙ୍କ ସୁବିଧା ପାଇଁ ୪ଟି ବସ୍ ରହଣିସ୍ଥଳ, ୩ଟି ଭେଇକିଲ୍ ଅଣ୍ଡରପାସ୍, ରାମ୍ପ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଥିସହ ଏହି ଅଞ୍ଚଳରେ ସଡ଼କ ସୁରକ୍ଷା, ଡ୍ରେନେଜ୍ ବ୍ୟବସ୍ଥା, ଜବରଦଖଲ ଉଚ୍ଛେଦ ଏବଂ ରାସ୍ତା ସମ୍ପ୍ରସାରଣ ନେଇ ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗ ଓ ଯାଜପୁର ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ମାସ: ଆହତଙ୍କଠାରୁ ମୃତ ଅଧିକ



**ଭୁବନେଶ୍ୱର,୧୩।୩:** ରାଜ୍ୟରେ ସଡକ ସୁରକ୍ଷା ମାସ ପାଳନ ସମୟରେ ସଡକ ଦୁର୍ଘଟଣାରେ ୫ଶହରୁ ଅଧିକ ମୁଣ୍ଡ ଗଡିଛି । ଏହି ସମୟରେ ଯେତିକି ଲୋକ ଦୁର୍ଘଟଣାରେ ଆହତ ହୋଇଛନ୍ତି ତାହାଠାରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ସଡକ ସୁରକ୍ଷା ପାଳନ ସମୟରେ ଦୁର୍ଘଟଣା ସଂକ୍ରାନ୍ତରେ ବିଜେଡି ବିଧାୟକ ଅରୁଣ କୁମାର ସାହୁ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ୨୦୨୫ ଜାନୁଆରୀ ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସଡକ ସୁରକ୍ଷା ମାସ ପାଳନ ହୋଇଥିଲା । ଏହି ସମୟରେ ୮୪୮ଟି ସଡକ ଦୁର୍ଘଟଣା ଘଟିଥିଲା । ଏଥିରେ ୪୭୨ ଜଣ ଗୁରୁତର ଆହତ ହୋଇଥିବାବେଳେ ୫୦୫ ଜଣ ମୃତ୍ୟୁବରଣ କରିଥିଲେ । ଘଟିଥିବା ଦୁର୍ଘଟଣା ମଧ୍ୟରେ କେନ୍ଦୁଝର ସର୍ବାଧିକ ୫୬ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୩୫ଜଣ ମୃତ୍ୟୁବରଣ କରିଥିବାବେଳେ ୨୮ଜଣ ଗୁରୁତର ଆହତ ହୋଇଥିଲା । ଏହା ପଛକୁ ବାଲେଶ୍ୱରରେ ୪୪ଟି ଦୁର୍ଘଟଣା ଘଟି ୨୫ଜଣ ମୃତ୍ୟୁବରଣ କରିଥିବାବେଳେ ଯାଜପୁରରେ ଘଟିଥିବା ୪୦ଟି ଦୁର୍ଘଟଣାରେ ୨୨ଜଣ ମୃତ୍ୟୁବରଣ କରିଥିଲେ । ଚଳିତ ବର୍ଷ ଏହି ସଡକ ସୁରକ୍ଷା ମାସ ପାଳନରେ ୧,୮୯,୬୬,୬୯୪ ଟଙ୍କା ବ୍ୟୟ କରାଯାଇଛି । ଏଥି ମଧ୍ୟରେ ୧୮ଟି ଜିଲ୍ଲା ୬ଲକ୍ଷ ୧୦ହଜାର ଟଙ୍କା କରି ପ୍ରଦାନ କରାଯାଇଥିବାବେଳେ ୧୬ଟି ଜିଲ୍ଲାକୁ ୪ଲକ୍ଷ ୧୦ହଜାର କରି ଟଙ୍କା ଦିଆଯାଇଥିଲା। ତେବେ କେନ୍ଦୁଝର ଜିଲ୍ଲାକୁ ଏହି ମାସ ପାଳନ ପାଇଁ ୧୨,୪୬,୬୯୪ ଟଙ୍କା ପ୍ରଦାନ କରାଯାଇଥିବାବେଳେ କେନ୍ଦୁଝର ଏସ୍‌ପିଙ୍କୁ ୧ଲକ୍ଷ ୮୦ହଜାର ପ୍ରଦାନ କରାଯାଇଥିଲା । ଏହାବାଦ୍ ୨୦୨୪-୨୫ ବର୍ଷରେ କଳାହାଣ୍ଡି ଏସ୍‌ପି ଓ ଆରଟିଓଙ୍କୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଦେବଗଡକୁ ୩ଲକ୍ଷ, କଟକକୁ ୬ଲକ୍ଷ ଏବଂ ଗଞ୍ଜାମକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହିଭଳି ଭାବେ ମୋଟ୍ ୧୩ଲକ୍ଷ ଟଙ୍କା ସଡକ ସୁରକ୍ଷା ସଚେତନତା ପାଇଁ ମିଳିଥିଲା । ତେବେ ସଡକ ସୁରକ୍ଷା ମାସ ପାଳନ ସମୟରେ ଘଟିଥିବା ଦୁର୍ଘଟଣାରେ ହାରାହାରି ଭାବେ ୭୦ ପ୍ରତିଶତ ଏଫ୍‌ଆଇଆର ହୋଇଛି । କେନ୍ଦୁଝରରେ ସର୍ବାଧିକ ୫୬ଟି ଦୁର୍ଘଟଣା ହୋଇଥିବାବେଳେ ୪୦ଟି ମାମଲା ରୁଜୁ ହୋଇଛି । ସେହିଭଳି ବାଲେଶ୍ୱରରେ ଘଟିଥିବା ୪୪ଟି ଦୁର୍ଘଟଣାରେ ୨୫ଟି ମାମଲା ରୁଜୁ କରାଯାଇଛି । ମୋଟାମୋଟି ଭାବେ ୮୪୮ଟି ଦୁର୍ଘଟଣାରେ ମୋଟ୍ ୬୦୦ଟି ମାମଲା ରୁଜୁ ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ବିବାହ ସିଜିନ ଆରମ୍ଭରୁ ଲଗାତାର ଭାବରେ ବଢୁଛି ଦାମ୍। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢୁଥିବାରୁ ଘରୋଇ ବଜାରରେ ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୮ ହଜାର ୫୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୧, ୨୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୧ ହଜାର ୨୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୮ ହଜାର ୫୮୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୧,୨୦୦ ଟଙ୍କା ଓ ୮୮,୫୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୧, ୩୫୦ ଟଙ୍କା ଓ ୮୮, ୭୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୧,୨୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୮, ୫୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୧,୨୦୦ ଓ ୮୮,୫୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।

### ଆମେରିକାରେ ମାନ୍ଦାବସ୍ଥା ଆଶଙ୍କା

# ଆହୁରି ଅସ୍ଥିର ହେବ ଭାରତୀୟ ବଜାର

**ନୂଆଦିଲ୍ଲୀ ୧୩।୩:** ଆମେରିକାରେ ଆଗକୁ ଏକ ମାନ୍ଦାବସ୍ଥା ଦେଖିବାକୁ ମିଳିବ ବୋଲି ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପୂର୍ବାନୁମାନ କଲେଣି। ଏହା ପ୍ରଭାବରେ ଆମେରିକୀୟ ସେୟାର ବଜାର ଏବେ ଧରାସାୟୀ। ବଜାରରୁ ଉଡ଼ିଗଲାଣି ବହୁ ଟ୍ରିଲିୟନ ଡଲାର। ତେବେ ଆମେରିକାରେ ମାନ୍ଦାବସ୍ଥା ଭୟ ଭାରତୀୟ ବଜାରକୁ ଆହୁରି ଅସ୍ଥିରତା ଆଡ଼କୁ ଅଗ୍ରସର କରାଉଥିବା ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି। ଆମେରିକା ବଜାରରେ ମାନ୍ଦାବସ୍ଥା ଭାରତୀୟ ଟଙ୍କାକୁ ଚାପଗ୍ରସ୍ତ କରିପାରେ। କାରଣ ଆମେରିକାରେ ମାନ୍ଦାବସ୍ଥା ହେଲେ ଏହାର ପ୍ରଭାବ ସମଗ୍ର ବିଶ୍ୱ ଅନୁଭବ କରିବ। ଏସୀୟ ବଜାରଗୁଡ଼ିକର ବିତ୍ତୀୟ ବଜାର ଖସିବା ସହ କରେନ୍ସି ଦୁର୍ବଳ ହେବା ସ୍ୱାଭାବିକ। ଅର୍ଥନୀତିଜ୍ଞମାନେ ଏବେ ଆମେରିକାରେ ଏକ ମାନ୍ଦାବସ୍ଥା ଆସିବା ନେଇ ଆଶଙ୍କା କରୁଛନ୍ତି। ଏହାକୁ ସେମାନେ 'ଟ୍ରମ୍ପସେସନ୍' ଭାବେ ସମ୍ବୋଧନ କରୁଛନ୍ତି। ଏହି ମାନ୍ଦାବସ୍ଥା ଭାରତୀୟ ଅର୍ଥନୀତି ଏବଂ ବଜାରକୁ ଆହୁରି ଅସ୍ଥିର କରିପାରେ। ଭାରତ ଉପରେ ଯେସାକୁ ତେସା ଶୁଳ୍କ ନୀତି ଲାଗୁ କରାଯିବ ବୋଲି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି। ଏଭଳି ସ୍ଥିତିରେ ମାନ୍ଦାବସ୍ଥା ଭୟ ବୋଝ ଉପରେ ନଳିତାବିଡ଼ା ସଦୃଶ୍ୟ ହେବ ବୋଲି ଅର୍ଥନୀତିଜ୍ଞମାନେ ପ୍ରକାଶ କରିଛନ୍ତି। ଭାରତୀୟ ଅର୍ଥନୀତି ଏବଂ ବଜାର ପାଇଁ ଏହା ଡବଲ୍ ଝଟ୍‌କା ସାବ୍ୟସ୍ତ ହେବ ବୋଲି ସେମାନେ କହିଛନ୍ତି। ନିକଟରେ ପ୍ରକାଶିତ କ୍ରିସିଲ୍ ଇଣ୍ଟେଲିଜେନ୍ସ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଟ୍ରମ୍ପଙ୍କ ଯେସାକୁ ତେସା ଶୁଳ୍କ ନୀତି ଦ୍ୱାରା ଭାରତର ରପ୍ତାନି ବଡ଼ ଆକାରରେ




ପ୍ରଭାବିତ ହେବ, ଯାହାକି ଭାରତର ଜିଡିପିର ପ୍ରାୟ ୨୨%। ମାନ୍ଦାବସ୍ଥା ଯୋଗୁ ଆମେରିକାରେ ଚାହିଦା ହ୍ରାସରୁ ଭାରତ ବିଭିନ୍ନ ଆକାରରେ ପ୍ରଭାବିତ ହେବ। ବହୁ ସଂଖ୍ୟାରେ ଚାକିରି ଚାଲିଯିବ, ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଦ୍ୱାରା ରେମିଟାନ୍ସରେ ହ୍ରାସ ଘଟିବ ଏବଂ ରପ୍ତାନି ଖସିବ। ଆଇଟି ଭଳି ରପ୍ତାନି-ଭିତ୍ତିକ କ୍ଷେତ୍ର ବଡ଼ ଆକାରରେ ପ୍ରଭାବିତ ହେବ। ଆମେରିକାର ଶୁଳ୍କ ଧମକ ଯୋଗୁ ଫେବ୍ରୁଆରୀରେ ଭାରତର ରପ୍ତାନି ପ୍ରଭାବିତ ହୋଇଥିବା ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏବେ ମାନ୍ଦାବସ୍ଥା ଆଶଙ୍କା ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଅନ୍ୟପଟେ ଆମେରିକାରେ ସମ୍ଭାବ୍ୟ ମାନ୍ଦାବସ୍ଥା ତଥା ଶୁଳ୍କ ଯୁଦ୍ଧରୁ ସୃଷ୍ଟ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଟଙ୍କାକୁ ଆହୁରି ଚାପଗ୍ରସ୍ତ କରିବ ବୋଲି ବିଶେଷଜ୍ଞମାନେ

## ଜିଡିପି ପ୍ରଭାବିତ ହେବ ଅଭିବୃଦ୍ଧି

ପ୍ରକାଶ କରିଛନ୍ତି। ଚଳିତବର୍ଷ ଏସିଆର ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ରହିଛି ଭାରତୀୟ ଟଙ୍କା। ଆମେରିକାରେ ସମ୍ଭାବ୍ୟ ମାନ୍ଦାବସ୍ଥା ଏବଂ ବିଶ୍ୱ ଟାରିଫ୍ ଯୁଦ୍ଧ ବଜାରକୁ ଆହୁରି ଅସ୍ଥିର କରିବ ବୋଲି ଆଶଙ୍କା କରାଯାଉଛି। ବିଦେଶୀ ନିବେଶ ଏବଂ ପୁଞ୍ଜି ପ୍ରବାହ ସହ କରେନ୍ସି ମୂଲ୍ୟକୁ ନେଇ ଅନିଶ୍ଚିତତା ଦେଖାଦେଇପାରେ। ଭାରତୀୟ ଅର୍ଥନୀତିରେ ଆମେରିକୀୟ ନିବେଶ କମିବ, ଯାହାଦ୍ୱାରା ଜିଡିପି ଅଭିବୃଦ୍ଧି ପ୍ରଭାବିତ ହେବ। ଭାରତୀୟ ବଜାରରୁ ଇକ୍ୱିଟି କାଢ଼ିନେବେ ବିଦେଶୀ ନିବେଶକ। ପୂର୍ବରୁ ହିଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଲଦିବା ପାଇଁ ଧମକ ଦେଇସାରିଛନ୍ତି। ଏହା ଭାରତୀୟ ଇକ୍ୱିଟି ବଜାରକୁ ଅସ୍ଥିର କରିଛି। ଏପ୍ରିଲ ୨ରୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ସେ ଯେସାକୁ ତେସା ଆମଦାନି ଶୁଳ୍କ ନୀତି ଲାଗୁ କରିବା ପାଇଁ ଘୋଷଣା କରିଛନ୍ତି। ଅର୍ଥାତ ଯେଉଁ ଦେଶ ଆମେରିକା ଉପରେ ଯେତିକି ଶୁଳ୍କ ଲଗାଇବ ଆମେରିକା ମଧ ସେମାନଙ୍କ ଉପରେ ସମ ପରିମାଣର ଶୁଳ୍କ ଲଦିବ। ଆମେରିକା ସହ ଭାରତର ଶୁଳ୍କ ପ୍ରାର୍ଥକ୍ୟ ବୃହତ୍ ରହିଛି। ଆମେରିକୀୟ ସାମଗ୍ରୀ ଉପରେ ଭାରତ ଯେତିକି ଆମଦାନି ଶୁଳ୍କ ଲଗାଉଛି ତାହା ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଶୁଳ୍କ ତୁଳନାରେ ୧୦%ରୁ ଅଧିକ। ଅର୍ଥାତ୍ ଟ୍ରମ୍ପଙ୍କ ଯେସାକୁ ତେସା ଶୁଳ୍କ ନୀତି ଦ୍ୱାରା ଭାରତକୁ ବଡ଼ ଝଟ୍‌କା ମିଳିପାରେ। ଟ୍ରମ୍ପଙ୍କ ଶୁଳ୍କନୀତି ନିବେଶକଙ୍କୁ ଭୟଭୀତ କରିଛି। ବଜାର ଖସିବା ସହ ଏକ ମାନ୍ଦାବସ୍ଥା ଆଶଙ୍କା ରହିଛି।

ଜିଓଜିତ ଫାଇନାନ୍ସିଆଲ ସର୍ଭିସେସ୍‌ର ଗବେଷଣା ମୁଖ୍ୟ ବିନୋଦ ନାୟାର କହିଛନ୍ତି ଯେ, ଯଦିଓ ଶୁଳ୍କ ବିବାଦକୁ ନେଇ ଭାରତ ଆମେରିକା ସହ ଆଲୋଚନା କରୁଛି, ଯେତେବେଳେ ଏପ୍ରିଲ ୨ରେ ଆମେରିକା ଯେସାକୁ ତେସା ଆମଦାନି ଶୁଳ୍କ ନୀତି ଲାଗୁ କରିବ ଭାରତୀୟ ବଜାରକୁ ବଡ଼ ଝଟ୍‌କା ମିଳିପାରେ । ମୋଟାମୋଟି ଭାବେ ଭାରତୀୟ ଅର୍ଥନୀତି ପ୍ରଭାବିତ ହେବ। ଦେଶରୁ ଇକ୍ୱିଟି ବହିଃପ୍ରବାହ ବଢ଼ିବ। ତେବେ କମ୍ପାନିଗୁଡ଼ିକର ରାଜସ୍ୱ ଆୟ ଭଲ ରହିଲେ ସ୍ଥିତି କିଛି ମାତ୍ରାରେ ଆୟତ ହୋଇପାରେ। ୟେସ୍ ସିକ୍ୟୁରିଟିଜ୍ ପ୍ରକାଶ କରିଛି ଯେ, ବାଣିଜ୍ୟିକ ବୁଝାମଣା, ଶୁଳ୍କ ହ୍ରାସ ଆଦି ମାଧମରେ ଭାରତ ଆମେରିକା ସହ ଏହାର ଅର୍ଥନୈତିକ ସହଯୋଗିତାକୁ ମଜଭୁତ କରିବାକୁ କ୍ଷେତ୍ର ପ୍ରସ୍ତୁତ କରୁଛି। ଶୁଳ୍କ ଉପରେ କୌଣସି ପକ୍କା ନିଷ୍ପତ୍ତି ନେବା ପାଇଁ ଭାରତ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟ ମାଗିଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# 'ଡାଇକିନ୍'ର ୨୧୦ କୋଟି ବ୍ୟବସାୟ ଲକ୍ଷ୍ୟ

### ରାଜ୍ୟରେ ବର୍ଷକୁ ୧୨୦୦ କୋଟିର ଏସି ବିକ୍ରି




**ଭୁବନେଶ୍ୱର, ୧୩।୩:** ଡାଇକିନ୍ ଏୟାରକଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଚଳିତ ବର୍ଷ ଓଡ଼ିଶାରେ ୨୧୦ କୋଟି ଟଙ୍କାର ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଛି ବୋଲି କମ୍ପାନିର ବରିଷ୍ଠ ଉପସଭାପତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୁଲଦୀପ ଭିର୍‌ମାନି କହିଛନ୍ତି। କମ୍ପାନି ରାଜ୍ୟରେ ବ୍ୟବସାୟରେ ୩୦ ପ୍ରତିଶତ ବୃଦ୍ଧି ଆଶା କରୁଛି। ଚଳିତ ଗ୍ରୀଷ୍ମ ଋତୁ ପାଇଁ କମ୍ପାନିର ନୂଆ ଏସି ବର୍ଗମାଳାକୁ ଉନ୍ମୋଚନ କରି ସେ କହିଛନ୍ତି ଯେ ଗରମ ବଢ଼ିବା ସହ ଅଧିକରୁ ଅଧିକ ଘରେ ଏସି ପହଞ୍ଚିଛି। ଆଗାମୀ ୨-୩ ବର୍ଷରେ ଏସି ବଜାର ଦ୍ୱିଗୁଣିତ ହେବା ସମ୍ଭାବନା ରହିଥିବା ସେ କହିଛନ୍ତି। ଏବେ ରାଜ୍ୟରେ ବର୍ଷକୁ ୨.୫-୩ ଲକ୍ଷ ଏସି ବିକ୍ରି ହେଉଛି। ଓଡ଼ିଶାରେ ବର୍ଷକୁ ୧୨୦୦ କୋଟି ଟଙ୍କାର ଏସି ବିକ୍ରି ହେଉଥିବା ବେଳେ ସେଥିରୁ ପ୍ରାୟ ୭୫୦ କୋଟି ଟଙ୍କାର ରୁମ୍ ଏସି ଓ ଅବଶିଷ୍ଟ ୩୫୦-୪୦୦ କୋଟି ଟଙ୍କାର କମର୍ସିଆଲ୍ ଏସି ବିକ୍ରି ହେଉଛି। ସେହି ବଜାରରେ ଡାଇକିନ୍ ଅଗ୍ରଣୀ ଥିବା ଦାବି କରିଛି। ବର୍ତ୍ତମାନ ସମୟରେ ଲୋକମାନେ ଷ୍ଟାର୍ ରେଟିଂ ଥିବା ଏସି କିଣିବାକୁ ଅଧିକ ପସନ୍ଦ କରୁଛନ୍ତି ବୋଲି ଶ୍ରୀ ଭିରମାନି କହିଛନ୍ତି। ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିରେ କମ୍ପାନିର ଥିବା କାରଖାନାରୁ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇଛି। କମ୍ପାନିର ବ୍ୟବସାୟ ସମ୍ପ୍ରସାରଣ ଓ ଅଭିବୃଦ୍ଧିରେ ତାହା ବିଶେଷ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ୨୦୨୫-୨୬ ସୁଦ୍ଧା ଓଡ଼ିଶା ଏସି ବଜାରର ୧୮ ପ୍ରତିଶତ ଅଂଶ ହାସଲ କରିବା ପାଇଁ ମାର୍କେଟିଂ ଓ ପ୍ରଚାରପ୍ରସାରରେ ଉଲ୍ଲେଖନୀୟ ନିବେଶ କରିବାକୁ କମ୍ପାନି ଯୋଜନା ରଖିଛି। ଏହି ଅବସରରେ କମ୍ପାନିର ଆଞ୍ଚଳିକ ଉପସଭାପତି (ପୂର୍ବାଞ୍ଚଳ) କୁନାଲ ବାସୁ ଓ ବ୍ୟବସାୟ ପ୍ରବନ୍ଧକ (ଓଡ଼ିଶା) ସତ୍ୟକେତନ ମିଶ୍ର ଉପସ୍ଥିତ ଥିଲେ।

# ବିଏସ୍‌ଏନ୍‌ଏଲ୍‌ରୁ ମୁହଁ ମୋଡୁଛନ୍ତି ୟୁଜର୍ସଙ୍କ

ନୂଆଦିଲ୍ଲୀ ୧୨।୩: କିଛି ଦିନ ପୂର୍ବରୁ ଖବର ଆସିଥିଲା ଦୀର୍ଘ ସମୟ ପରେ ବିଏସଏନଏଲର ନା କେବଳ ଲାଭ ହୋଇଛି ବରଂ ଘରୋଇ ଟେଲିକମ ଅପରେଟରଙ୍କୁ ଛାଡି ଗ୍ରାହକ ସରକାରୀ ଟେଲିକମ କମ୍ପାନୀ ସହ ସଂଯୁକ୍ତ ହେଉଛନ୍ତି। ହେଲେ ଏବେ ବିଏସଏନଏଲର ସବସ୍କ୍ରାଇବର ହ୍ରାସ ହେଉଥିବା ଜଣାପଡିଛି। ଏହି ସୂଚନା ଭାରତର ଟେଲିକମ ରେଗୁଲେଟରୀ ଅଥରିଟି (ଟ୍ରାଇ)ଙ୍କ ତାଜା ତଥ୍ୟରୁ ସାମ୍ନାକୁ ଆସିଛି। ଟ୍ରାଇ ଡିସେମ୍ବର ୨୦୨୪ର ସବସ୍କ୍ରାଇବର ଡାଟା ଜାରି କରିଛି।

ଏହି ରିପୋର୍ଟରେ ବିଭିନ୍ନ ଟେଲିକମ କମ୍ପାନୀ କେତେ ନୂଆ ଗ୍ରାହକ ଯୋଡିଛନ୍ତି ଓ କେତେ ହରାଇଛନ୍ତି ଏାହ ଛଡା ୩୧ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଏହି କମ୍ପାନୀମାନଙ୍କ ମୋଟ ସବସ୍କ୍ରାଇବର କେତେ ଥିଲେ ତାହା ସ୍ପଷ୍ଟ ସୂଚୀତ କରାଯାଇଛି। ଏହି ରିପୋର୍ଟ ଅନୁସାରେ ବିଏସଏନଏଲ ୩ଲକ୍ଷ ସବସ୍କ୍ରାଇବର ହରାଇଛି। ସରକାରୀ ଟେଲିକମ କମ୍ପାନୀ ବିଏସଏନଏଲ ଟାରିଫ ବଢାଇବା ପରେ ଏହାର ଲୋକପ୍ରିୟତା ହ୍ରାସ ହୋଇଛି। କମ୍ପାନୀ ଡିସେମ୍ବରରେ ୦.୩୨୨ ନିୟୁତ ସବସ୍କ୍ରାଇବର ହରାଇଛି। ଏହି ସଂଖ୍ୟା ନଭେମ୍ବର ୨୦୨୪ ତୁଳନାରେ ୨୦ ହଜାର କମ। ନଭେମ୍ବରରେ ୦.୩୪ ନିୟୁତ ସବସ୍କ୍ରାଇବର ହରାଇଥିଲା। ଏବେ ଦେଶରେ ବିଏସଏନଏଲର ମୋଟ ଗ୍ରାହକ ସଂଖ୍ୟା ୧୦ କୋଟିରେ ସୀମିତ ହୋଇଯାଇଛି। ସରକାରୀ କମ୍ପାନୀର ଏବେ ଦେଶରେ ୯ କୋଟି ୧୭ଲକ୍ଷ ୨୯ ହଜାର ୭୩୭ ସବସ୍କ୍ରାଇବର ଅଛନ୍ତି। ନଭେମ୍ବର ୨୦୨୪ ତୁଳନାରେ ବିଏସଏନଏଲର ୩ଲକ୍ଷ ୨୨ହଜାର




୭୨ ଗ୍ରାହକ ଚାଲିଯାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପ୍ରାଇଭେଟ କମ୍ପାନୀଙ୍କ ରିଚାର୍ଜ ମହଙ୍ଗା ହେବାରୁ ଲୋକେ ସରକାରୀ ଅପରେଟରଙ୍କ ପଟକୁ ଢଳିଥିଲେ। ଲୋକେ ଏବେ ପୁଣି ଘରୋଇ ଅପରେଟରଙ୍କ ଆଡକୁ ମୁହାଁଇଛନ୍ତି।

କେବଳ ବିଏସଏନଏଲ ନୁହେଁ ଘରୋଇ ଟେଲିକମ କମ୍ପାନୀ ଭୋଡା ଆଇଡିଆ ମଧ ଗ୍ରାହକ ହରାଇଛି। ୧୭ ଲକ୍ଷରୁ ଅଧିକ ଗ୍ରାହକ ଭୋଡା ଆଇଡିଆ ଛାଡି ଅନ୍ୟ ସର୍ଭିସ ପ୍ରୋଭାଇଡରଙ୍କ ନିକଟକୁ ଚାଲିଯାଇଛନ୍ତି। ଏଥିରେ ଏୟାରଟେଲ ଓ ଜିଓକୁ ଅଧିକ ଲାଭ ହୋଇଛି। ଜିଓରେ ୩୯ଲକ୍ଷରୁ ଅଧିକ ନୂଆ ସବସ୍କ୍ରାଇବର ସଂଯୁକ୍ତ ହୋଇଥିବା ବେଳେ ଏୟାରଟେଲକୁ ମଧ ୧୦ ଲକ୍ଷ ନୂଆ ଗ୍ରାହକଙ୍କ ଲାଭ ମିଳିଛି। ଟ୍ରାଇଙ୍କ ତଥ୍ୟରୁ ଜଣାପଡିଛି ଯେ ଭାରତରେ ଓ୍ୱାୟାରଲେସ୍ ସବସ୍କ୍ରାଇବରଙ୍କ ସଂଖ୍ୟା ନଭେମ୍ବର ୨୦୨୪ରେ ୧୧୪କୋଟିରୁ ଅଧିକ ଥିଲା। ଏହା ଡିସେମ୍ବର ୨୦୨୪ ବେଳକୁ ବଢି ୧୧୫ କୋଟିରୁ ଅଧିକ ହୋଇଯାଇଛି। ଅର୍ଥାତ ଦେଶର ୧୧୫କୋଟି ମୋବାଇଲ ୟୁଜର ଜିଓ, ଏୟାରଟେଲ, ଭୋଡା ଆଇଡିଆ ଓ ବିଏସଏନଏଲ ସେବା ନେଉଛନ୍ତି। ଉପଲବ୍ଧ ତଥ୍ୟରୁ ଜଣା ପଡେ ଯେ ଲୋକେ ଏବେବି ମୋବାଇଲ ନମ୍ବର ପୋର୍ଟେବିଲିଟି ଉପରେ ଭରସା କରୁଛନ୍ତି। ଡିସେମ୍ବର ୨୦୨୪ରେ ୧.୩କୋଟିରୁ ଅଧିକ ସବସ୍କ୍ରାଇବର ଏମଏନପି ରିକ୍ୱେଷ୍ଟ କରିଥିଲେ। ଟ୍ରାଇଙ୍କ ରିପୋର୍ଟ ଅନୁସାରେ ଦେଶର ସହରାଞ୍ଚଳରେ ମୋବାଇଲ ଫୋନ ୟୁଜରଙ୍କ ସଂଖ୍ୟା ବଢୁଛି ଓ ଗ୍ରାମାଞ୍ଚଳରେ ହ୍ରାସ ହେଉଛି। ଡିସେମ୍ବରରେ ସହରାଞ୍ଚଳର ସବସ୍କ୍ରାଇବର ସଂଖ୍ୟା ୬୫.୯୯କୋଟିରୁ ବଢି ୬୬.୩୪କୋଟି ହୋଇଯାଇଛି। ତେବେ ଏହି ସମୟରେ ଦେଶରେ ଟେଲିଫୋନ ସବସ୍କ୍ରାଇବରଙ୍କ ସଂଖ୍ୟା ବଢ଼ିଛି। ଦେଶରେ ଏବେ ଟେଲିଫୋନ ଉପଭୋକ୍ତାଙ୍କ ସଂଖ୍ୟା ୧୧୮.୯୯କୋଟି ହୋଇଯାଇଛି। ନଭେମ୍ବର ୨୦୨୪ରେ ଏହି ସଂଖ୍ୟା ୧୧୮.୭୨ କୋଟି ଥିଲା।

# ୫ ବର୍ଷରେ ଓଡ଼ିଶାରେ ୧.୫ ଲକ୍ଷରୁ ଅଧିକ ଇ-ଯାନ ପଞ୍ଜିକୃତ ହୋଇଛି

ଭୁବନେଶ୍ୱରଃ ଓଡ଼ିଶା ବିଧାନସଭାରେ ଗୁରୁବାର ଦିନ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ରାଜ୍ୟରେ ଇଲେକ୍ଟ୍ରିକ୍ ଯାନ (ଇଭି) ପଞ୍ଜିକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଗତ ପାଞ୍ଚ ବର୍ଷ ମଧରେ ମୋଟ ୧,୫୫,୦୬୮ ଯାନ ପଞ୍ଜିକୃତ ହୋଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି ଯେ, ୨୦୨୧ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ବୈଦ୍ୟୁତିକ ଯାନ ନିୟମ ଲାଗୁ ହେବା ପରଠାରୁ ପଞ୍ଜିକୃତ ଦୁଇ ଚକିଆ, ତିନି ଚକିଆ, କାର ଏବଂ ବସ୍ ସଂଖ୍ୟା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତେ ଇଲେକ୍ଟ୍ରିକ୍ ଯାନ ପଞ୍ଜିକରଣ ହୋଇଛି ତାହାର ତଥ୍ୟ ପ୍ରଦାନ କରିବେ କି? ଏହା ସହିତ ଗତ ୫ ବର୍ଷର ବାର୍ଷିକ ଆଧାରରେ ଇଲେକ୍ଟ୍ରିକ୍ ଯାନ ପଞ୍ଜିକରଣ ତଥ୍ୟ ପ୍ରଦାନ କରିବେ କି?

୨୦୨୧ଃ ଦୁଇଚକିଆ ଯାନଃ ୪,୯୪୪, ତିନି ଚକିଆ ଯାନଃ ୬୨୩, ଚାରିଚକିଆ ଯାନଃ ୫୬, ବସ୍ଃ ୩

୨୦୨୨ଃ ଦୁଇଚକିଆ ଯାନଃ ୨୫,୭୨୬, ତିନି ଚକିଆ ଯାନଃ ୨,୨୫୨, ଚାରିଚକିଆ ଯାନଃ ୪୦୭, ବସ୍ଃ ୬୨ଟି

୨୦୨୩ଃ ଦୁଇଚକିଆ ଯାନଃ ୩୮,୩୪୭, ତିନି ଚକିଆ ଯାନଃ ୪,୭୭୧, ଚାରିଚକିଆ ଯାନଃ ୧,୩୪୪, ବସ୍ଃ ୮୩

୨୦୨୪ଃ ଦୁଇଚକିଆ ଯାନଃ ୫୬,୩୦୩, ତିନି ଚକିଆ ଯାନଃ ୬,୨୧୮, ଚାରିଚକିଆ ଯାନଃ ୩,୨୦୭, ବସ୍ଃ ୨୪୯

୨୦୨୫ (ମାର୍ଚ୍ଚ ୬ ପର୍ଯ୍ୟନ୍ତ)ଃ ଦୁଇଚକିଆ ଯାନଃ ୮,୫୮୧, ତିନି ଚକିଆ ଯାନଃ ୯୬୫, ଚାରିଚକିଆ ଯାନଃ ୮୫୪, ବସ୍ଃ ୭୩

ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ଯେ ରାଜ୍ୟ ସରକାର ୨୦୨୧ ରୁ ୨୦୨୫ (ମାର୍ଚ୍ଚ ୬, ୨୦୨୫ ପର୍ଯ୍ୟନ୍ତ) ୧,୨୨,୫୭୮ ହିତାଧିକାରୀଙ୍କୁ ମୋଟ ୨୩୨.୪୫ କୋଟି ଟଙ୍କାର ସବସିଡି ରାଶି ବଣ୍ଟନ କରିଛନ୍ତି।

### ଦର ନିୟନ୍ତ୍ରଣରେ ବଡ଼ ସଫଳତା


# ଖୁଚୁରା ମୁଦ୍ରାସ୍ଫୀତି ୩.୮୬%କୁ କମିବ


**ଭୁବନେଶ୍ୱର, ୧୩।୩(ସଂଚାର ବ୍ୟୁରୋ):** କିଛି ମାସ ପୂର୍ବେ ଭାରତର ସବୁଠୁ ମହଙ୍ଗା ବଜାର ଭାବେ ପରିଗଣିତ ହେଉଥିବା ଓଡ଼ିଶାର ଖୁଚୁରା ବଜାର ଦରଦାମ୍ ସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି। ଲଗାତାର ଭାବେ ଦାମ୍ ଉଚ୍ଚା ରହିବାରୁ ଗତ ମାସରେ ଖାଉଟି ବ୍ୟାପାର ବିଭାଗ ଓଡ଼ିଶା ସରକାରଙ୍କୁ ତାଙ୍କ ଦାୟିତ୍ୱ ବିଷୟରେ ମନେ ପକାଇଥିଲେ। ଦର ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ନେବାକୁ କହିଥିଲେ। ତାହାର ପ୍ରଭାବ ଫେବ୍ରୁଆରି ମାସରେ ସ୍ପଷ୍ଟ ଅନୁଭୂତ ହୋଇଛି। ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜାରି କରିଥିବା ତଥ୍ୟ ଅନୁସାରେ ଚଳିତ ବର୍ଷ ଫେବ୍ରୁଆରିରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୩.୮୬ ପ୍ରତିଶତ ଭଳି ନିମ୍ନସ୍ତରକୁ ହ୍ରାସ ପାଇଛି। କିଛି ମାସ ପୂର୍ବରୁ ଏଭଳି ଚମତ୍କାର ହେବ ବୋଲି କଳ୍ପନା ମଧ କରାଯାଇପାରୁନଥିଲା। ୨୦୨୪ ଡିସେମ୍ବରରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୯୭ ପ୍ରତିଶତ ଓ ଜାନୁଆରିରେ ୬.୦୫ଭଳି ଉଚ୍ଚା ଥିଲା। ଗୋଟିଏ ମାସରେ ସେଥିରେ ୨.୧୯ ପ୍ରତିଶତ ଭଳି ହ୍ରାସ ଘଟିଛି। ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଦରଦାମ୍ ସ୍ଥିତିରେ ଉନ୍ନତି ହୋଇଛି। ଗ୍ରାମୀଣ ମୁଦ୍ରାସ୍ଫୀତି ୬.୭୯ ପ୍ରତିଶତରୁ ୪.୩୦ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ସହରାଞ୍ଚଳ ମୁଦ୍ରାସ୍ଫୀତି ୪.୦୭ ପ୍ରତିଶତରୁ ହ୍ରାସ ପାଇ ୨.୭୫ ପ୍ରତିଶତ ହୋଇଛି। ଗତ ଫେବ୍ରୁଆରିରେ ଅଦା, ଜିରା, ଟମାଟୋ, ଫୁଲକୋବି ଓ ରସୁଣ ଦାମ୍



ଯଥେଷ୍ଟ କମିଥିଲା। ଏଥି ସହିତ ପନିପରିବା, ଅଣ୍ଡା, ମାଂସ, ମାଛ, ଡାଲି ଓ ଦୁଗ୍ଧ ଜାତୀୟ ଉତ୍ପାଦ ଦାମ୍ ମଧ ହ୍ରାସ ପାଇଥିଲା। ଇନ୍ଧନ ଓ ଆଲୋକ ଦରଦାମ୍ କମ୍ ହୋଇଥିବା ବେଳେ ପାଠପଢ଼ା ଓ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ସାମାନ୍ୟ ବଢ଼ିଛି। ପରିବହନ ଓ ଯୋଗାଯୋଗ ମଧ କିଛିଟା ମହଙ୍ଗା ହୋଇଥିଲା। ତେବେ ନଡ଼ିଆ ତେଲ, ନଡ଼ିଆ, ସୁନା, ରୁପା ଓ ପିଆଜ ମହଙ୍ଗା ହୋଇଥିଲା ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ସର୍ବଭାରତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୧ ପ୍ରତିଶତକୁ ହ୍ରାସ ପାଇଛି ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ସୀମାଠାରୁ କମ୍। ତେଣୁ ଆଗାମୀ ଦିନର ସୁଧ ହାର ଆହୁରି ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ ସହରାଞ୍ଚଳ ଖୁଚୁରା ମୁଦ୍ରାସ୍ଫୀତି ୩.୭୯ ପ୍ରତିଶତ ଓ ଗ୍ରମାଞ୍ଚଳ ମୁଦ୍ରାସ୍ଫୀତି ୩.୩୨ ପ୍ରତିଶତ ରହିଛି। ଫେବ୍ରୁଆରିରେ ଦେଶର ସବୁଠୁ ମହଙ୍ଗା ବଜାର ଥିଲା କେରଳ। ସେଠାରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭.୩୧ ପ୍ରତିଶତ ରହିଛି। ଏହା ପଛକୁ ରହିଛନ୍ତି ଛତିଶଗଡ଼ (୪.୮୯%), କର୍ଣ୍ଣାଟକ (୪.୪୯%), ବିହାର (୪.୪୭%) ଓ ଜାମ୍ମୁ ଓ କଶ୍ମୀର (୪.୨୮%)। କେନ୍ଦ୍ର ସରକାର ଲୋକମାନେ ଖୁଚୁରା ବଜାରରୁ କିଣୁଥିବା ବିଭିନ୍ନ ଜିନିଷର ଦାମ୍‌କୁ ନେଇ ମୁଦ୍ରାସ୍ଫୀତି ହିସାବ କରିଥାନ୍ତି। ସେଥିରେ ବୃଦ୍ଧି ଦରଦାମ୍ ଅଧିକ ରହିବା ଏବଂ ହ୍ରାସ ଦରଦାମ୍ କମ୍ ହୋଇଥିବାକୁ ବୁଝାଇଥାଏ। ଦରଦାମ୍‌କୁ ନିୟନ୍ତ୍ରଣରେ ରଖିବା ଲାଗି ସରକାର ରିଜର୍ଭ ବ୍ୟାଙ୍କୁ ଏକ ଲକ୍ଷ୍ୟ ଦେଇଛନ୍ତି। ତାହା ହେଉଛି ୪ (+/-୨ ପ୍ରତିଶତ। ଅର୍ଥାତ୍, ଖୁଚୁରା ମୁଦ୍ରାସ୍ଫୀତିକୁ ଅତିବେଶିରେ ୬ ପ୍ରତିଶତ ମଧରେ ରଖିବାକୁ ହେବ। ଓଡ଼ିଶାର ମୁଦ୍ରାସ୍ଫୀତି ଅନେକ ଦିନ ଧରି ନିର୍ଧାରିତ ସ୍ତରକୁ ଆସିପାରୁନଥିଲା।

# ସୁନୀଲ ଗୁପ୍ତା ସିଆଇଆଇ ଓଡ଼ିଶାର ନୂଆ ଅଧ୍ୟକ୍ଷ, ଜି ସୁରେଶା ଉପାଧ୍ୟକ୍ଷ





**ଭୁବନେଶ୍ୱର, ୧୩।୩:** ବେଦାନ୍ତ ଲିମିଟେଡ୍ ଝାରସୁଗୁଡ଼ାର ସିଇଓ ସୁନୀଲ ଗୁପ୍ତା ୨୦୨୫-୨୬ ପାଇଁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ଶାଖାର ନୂଆ ଅଧ୍ୟକ୍ଷ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ସମ୍ପତ୍ତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି ସୁରେଶା ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବୁଧବାର ଭୁବନେଶ୍ୱରରେ ସିଆଇଆଇ ଓଡ଼ିଶା ପକ୍ଷରୁ ଆୟୋଜିତ ବାର୍ଷିକ ଦିବସ ୨୦୨୫ରେ ଏହି ଘୋଷଣା କରାଯାଇଛି। ୨୦୨୪-୨୫ ବର୍ଷ ପାଇଁ ଡ. ପ୍ରଦୀପ୍ତ ମହାନ୍ତି ଅଧ୍ୟକ୍ଷ ଓ ଶ୍ରୀ ଗୁପ୍ତା ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ବିକଶିତ ଓଡ଼ିଶା ୨୦୩୬ଃ ରାଷ୍ଟ୍ର ଗଠନ ପାଇଁ ଏଜେଣ୍ଡା ନିର୍ଧାରଣ' ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେଥିରେ ଅତିଥି ଭାବେ ଯୋଗ ଦେଇ ସିଆଇଆଇ ପୂର୍ବାଞ୍ଚଳର ଅଧ୍ୟକ୍ଷ ଶୁଭେନ୍ଦ୍ର ବେହେରା ଓଡ଼ିଶା ସରକାର ପ୍ରଦାନ କରୁଥିବା ୩୦ ପ୍ରତିଶତ ସବ୍‌ସିଡି, ଏମ୍‌ଏସ୍‌ଏମ୍‌ଇମାନଙ୍କ ପାଇଁ ପାଚେରୀ ସହିତ ଜମି ଦେବା ଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଆଇଆଇ ଓଡ଼ିଶାର ୨୦୨୪-୨୫ର ଅଧ୍ୟକ୍ଷ ଡ. ମହାନ୍ତି ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଜାତୀୟ ହାରଠାରୁ ଅଧିକ ରହିବା ଏବଂ ୨୦୩୬ ସୁଦ୍ଧା ଏକ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ ହେବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ଧାମରା ବନ୍ଦରର ସିଇଓ ଦେବେନ୍ଦ୍ର ଠକର ଅର୍ଥନୈତିକ ପ୍ରଗତିରେ ଲଜିଷ୍ଟିକ୍ସର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏସାର୍ ମିନ୍‌ମେଟ୍‌ର ସିଇଓ ଶଶି ଶେଖର ମହାନ୍ତିଙ୍କ ସଂଯୋଜନାରେ ଏକ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା।




## ଆସ ତିଆରି କରିବା ଲସି




**ଆବଶ୍ୟକ ସାମଗ୍ରୀ:** ସିମେଇ, ଦହି, ବରଫ, ଚିନି, କଟା ଫଳ, ରୋଜ୍ ଏସେନ୍ସ, ଡ୍ରାଏ ଫ୍ରୁଟସ୍( କିସ୍‌ମିସ୍, କାଜୁ ଏବଂ ବାଦାମ) ଏବଂ ଆଇସ୍‌କ୍ରୀମ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ରେ ପ୍ୟାନ୍ ବସାଇ ସେଥିରେ ପାଣି ଗରମ କରନ୍ତୁ। ଏହା ପରେ ସେଥିରେ କଞ୍ଚା ସିମେଇ ପକାଇ ସିଝାନ୍ତୁ। କିଛି ସମୟ ଫୁଟିଲା ପରେ ସିମେଇ ସିଝିଯିବ। ଏହାପରେ ପାଣିରୁ ଛାଣି ସିମେଇକୁ ଏକ ପାତ୍ରରେ ରଖନ୍ତୁ। ଏହାକୁ ଥଣ୍ଡା ପାଣିରେ କିଛି ସମୟ ଭିଜାଇ ରଖନ୍ତୁ। ଏହି ପରି କଲେ ସିମେଇ ଲାଗିବ ନାହିଁ। ଏହା ପରେ ବସା ଦହି ନେଇ ସେଥିରେ ଆବଶ୍ୟକ ଅନୁସାରେ ଚିନି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ପରେ ରୋଜ୍ ଏସେନ୍ସ ପକାଇ ଆଉ ଥରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ଦୁଇଟି କାଚ ଗ୍ଲାସ୍ ନେଇ ସେଥିରେ ସିଝାଇ ରଖିଥିବା ସିମେଇ ପକାନ୍ତୁ। ପରେ ସେଥିରେ ଦହି ପକାନ୍ତୁ। ଅଧା ଦହି ପକାଇ ସେଥିରେ କଟା ହୋଇଥିବା ଫଳ ଗୁଡ଼ିକୁ ପକାଇ ବରଫ ପକାନ୍ତୁ। ଏହା ପରେ ପୁଣି ଦହି ପକାଇ ଗ୍ଲାସ୍ ଫୁଲ୍ କରି ଦିଅନ୍ତୁ। ଏପରି କଲା ପରେ ସେଥିରେ ନିଜ ପସନ୍ଦ ଅନୁସାରେ ଆଇସ୍‌କ୍ରୀମ୍ ପକାନ୍ତୁ। ଏହା ପରେ ସେଥିରେ ଡ୍ରାଏ ଫ୍ରୁଟସ୍‌କୁ ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଲସି।

## ସିଝା ମକା ଚଟପଟି ଫ୍ରାଏ

**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ: ୩ଟି, ସିଝା ମକା: ୧କପ, କୋରା ପନୀର: ୫୦ ଗ୍ରାମ, କର୍ଣ୍ଣଫ୍ଲୋର: ୨ଚାମଚ, କଟା କଞ୍ଚାଲଙ୍କା: ୨ଟି, କଟା ଧନିଆ ପତ୍ର: ଆବଶ୍ୟକ ପରିମାଣରେ, ଗୋଲମରିଚ ଗୁଣ୍ଡ: ୧ ଚାମଚରୁ ସାମାନ୍ୟ କମ, ଚିଜ ଖଣ୍ଡ: ୩ ରୁ ୪ଟି, ପେଷା ପାଉରୁଟିର, ମାଟିଆ ଭାଗ: ୧କପ, ଚାଟ ମସଲା: ଅଳ୍ପ, ଲୁଣ: ଆବଶ୍ୟକ ପରିମାଣରେ, ତେଲ: ଆବଶ୍ୟକ ପରିମାଣରେ

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସିଝା ଆଳକୁ ଭଲ ଭାବେ ଚକଟି ଦିଅନ୍ତୁ। ଏହି ଚକଟା ଆଳୁରେ କର୍ଣ୍ଣଫ୍ଲୋର, କୋରା ପନିର, ମକା ପକାନ୍ତୁ। ଏହାପରେ ଏଥିରେ କଞ୍ଚାଲଙ୍କା, ଧନିଆ ପତ୍ର, ଲୁଣ, ଗୋଲମରିଚ ଗୁଣ୍ଡ ଭଲ ଭାବେ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସ ଲଗାଇ ପାତ୍ରରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ମଧରେ ଏହି ମିଶ୍ରଣରୁ ଛୋଟ ବଲ ଆକୃତିର କରି ଏହାର ମଧ ଭାଗକୁ ଖାଲ କରନ୍ତୁ। ଏହି ଖାଲ ମଧରେ ଚିଜ ଅଳ୍ପ ଚାଟ ମସଲାକୁ ରଖନ୍ତୁ ଓ ସମ୍ପୂର୍ଣ୍ଣ ବଲ ଆକୃତିର କରି ଦିଅନ୍ତୁ। ଏହି ବଲକୁ ତେଲରେ ଭଲ ଭାବେ ଛାଣି ଦିଅନ୍ତୁ। ଏହାକୁ ଏକ ପାତ୍ରକୁ କାଢି ଚଟଣି କିମ୍ବା ସସ ସହ ଖାଆନ୍ତୁ ଓ ମଜା ନିଅନ୍ତୁ।



## ଆସ ଖାଇବା ଗୁପ୍‌ଚୁପ୍

ଗୁପଚୁପ ଏହି ଜିନିଷ ଟି ପ୍ରାୟ ସମସ୍ତ ଙ୍କର ଅତି ପ୍ରିୟ ଖାଦ୍ୟ ଭାବରେ ଜଣାଶୁଣା। ଗାଁ ଗହଳି ଠାରୁ ଯେ କୌଣସି ସ୍ଥାନ ଆମେ ଦେଖିବା ଯଦି ଗୋଟିଏ ଗୁପଚୁପ ଗାଡି ଠିଆ ହୋଇଛି କେଉଁଠି ତ ତା ନିକଟରେ ସଭିଙ୍କ ଭିଡ଼। ଆଜି ପର୍ଯ୍ୟନ୍ତ ଆମେ ସମସ୍ତଙ୍କର ଧାରଣା ରହିଥିଲା ଯେ ଗୁପଚୁପ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଯାଇଥାଏ। କିନ୍ତୁ ନିକଟରେ ହୋଇଥିବା ଗୋଟିଏ ଅଧ୍ୟୟନ ଅନୁସାରେ ଗୁପଚୁପ ମଧ ଦୂର କରିଥାଏ ଅନେକ ଶାରୀରିକ ସମସ୍ୟା। କିନ୍ତୁ ଏହା ସ୍ୱାସ୍ଥ୍ୟକର ପରିବେଶ ରେ ପ୍ରସ୍ତୁତ ହେବା ସହିତ ସଫା ସୁତୁରା ସ୍ଥାନରେ ପରିବେଷଣ କରାଯାଉଥିବା ଉଚିତ। ଗୁପଚୁପ ପାଣି ହେଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଏହାକୁ ସର୍ବଦା ସଫା ପାଣିରେ ଅଦା, ପୁଦିନା, ଧନିଆ ପତ୍ର ସହିତ ଖଟା ଦ୍ରବ୍ୟ ମିଶାଇ ପ୍ରସ୍ତୁତ କରିବା ଉଚିତ। ଏହାଛଡା ଅନେକ ଗୁଡିଏ ପୁଷ୍ଟିକର ଜିନିଷ ରେ ଗୁପଚୁପ ର ପ୍ରସ୍ତୁତି ହୋଇଥାଏ, ଅଟା, ସୁଜି, ଆଳୁ, ସିଝା ମଟର, କଞ୍ଚାଲଙ୍କା, ଆମଚୁର ପାଉଡର ଇତ୍ୟାଦି।

**ହେଲଦି ଡାଇଜେସନ:** ଗୁପଚୁପ ଗହମ ଅଟା , ସୁଜି, ବୁଟ, ମଟର ଓ ଆଳୁ ଆଦିରେ ପ୍ରସ୍ତୁତ ହୋଇଥିବା କାରଣରୁ କାର୍ବୋହାଇଡ୍ରେଟ ଓ ଫାଇବର ର ଗୋଟିଏ ଭଲ ସ୍ରୋତ ଅଟେ। ତେଣୁ ଏହାକୁ ଖାଇବା ଦ୍ୱାରା ଶରୀର କୁ ଭରପୁର ଫାଇବର ମିଳିଥାଏ, ଯାହାକି ଡାଇଜେସନ ସିଷ୍ଟମ ରେ ସୁଧାର ଆଣିଥାଏ।

**ଓଜନ ହ୍ରାସ:** ଆପଣ ଜାଣିଲେ ଏହା ଆଶ୍ଚର୍ଯ୍ୟ ହୋଇ ପାରନ୍ତି କିନ୍ତୁ ଆପଣ ଗୁପଚୁପ ଖାଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ। କାହିଁକି ନା ଗୁପଚୁପ ରେ ଦିଆଯାଉ ଥିବା ଅଧିକାଂଶ ଜିନିଷ ସିଝା ଅଟେ ଓ ସେଥିରେ ପାଣି ମଧ ରହିଥାଏ। ଏହି କାରଣରୁ ଏଥିରେ କ୍ୟାଲୋରୀ ଖୁବ କମ ମାତ୍ରାରେ ରହିଥାଏ ଯେଉଁ କାରଣରୁ ଓଜନ ହ୍ରାସ ହୋଇଥାଏ।



# ଚାନ୍ଦିପୁର ବେଳାଭୂମି

**ରେଳ କିମ୍ବା ସଡକ ପଥରେ ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରା କରି ଏବଂ ପରେ ବସ୍, ଅଟୋ କିମ୍ବା ଟ୍ୟାକ୍ସି ଧରି ଚାନ୍ଦିପୁରରେ ପହଞ୍ଚିହେବ। ୧୬ ନମ୍ବର ଜାତୀୟ ରାଜପଥ (ଏନ୍ଏଚ୍-୧୬) ଦେଇ ବାଲେଶ୍ୱରକୁ ସଡ଼କ ଯୋଗାଯୋଗ କରାଯାଇଥାଏ।**





ଆମେ କହୁଛୁ ଓଡ଼ିଶାର ଏକ ନିଛାଟିଆ ବେଳାଭୂମି, ଯେଉଁଠି ରହସ୍ୟମୟଭାବେ ସମୁଦ୍ର ଅଦୃଶ୍ୟ ହେବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହା ହେଉଛି ଚାନ୍ଦିପୁର ବେଳାଭୂମି ଏବଂ ଏହାର ପର୍ଯ୍ୟଟକମାନଙ୍କ ସହିତ ଲୁଚକାଳି ଖେଳିବାର ଅନନ୍ୟ ବୈଶିଷ୍ଟ୍ୟ ପାଇଁ ଜଣାଶୁଣା। ଆପଣଙ୍କ ଆଖି ସାମ୍ନାରେ ଜିନିଷ ଅଦୃଶ୍ୟ ହେଉଥିବା ଆପଣ ଦେଖିଛନ୍ତି କି? ଆଚ୍ଛା, ଏପରି ଘଟଣା ବେଳେବେଳେ ଘଟେ, ଯେତେବେଳେ ଆମେ କୌଣସି ସ୍ଥାନରେ ଜିନିଷ ରଖିଥାଉ ଏବଂ ଭୁଲି ଯାଆନ୍ତୁ ଯେ ଆମେ ଏହାକୁ କେଉଁଠାରେ ରଖିଛୁ। କିନ୍ତୁ, ଯଦି ଆମେ ଆପଣଙ୍କୁ ଏକ ସମୁଦ୍ର ବିଷୟରେ କହିବୁ ଯାହା ଅଦୃଶ୍ୟ ହୋଇଯାଏ ତେବେ କ'ଣ ହେବ? ହଁ, ଆପଣ ଠିକ୍ ପଢ଼ିଛନ୍ତି। ଆମେ କହୁଛୁ ଓଡ଼ିଶାର ଏକ ନିଛାଟିଆ ବେଳାଭୂମି ବିଷୟରେ, ଯେଉଁଠି ରହସ୍ୟମୟଭାବେ ସମୁଦ୍ର ଅଦୃଶ୍ୟ ହେଉଥିବା ଦେଖିବାକୁ ମିଳୁଛି। ଏହା ହେଉଛି ଚାନ୍ଦିପୁର ବେଳାଭୂମି, ଏବଂ ଏହାର ପର୍ଯ୍ୟଟକମାନଙ୍କ ସହିତ ଲୁଚକାଳି ଖେଳିବାର ଅନନ୍ୟ ବୈଶିଷ୍ଟ୍ୟ ପାଇଁ ଜଣାଶୁଣା। ତେବେ ଚାନ୍ଦିପୁର ବେଳାଭୂମିରେ ଥିବାବେଳେ ଆଖି ସାମ୍ନାରେ ସମୁଦ୍ର ଅଦୃଶ୍ୟ ହୋଇ ପୁଣିଥରେ ଦେଖାଯାଉଥିବା ଦେଖିବାକୁ ମିଳୁଛି। ଏହାର କାରଣ ହେଉଛି ସମୁଦ୍ରରେ ଜୁଆର ସମୟରେ, ଉଚ୍ଚ ଜୁଆର ଓ ନିମ୍ନ ଜୁଆର ମଧରେ ଅବଧି ୨-୫ କିଲୋମିଟର ପଛକୁ ଗତି କରି ଉଚ୍ଚ ଜୁଆର ସମୟରେ କୂଳକୁ ଫେରି ଆସିଥାଏ। ଏହି ଅସ୍ୱାଭାବିକ ପ୍ରାକୃତିକ ଘଟଣା ପ୍ରତିଦିନ ଘଟୁଛି, ଯେଉଁଠାରେ କେହି ପ୍ରକୃତରେ ସମୁଦ୍ରକୁ ଦେଖିପାରିବେ ଏବଂ ତା'ପରେ ଏହାକୁ ସେମାନଙ୍କ ଆଖି ସାମ୍ନାରେ ଅଦୃଶ୍ୟ ହେଉଥିବା ଦେଖିପାରିବେ। ଏହାର ଅନନ୍ୟ ପରିସ୍ଥିତି ହେତୁ ସମୁଦ୍ର କୂଳ ଜୈବ ବିବିଧତାକୁ ସମର୍ଥନ କରେ। ବୁଢ଼ାବଳଙ୍ଗ ନଦୀ (ବଳରାମଗଡ଼ି)ର ସଙ୍ଗମସ୍ଥଳରେ ନିକଟସ୍ଥ ମାଛଧରା ବଜାର ଏବଂ ସମ୍ପ୍ରଦାୟ ମିର୍ଜାପୁରଆଡ଼କୁ ସମୁଦ୍ର କୂଳରେ ଘୋଡ଼ାଶୁ କଙ୍କଡ଼ା ମଧ ଦେଖିବାକୁ ମିଳେ।

ଏହି ନିଆରା ଘଟଣା ବ୍ୟତୀତ, ଏହି ବେଳାଭୂମି ଅନ୍ୟ ବେଳାଭୂମି ପରି ଏବଂ ସମୁଦ୍ର କୂଳକୁ ଏକ ଭଲ ଅନୁଭୂତି ପ୍ରଦାନ କରେ। ଏହା ମଧ ମଜାଦାର କଥା ଯେ ଯେତେବେଳେ ସମୁଦ୍ର ତଳକୁ ଖସିଯାଏ, ସେତେବେଳେ ପ୍ରକୃତରେ ଏହାର ବାଲି ଉପରେ ଚାଲିପାରିବେ ଏବଂ ପ୍ରକୃତରେ କେହି ସମୁଦ୍ର ଉପରେ ବୁଲୁଥିବାର ଭ୍ରମ ସୃଷ୍ଟି କରିପାରେ।

ପର୍ଯ୍ୟଟକ ଏବଂ ମର୍ଣ୍ଣିଂ ବିଚ୍ ଭ୍ରମଣକାରୀମାନେ ଏହି ଦୃଶ୍ୟ ଦେଖି ଅନେକ ସମୟରେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି, ଯାହା ମଧ ଏହି ବେଳାଭୂମି ଲୋକଙ୍କ ମଧରେ ବେଶ୍ ଲୋକପ୍ରିୟ ହେବାର ଅନ୍ୟତମ କାରଣ। ଯଦି ରିପୋର୍ଟ ଅନୁଯାୟୀ, ଚନ୍ଦ୍ର ଚକ୍ର ଉପରେ ନିର୍ଭର କରୁଥିବାରୁ ଜୁଆର ଦୂର ହୋଇ ପୁନଃ ଦେଖାଯିବାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ଚାନ୍ଦିପୁର ବାଲେଶ୍ୱର ରେଳ ଷ୍ଟେସନଠାରୁ ପ୍ରାୟ ୧୬ କିଲୋମିଟର ଦୂରରେ ଅବସ୍ଥିତ। ଏହା ଏକ ଉପଯୁକ୍ତ ପିକନିକ୍ ସ୍ପଟ୍ ଅଟେ। ଓଡ଼ିଶା ପର୍ଯ୍ୟଟନର ପାନ୍ଥନିବାସ (ଗେଷ୍ଟ ହାଉସ୍) ଏଠାରେ ଅବସ୍ଥିତ। ଗ୍ରୀଷ୍ମ ଋତୁର ତାପମାତ୍ରା ୨୫-୪୦ ଡିଗ୍ରୀ ସେଲସିୟସ ରହୁଥିବାବେଳେ ଶୀତ ଋତୁର ତାପମାତ୍ରା ୧୭-୨୭ ଡିଗ୍ରୀ ସେଲସିୟସ ରହିଥାଏ। ପର୍ଯ୍ୟଟନ ଋତୁ ସାଧାରଣତଃ ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ହୋଇଥାଏ।

ଚାନ୍ଦିପୁର ହେଉଛି ଅବଦୁଲ କଲାମ ଦ୍ୱୀପରେ ଭାରତୀୟ ରଣନୀତିକ ବାହିନୀ କମାଣ୍ଡର ସମନ୍ୱିତ ପରୀକ୍ଷା ରେଞ୍ଜ (ଆଇଟିଆର)ର ଅବସ୍ଥିତି, ଯାହା ପୂର୍ବରୁ ହ୍ୱିଲର ଦ୍ୱୀପ ନାମରେ ପରିଚିତ ଥିଲା। ଆଣବିକ କ୍ଷମତା ସମ୍ପନ୍ନ ପୃଥ୍ୱୀ, ଅଗ୍ନି ଓ ଶୌର୍ଯ୍ୟ ବ୍ୟାଲେଷ୍ଟିକ୍ କ୍ଷେପଣାସ୍ତ୍ର ସହିତ ଆକାଶ ଓ ବାରାକ୍ ୮ଟି ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ସମେତ ଅନେକ ଭାରତୀୟ କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ଉତକ୍ଷେପଣ କରାଯାଉଛି।

ବାଲେଶ୍ୱର ଜିଲ୍ଲାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନଗୁଡ଼ିକ ହେଲା ପଞ୍ଚଲିଙ୍ଗେଶ୍ୱର, ଖିରାଚୋରା ଗୋପୀନାଥ ମନ୍ଦିର, ଚାନ୍ଦିପୁର ବେଳାଭୂମି, ଇମାମୀ ଜଗନ୍ନାଥ ମନ୍ଦିର ଏବଂ ନୀଳଗିରି ଜଗନ୍ନାଥ ମନ୍ଦିରର ପ୍ରମୁଖ।

# ଭିତରକନିକା ଜାତୀୟ ଉଦ୍ୟାନ

ଭିତରକନିକା ଜାତୀୟ ଉଦ୍ୟାନ ପୂର୍ବ ଭାରତର ଓଡ଼ିଶାର ଉତ୍ତର-ପୂର୍ବ କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ ଏକ ୧୪୫ ବର୍ଗ କିଲୋମିଟର (୫୬ ବର୍ଗ ମାଇଲ) ବୃହତ ଜାତୀୟ ଉଦ୍ୟାନ। ଏହା ଭୁବନେଶ୍ୱରଠାରୁ ୧୬୭ କି.ମି. ଦୂରରେ ଅବସ୍ଥିତ। ଏହା ୧୬ ସେପ୍ଟେମ୍ବର ୧୯୯୮ରେ ନାମିତ ହୋଇଥିଲା ଏବଂ ୧୯ ଅଗଷ୍ଟ ୨୦୦୨ରେ ରାମସାର ସାଇଟ ମାନ୍ୟତା ପାଇଥିଲା। ଚିଲିକା ହ୍ରଦ ପରେ ଏହି ଅଞ୍ଚଳକୁ ରାଜ୍ୟର ଦ୍ୱିତୀୟ ରାମସାର ସାଇଟଭାବେ ମଧ ମନୋନୀତ କରାଯାଇଛି। ଏହା ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟଦ୍ୱାରା ଘେରି ରହିଛି, ଯାହା ୬୭୨ ବର୍ଗ କିଲୋମିଟର (୨୫୯ ବର୍ଗ ମାଇଲ) ପର୍ଯ୍ୟନ୍ତ ପରିବ୍ୟାପ୍ତ। ଗହୀରମଥା ବେଳାଭୂମି ଏବଂ ସାମୁଦ୍ରିକ ଅଭୟାରଣ୍ୟ ପୂର୍ବଦିଗରେ ଅବସ୍ଥିତ, ଯାହା ବଙ୍ଗୋପସାଗରରୁ ଜଳାଶୟ ଅଞ୍ଚଳ ଏବଂ ଲୁଣା ଜଙ୍ଗଲକୁ ଅଲଗା କରିଥାଏ। ବ୍ରାହ୍ମଣୀ, ବୈତରଣୀ, ଧାମରା ଓ ପଥଶାଳା ନଦୀରେ ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଜଳମଗ୍ନ ହୋଇଛି। ଏଠାରେ ଅନେକ ଲୁଣା ଜଙ୍ଗଲ ପ୍ରଜାତି ରହୁଛି ଏବଂ ଏହା ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଇକୋସିଷ୍ଟମ ଅଟେ। ଜାତୀୟ ଉଦ୍ୟାନରେ ସଲ୍ଟୱାଟର କୁମ୍ଭୀର (କ୍ରୋକୋଡିଲୁସ୍ ପୋରୋସସ୍), ଭାରତୀୟ ଅଜଗର, କିଙ୍ଗ୍ କୋବ୍ରା, କଳା ଇବି, ଡାର୍ଟର ଏବଂ ଅନ୍ୟାନ୍ୟ ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁ ରହୁଛନ୍ତି। ଏସୀୟ ଜଳ ନିରୀକ୍ଷକ ଭଳି ଅନ୍ୟାନ୍ୟ ଅର୍ଦ୍ଧଜଳୀୟ ସରୀସୃପ ଏବଂ ଅନେକ ସାପ ସହିତ ୨୩ ଫୁଟ ଲମ୍ବର ଏହି ବିଶାଳ ଲୁଣା ପାଣି କୁମ୍ଭୀରକୁ ଦେଖିବା ପାଇଁ ଏହା ଏକ ଜଣାଶୁଣା ସ୍ଥାନ। ଏହି ଉଦ୍ୟାନରେ ପ୍ରଚୁର ମାତ୍ରାରେ ଅକ୍ଷ ହରିଣ (ଚିତାଲ) ଏବଂ ୟୁରେସିଆନ ବନ୍ୟ ଘୁଷୁରୀ ଅଛନ୍ତି ଏବଂ ସମସ୍ତ ପ୍ରମୁଖ ସ୍ଥାନରେ ଦେଖିବାକୁ ମିଳେ। ଏଠାରେ ଆଠ ପ୍ରକାରର କିଙ୍ଗଫିସର ଦେଖିବାକୁ ମିଳେ ଏବଂ ଉଦ୍ୟାନ ଭିତରେ ଥିବା ଅନେକ ନାଳ ଓ ନଦୀକୂଳ ପ୍ରଣାଳୀରେ ଦେଖିବାକୁ ମିଳେ। ଖୋଲାରୁ ଡାଙ୍ଗମାଳ ପର୍ଯ୍ୟନ୍ତ ଡଙ୍ଗା ଯାତ୍ରା ବହୁତ ଲୋକପ୍ରିୟ, କାରଣ ଖୋଲା ପାର୍କର ପ୍ରବେଶ ଦ୍ୱାର ମଧରୁ ଅନ୍ୟତମ। ଘଞ୍ଚ ମେନଗ୍ରୋଭ ଜଙ୍ଗଲ ଦେଇ ଅତିକ୍ରମ କରୁଥିବା ଏହି ରାସ୍ତାଟି ମନୁଷ୍ୟ ନିର୍ମିତ ନାଳ ଦେଇ ଗତି କରି ମୁହାଣ ପରିବେଶ ଏବଂ ଏହାର ଜୀବଜନ୍ତୁଙ୍କ ସମ୍ପଦର ଝଲକ ପ୍ରଦାନ କରିଥାଏ। ସକାଳେ କିମ୍ବା ସୂର୍ଯ୍ୟାସ୍ତ ପୂର୍ବରୁ ଏହି ନାଳ ଦେଇ ଯାତ୍ରା କରିବାର ସର୍ବୋତ୍ତମ ସମୟ ଅଟେ। ଭିତରକନିକାର ଏକ ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ଅତୀତ ରହିଛି। ଏହା ତତ୍କାଳୀନ କନିକା ରାଜାଙ୍କ ଶିକାର ସ୍ଥଳ ଥିଲା। ଭିତରକନିକା ଟ୍ରେଲ ଓ ଡାଙ୍ଗମାଳ ସମେତ ଅନେକ ସ୍ଥାନରେ ଶିକାର ଟାୱାର ଓ କୃତ୍ରିମ ପାଣି ଭର୍ତ୍ତି ଦେଖିବାକୁ ମିଳୁଛି। ଏହା ମଧ ମଧ୍ୟଯୁଗୀୟ ହିନ୍ଦୁ ମନ୍ଦିରର ଘର, ଯାହା ସମଗ୍ର ଅଭୟାରଣ୍ୟରେ ଦେଖିବାକୁ ମିଳେ, ତଥାପି ମୁଖ୍ୟ ଆକର୍ଷଣ ହେଉଛି ବନ୍ୟଜନ୍ତୁ। ଏହି ଉଦ୍ୟାନକୁ ବୁଲିବା ପାଇଁ ନଭେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଅତ୍ୟନ୍ତ ଭଲ ସମୟ। ଏହି ସମୟରେ ତାପମାନ ୧୬ ଡିଗ୍ରୁରୁ ୨୫ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ। ପାର୍କ ମଇରୁ ଜୁଲାଇ ପର୍ଯ୍ୟନ୍ତ ଓ କୁମ୍ଭୀର ଗଣନା ପାଇଁ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥାଏ।



ସଂପ୍ରତି କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଓ ଧୋନ୍ଦ୍ରାଖୋଲ ସଂରକ୍ଷିତ ଜଙ୍ଗଲକୁ ରାଜ୍ୟର ଚତୁର୍ଥ ଜୈବବିବିଧ-ଐତିହ୍ୟସ୍ଥଳ (ବିଏଚ୍‌ଏସ୍) ଭାବେ ଘୋଷଣା କରାଯାଇଛି। ଓଡ଼ିଶା ଜୈବ ବିବିଧତା ପରିଷଦ୍ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଏହି ଜଙ୍ଗଲ ବହୁ ବିରଳ ଜୀବଜନ୍ତୁରେ ପରିପୂର୍ଣ୍ଣ ଏବଂ ଜୈବ ବିବିଧତାର ଏକ ସଂରକ୍ଷିତ ପରିସର। ଏହା ୨୮ ପ୍ରଜାତିର ସ୍ତନ୍ୟପାୟୀ, ୧୮ ଉଭୟଚର, ୧୮୮ ପକ୍ଷୀ, ୪୮ ସରୀସୃପ, ୧୪୧ ପ୍ରଜାପତି, ୪୫ ମାଛ, ୪୩ ରାତ୍ରିଚର କୀଟପତଙ୍ଗ, ୪୧ କଙ୍କି, ୩୦ ଛୋଟବଡ଼ ବୁଢ଼ିଆଣୀ, ୨୦ ଅମେରୁଦଣ୍ଡୀ ଓ ୬ ପ୍ରଜାତିର କଙ୍କଡ଼ାବିଛାଙ୍କ ବାସସ୍ଥାନ। ଗୁପ୍ତେଶ୍ୱର ଜଙ୍ଗଲରେ ବିରଳ ପ୍ରଜାତିର ମଗର, କାଙ୍ଗେର ଉପତ୍ୟକାରେ ଦେଖାଯାଉଥିବା ରକ୍ ଗେକୋ (ପାହାଡ଼ୀ ଝିଟିପିଟି ପ୍ରଜାତି), ସନ୍ତସନ୍ତିଆ ବୁଦାରେ ବାସ କରୁଥିବା ବେଙ୍ଗ ମଧ ଦେଖିବାକୁ ମିଳନ୍ତି। ଏଥିସହ ଏହା ଚୂଳିଆ ବାଜ, କଳାବାଜ, କୁମ୍ଭାଟୁଆ, କଳା କାଠହଣା, ପାହାଡ଼ୀ ଶାରୀ, କଷ୍ଟଫେଡ୍ ଆଦି ପକ୍ଷୀ ସମୁଦାୟଙ୍କ ଆଶ୍ରୟସ୍ଥଳୀ। ଦକ୍ଷିଣ ଓଡ଼ିଶାରେ ଦେଖାଯାଉଥିବା ମୋଟ ୧୬ ପ୍ରକାରର ବାଦୁଡ଼ି ପ୍ରଜାତି ମଧରୁ ଗୁପ୍ତେଶ୍ୱର ଜଙ୍ଗଲରେ ୮ ପ୍ରଜାତିର ବାଦୁଡ଼ି ଦେଖାଯା'ନ୍ତି। ଗୁପ୍ତେଶ୍ୱର ଜଙ୍ଗଲରେ ଦୁଇଟି ରାତ୍ରିଚର ପ୍ରଜାତି ସ୍ତନ୍ୟପାୟୀ ହିପୋସାଇଡ୍ରୋସ୍ ଗେଲେରିଟସ୍ ଓ ରାଇନୋଲୋଫସ୍ ରୁକ୍ସି (କଳା, ଧୂସର ଓ ଈଷତ୍ ହଳଦିଆ ବାଦୁଡ଼ି ପ୍ରଜାତିର ଛୋଟ ପକ୍ଷୀ) ଦେଖାଯା'ନ୍ତି। ଏହି ୨ ପ୍ରଜାତିର ପକ୍ଷୀ ଇଣ୍ଟରନ୍ୟାସନାଲ୍ ୟୁନିଅନ୍ ଫର୍ କଞ୍ଜର୍ଭେସନ୍ ଅଫ୍ ନେଚର୍ (ଆଇୟୁସିଏନ୍)ର ଆସନ୍ନ ଲୁପ୍ତପ୍ରାୟ ଶ୍ରେଣୀ ଅନ୍ତର୍ଭୁକ୍ତ ବୋଲି କହନ୍ତି

# ଜୈବବିବିଧ ଐତିହ୍ୟସ୍ଥଳ



ନେଚର୍ ଇନିସିଏଟିଭ୍ ଅନୁଷ୍ଠାନର ଶ୍ରୀକାନ୍ତ ଶେଖର ସାହୁ। ଏଥିସହ ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ପରିବେଶ ଆଇନ୍ ବିଶେଷଜ୍ଞ ଶଙ୍କର ପ୍ରସାଦ ପାଣି କହନ୍ତି, "୨୦୧୬ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଗୁପ୍ତେଶ୍ୱର ସଂରକ୍ଷିତ ଜଂଗଲରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଉପରେ ଦେଇଥିବା ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ପଲିଥିନ୍ ଓ ପ୍ଲାଷ୍ଟିକ୍ ନିଷେଧ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ନ କଲେ ଗୁପ୍ତେଶ୍ୱରର ଜୈବବିବିଧତା ଅଚିରେ ବିପଦପ୍ରବଣ ହୋଇପଡ଼ିବ।" ସେହିପରି କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ପ୍ରଫେସର ଶରତ କୁମାର ପଳିତା କହନ୍ତି, "ଗୁପ୍ତେଶ୍ୱର ଜୈବମଣ୍ଡଳ ହେଉଛି ଶୁଷ୍କ ପର୍ଣ୍ଣମୋଚୀ ଓ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ। ଏହି ସଂରକ୍ଷିତ ଜଙ୍ଗଲରେ ଆଦିମ ଦୁରୁଆ ଜନଜାତି ବାସ କରନ୍ତି। ଛତିଶଗଡ଼ରେ ସେମାନଙ୍କୁ ଜନଜାତିର ମାନ୍ୟତା ମିଳିଥିବା ବେଳେ ଏଠାରେ ଏହି ସମ୍ପ୍ରଦାୟଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେମାନଙ୍କୁ ଜନଜାତି ମାନ୍ୟତା ଦେଇ ତାଙ୍କର ଜୀବନଜୀବିକା ସୁରକ୍ଷିତ ରଖିପାରିଲେ ଗୁପ୍ତେଶ୍ୱର ଜୈବମଣ୍ଡଳ ମଧ ସୁରକ୍ଷିତ ରହିବ।"

## ବ୍ଲକ୍ ପରିସର ରେ ମଦ ବୋତଲ, ପିଉଛି କିଏ?



**ବିଞ୍ଝାରପୁର,୧୩।୩(ସଂଚାର ବ୍ୟୁରୋ):** ବ୍ଲକ୍ ପରିସର ପଡ଼ିଛି ମଦ ବୋତଲ ଆଉ ଗ୍ଲାସ୍। ବ୍ଲକ୍ ପରିସର ରେ ଏଭଳି ବ୍ୟବସ୍ଥା କୁ ନେଇ ଉଠିଛି ପ୍ରଶ୍ନବାଚୀ।ବିଞ୍ଝାରପୁର ବ୍ଲକ୍ ପରିସର ରେ ଥିବା କନିଷ୍ଠ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ନିକଟ ରେ ପଡ଼ିଛି ବୋତଲ। କିଛି ଦିନ ପୂର୍ବରୁ ବ୍ଲକ୍ ପରିସର ରେ ମଦ ବୋତଲ ପଡ଼ିଥିବା ଖବର ପ୍ରକାଶ ପାଇବା ପରେ କିଛି ଦିନ ଏଭଳି କାର୍ଯ୍ୟକଳାପ ବନ୍ଦ ରହିଥିଲା। ଏବେ ପୁଣି କନିଷ୍ଠ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ଝରକା ପାଖରେ ବୋତଲ ସାଙ୍ଗକୁ ଗ୍ଲାସ୍ କିଛି ଭିନ୍ନ କଥା କହୁଛି। ଏ ବୋତଲ କେହି ଅଧିକାରୀ ନା ଅନ୍ୟ କୌଣସି ଅସାମାଜିକ ବ୍ୟକ୍ତି ପିଇ ଏଠାରେ ବୋତଲ ଫୋପାଡ଼ିଛି ତାକୁ ନେଇ ପ୍ରଶ୍ନ ଉଠିଛି। ବ୍ଲକ୍ ପରିସର ରେ ଦିନ ଦ୍ୱିପହର ରେ ଏଭଳି ଅବସ୍ଥା ଶୃଙ୍ଖଳା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛି

## ଟାଙ୍ଗରମୁଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ମୃତ, ୩୦ ରୁ ଅଧିକ ଆହତ



**ସୁନ୍ଦରଗଡ଼,୧୩।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଟାଙ୍ଗରମୁଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ ହୋଇଥିବା ବେଳେ ୩୦ ରୁ ଅଧିକ ଯାତ୍ରୀ ଆହତ ହେଇଛନ୍ତି। କିଞ୍ଜିରକେଲକ୍ଷ ଠାରୁ ସୁନ୍ଦରଗଡ଼ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ମା ସମଲେଶ୍ୱରୀ ବସ ଟାଙ୍ଗରମୁଣ୍ଡାରେ ଏକ ବାଇକକୁ ବଞ୍ଚାଇବାକୁ ଯାଇ ୧୦ ଫୁଟ ତଳକୁ ବସ ଟି ଓଲଟି ପଡ଼ିଥିଲା। ଓଡ଼ି୧୪ଗଛ୭୧୫୬ ନମ୍ବର ବାଇକଟି ସୁନ୍ଦରଗଡ଼ରୁ କିଞ୍ଜିରକେଲକ୍ଷ ପଟକୁ ଯାଉଥିବା ସମୟରେ ଟାଙ୍ଗରମୁଣ୍ଡକ୍ଷ ଠାରେ ବସ ସହିତ ଧକ୍କା ହୋଇଥିଲା। ବାଇକ୍ ଆରୋହୀ ମଧ୍ୟ ଗୁରୁତର ଆହତ ହୋଇଥିଲା, ଏନଟିପିସି ହସ୍ପିଟାଲ ରେ ବାଇକ୍ ଚାଳକଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଘଟଣା ସ୍ଥଳରେ ସଦର ପୋଲିସ, ଅଗ୍ନିଶମ ବାହିନୀ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆହତ ଯାତ୍ରୀ ମାନଙ୍କୁ ସୁନ୍ଦରଗଡ଼ ହସ୍ପିଟାଲକୁ ପଠାଇଛନ୍ତି ।

## ଜିଲ୍ଲା ଆଉଟସୋର୍ସିଂ ସଂଘ ପକ୍ଷରୁ ଧାରଣା ସହ ଦାବୀ ପତ୍ର ପ୍ରଦାନ



**ସୁବର୍ଣ୍ଣପୁର, ୧୩।୩ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଆଉଟସୋର୍ସିଂ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ନରହରି ମହାପାତ୍ରଙ୍କ ନେତୃତ୍ୱରେ ଉପ ସଭାପତି ରବି ନାରାୟଣ ତଣ୍ଡକାର, ସାଧାରଣ ସମ୍ପାଦକ ବିକାଶ ସାହୁ, ସହ ସମ୍ପାଦକ ରାମ ମେହେର, ଉପଦେଷ୍ଟା ରାକେଶ ମିଶ୍ର, କୋଷାଧ୍ୟକ୍ଷ ଲୋକନାଥ ସୁରୁଜାଲଙ୍କ ସମେତ ସମସ୍ତ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସାମନାରେ ଧାରଣା ଦେବା ସହ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଦାବୀପତ୍ରରେ ସଂଘର ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଦାବୀ କରିବା ସହ ଯେତେଦିନ ପର୍ଯ୍ୟନ୍ତ ସ୍ଥାୟୀ ନ ହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଚାକିରୀ ନିରାପତ୍ତାର ବ୍ୟବସ୍ଥା କରାଯିବା ପାଇଁ ଦାବୀ କରିବା ସହ ଯେଉଁମାନେ ବର୍ଷ ବର୍ଷ ଧରି କାର୍ଯ୍ୟ କରି ଛୋଟେଇ ହୋଇଛନ୍ତି ସେମାନଙ୍କୁ ପୁନର୍ବାର ଥଇଥାନ କରାଯିବା, ସମସ୍ତ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ, ଆଉଟସୋର୍ସିଂର ଦୈନିକ ମଜୁରିଆକୁ ଉଠାଇ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ମାସିକିଆ ସୁବିଧା, ଆଉଟସୋର୍ସିଂର ଏଜେନ୍ସୀ ଗୁଡ଼ିକ ଉଠାଇ ସରକାର ସିଧାସଳଖ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ତ ସୁବିଧାସୁଯୋଗ ନିଜ ଦ୍ୱାରା ପରିଚାଳନା କରିବା ପ୍ରମୁଖ ଦାବୀ ଗୁଡିକ ସରକାର ପୂରଣ ନ କଲେ ସମସ୍ତ ବିଭାଗର ଆଉଟସୋର୍ସିଂ କର୍ମଚାରୀ ଆସନ୍ତା ମାର୍ଚ୍ଚ ୧୭ ରୁ ୨୧ ପର୍ଯ୍ୟନ୍ତ କଳାବ୍ୟାଚ୍ ପରିଧାନ କରିବା ସହ ଓଡିଶା ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଡ଼ାକରାରେ ଆସନ୍ତା ୨୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ପି.ଏମ୍.ଜି.ରେ ଧାରଣ ଦେବେ ବୋଲି ସଂଘ ଚେତାବନୀ ଦେଇଛି।

## ବ୍ଲକସ୍ତରୀୟ ପଞ୍ଚ ଶିଶୁବାଟିକା ପ୍ରଶିକ୍ଷଣ



**ସୁବର୍ଣ୍ଣପୁର, ୧୩।୩(ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଶିଶୁବାଟିକା ପ୍ରସ୍ତୁତି ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଆଠଟି କ୍ଲଷ୍ଟର ର ୫୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭାଗନେଇ ପ୍ରମାଣପତ୍ର ପାଇଥିଲେ। ପ୍ରଶିକ୍ଷକ ଭାବରେ ତମାମୁରା ଉଚ୍ଚପ୍ରାଥମିକ ପ୍ରଧାନଶିକ୍ଷକ ଫଗୁନୁ ନାଏକ,ଡୁଙ୍ଗୁରିପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କରମଚନ୍ଦ୍ର ବାରିକ,ଟିଙ୍ଗେରକଟା ଉଚ୍ଚପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଯୋଗାନନ୍ଦ ପଧାନ, କୁଢାରୀକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥବିର ଦୋରା ତାଲିମ ପ୍ରଦାନ କରିଥିଲେ। ନୂତନ ଜାତୀୟ ଶିକ୍ଷାନୀତି ରେ ଶିଶୁବାଟିକା ଶ୍ରେଣୀ ର ଛାତ୍ରଛାତ୍ରୀ ଙ୍କୁ ଶିକ୍ଷାଦାନ ର ଲକ୍ଷ୍ୟ ଓ ବିଭିନ୍ନ କୌଶଳ ବିଷୟରେ ବିଭିନ୍ନ ଅଧିବେଶନ ମାଧ୍ୟମରେ ଆଲୋଚନା ହୋଇଥିଲା। ସୋନପୁର ଜିଲ୍ଲା ପେଡାଗୋଜି ସଂଯୋଜକ ଅକ୍ଷୟ ସାହୁ,ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଷ କିଷାନ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା,ଜଗତ ମଲ୍ଲିକ ପରିଦର୍ଶନ ରେ ଆସି ବିଦ୍ୟାଳୟ ସ୍ତରରେ ଏହାର ପ୍ରୟୋଗ ସମ୍ପର୍କିତ ପରାମର୍ଶ ଦେଇଥିଲେ।

## ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ହିଞ୍ଜିଳିକାଟୁ,୧୩।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ମର୍ଣ୍ଣିଂ କ୍ରିକେଟ କ୍ଲବ ପକ୍ଷରୁ ବୁଧବାର ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି।କ୍ଲବ ସଭାପତି ନିଶିକାନ୍ତ ପଣ୍ଡାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ହିଞ୍ଜିଳି ପୌର ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଥାନାଧିକାରୀ ଶ୍ରୀନିବାସ ସେଠୀ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼ା.ଶ୍ରୀକାନ୍ତ ସାହୁ, ପୂର୍ବତନ ଉପ ନଗରପାଳ ପବିତ୍ର ମୋହନ ପାଣିଗ୍ରାହୀ, ଯୁବ ବିଜେଡ଼ି ସଭାପତି ସଞ୍ଜୟ ପଣ୍ଡା, ବିଜେଡ଼ି କାଉନସିଲର ବିଭୁ ପ୍ରସାଦ ପଣ୍ଡା, ବିଜେପି ରାଜ୍ୟ ପରିଷଦ ସଭ୍ୟ ମାଧବ ଗୌଡ଼ ଓ ପୂର୍ବତନ ବିଜେପି ନଗର ସଭାପତି ସନ୍ତୋଷ ପାଣିଗ୍ରାହୀ ଓ ବିଜେପି ହିଞ୍ଜିଳି ମଣ୍ଡଳ ସଭାପତି ସୁଧାଂଶୁ ସାବତ ମଞ୍ଚାସୀନ ଥିଲେ ଓ ଆଜିର ଉଦଘାଟନୀ ମ୍ୟାଚରେ ମହାଲକ୍ଷ୍ମୀ ଏକାଦଶ ରେଗିଡ଼ି ଓ ଭାସ୍କର ଏକାଦଶ ଧର୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

### ପ୍ରହସନ ପାଲଟିଛି ସ୍ୱଚ୍ଛ ଭାରତ ମିଶନ

# ଖତ ଖାଉଛି ଶତାଧିକ ଅଳିଆବୁହା ରିକ୍ସା

**କଳାହାଣ୍ଡି,୧୩।୩(ସଂଚାର ବ୍ୟୁରୋ):** ଦେଶରେ ବିଜେପି ଦଳ ଶାସନକୁ ଆସିବା ଦିନ ଠାରୁ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକାରୀ କରିବା ପରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ବାସ୍ତବରେ ଏହା କେତେ ଦୂର ସଫଳ ହୋଇଛି ତାହା କାହା ଉପରେ ନିଘା ନାହିଁ। ସରକାରୀ ଅଧିକାରୀମାନେ ନିଜ ଇଚ୍ଛା ମୁତାବକ କାମ କରୁଥିବା ବେଳେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ସ୍ୱଚ୍ଛ ଭାରତ ମିଶନ ଯୋଜନା ମାଧ୍ୟମରେ ଧର୍ମଗଡ ବ୍ଲକ ର ପ୍ରାୟ ପ୍ରତ୍ୟେକ ପଂଚାୟତ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଶତାଧିକ ଅଳିଆ ବୁହା ରିକ୍ସା ଅଣାଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ହେବ ବ୍ଲକ ପରିସର ଓ ପଂଚାୟତ ପରିସରରେ ପଡି ରହିଥିବା ଦେଖିବାକୁ ମିଳିଛି। ଗୋଟିଏ ରିକ୍ସା ପ୍ରତି ୩୩ ହଜାର ହିସାବରେ ପ୍ରାୟ କୋଟିଏ ରୁ ଉର୍ଦ୍ଧ ଅଳିଆ ବୁହା ରିକ୍ସା ପାଇଁ ଖର୍ଚ୍ଚ ହୋଇଛି।କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟରେ ଲାଗିପାରିଲା ନାହିଁ। ଯାହା ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଅନ୍ୟ ପକ୍ଷେ ଆସିଥିବା ରିକ୍ସା ଗୁଡିକ ଅତି ନିମ୍ନମାନର ହୋଇଥିବାରୁ ପ୍ରଶାସନ ପଞ୍ଚାୟତକୁ ହସ୍ତାନ୍ତର କରୁନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସରକାରୀ ମାଲ ଦରିଆ ମେ ଡାଲ' ବୋଲି ମତ ପ୍ରକାଶ ପାଉଛି । ସେହିଭଳି ପୂର୍ବରୁ ମଧ୍ୟ କିଛି ପଞ୍ଚାୟତକୁ ବିଦ୍ୟୁତ ଚାଳିତ ଅଳିଆ ବୁହା ଗାଡି ବର୍ଷ ବର୍ଷ ହେବ ପଡି ରହି ଖତ ଖାଉଥିବା ବେଳେ ବର୍ତ୍ତମାନ ଆସିଥିବା ରିକ୍ସା କେତେ ଦୂର ଲୋକଙ୍କ କାମରେ ଆସିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଘଟଣା ସମ୍ପର୍କରେ ଧର୍ମଗଡ ବିଡିଓ ଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ । ଉକ୍ତ ବିଷୟରେ ସଠିକ୍ ଭାବେ ଜାଣିନଥିବା ପ୍ରକାଶ ପାଇଛି । ସୂଚନା ଥାଉକି ପୂର୍ବତନ ବିଡିଓଙ୍କ ସମୟରେ ଏହି ରିକ୍ସା ଆସିଥିବା ବେଳେ ବିନା ଟେଣ୍ଡରରେ ଆସିଥିବା ନେଇ ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀ ସହ ଯୋଗାଯୋଗ କରିବାରୁ ସଠିକ୍ ସୂଚନା ଦେବା ପରିବର୍ତ୍ତେ ତଥ୍ୟ ପ୍ରଦାନ କରୁନାହାନ୍ତି। ଘଟଣାର ତଦନ୍ତ ହେଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।



## ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ




**କଟକ,୧୩।୩(ସଂଚାର ବ୍ୟୁରୋ):** ମହିଳା ସାଂସ୍କୃତିକ ସଂଗଠନ(ଏମ୍‌ଏସ୍‌ଏସ୍) କଟକ ଜିଲ୍ଲା କମିଟି ପକ୍ଷରୁ ନାରୀ ନିର୍ଯ୍ୟାତନା ବନ୍ଦ କରିବା ଏବଂ ନିର୍ଯ୍ୟାତନାକାରୀଙ୍କୁ କଠୋର ଶାସ୍ତି ଦେବା, ମଦ-ମାଦକ ଦ୍ରବ୍ୟକୁ ସଂପୂର୍ଣ୍ଣ ନିଷେଧ କରିବା, ସ୍କୁଲ କଲେଜ ନିକଟରେ ମଦ ବିକ୍ରିକୁ ନିଷିଦ୍ଧ କରିବା, ମୋବାଇଲ, ଇଣ୍ଟରନେଟରେ ଅଶ୍ଳୀଳତା, ନଗ୍ନତାର ପ୍ରସାର ପ୍ରଚାର ବନ୍ଦ କରିବା, ଅଶ୍ଳୀଳତା-ନଗ୍ନତା, ଅପସଂସ୍କୃତି, ଅଶ୍ଳୀଳ ସିଡି, ସିନେମା ଓ ଦ୍ୱି-ଅର୍ଥବୋଧକ ସଂଗୀତର ପ୍ରସାର-ପ୍ରଚାର ବନ୍ଦ କରିବା, ଛାତ୍ରୀ ନିବାସ ଓ କର୍ମଜୀବୀ ମହିଳାମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା, ପାଚିକା ସହାୟିକା, ଆଶା ଅଙ୍ଗନବାଡି କର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା ଦାବିରେ କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଆମ ରାଜ୍ୟରେ ମଦ-ମାଦକ ଦ୍ରବ୍ୟର ବହୁଳ ପ୍ରସାର-ପ୍ରଚାର ହେବା ଫଳରେ ମହିଳାମାନଙ୍କର ଜୀବନ ଅତ୍ୟନ୍ତ ବିପଦପୂର୍ଣ୍ଣ ଦୁର୍ବିସହ ହୋଇପଡ଼ିଛି। ଏଥିସହିତ ମଣିଷ ତା'ର ମାନସିକ ସନ୍ତୁଳନ ହରାଇବାଦ୍ୱାରା, ବିକାରଗ୍ରସ୍ତ ହୋଇ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିବା ଦ୍ୱାରା ନଷ୍ଟ ବାତାବରଣ ତିଆରି ହେଉଛି ଓ ସମାଜର ଅଶେଷ କ୍ଷତିସାଧନ ହେଉଛି। ଆପଣ ଜାଣନ୍ତି ମଦ-ମାଦକ ଦ୍ରବ୍ୟର ବହୁଳ ପ୍ରସାର-ପ୍ରଚାର ଘଟିଲେ ସ୍ପଷ୍ଟ ଦିବାଲୋକରେ ମହିଳା ତଥା ଛାତ୍ରୀମାନଙ୍କ ଉପରେ ଆହୁରି ପାଶବିକ ନିର୍ଯ୍ୟାତନା ବଢ଼ିବ ଏବଂ ଆଜି ମଧ୍ୟ ସାଧାରଣରେ ଚଳପ୍ରଚଳ କରିବାକୁ ମହିଳାମାନେ ନିରାପଦ ମନେକରୁନାହାନ୍ତି। ଅନ୍ୟଦିଗରେ ଗଣମାଧ୍ୟମରେ ମଦ-ମାଦକ ଦ୍ରବ୍ୟ, ଅଶ୍ଳୀଳତା-ନଗ୍ନତାର ପ୍ରଚାର-ପ୍ରସାର ଯୋଗୁଁ ସମାଜରେ ନାରୀମାନଙ୍କର ନିରାପତ୍ତା ଓ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ସଂପୂର୍ଣ୍ଣ ଭାବରେ ମଦ ଲାଇସେନ୍ସ ପ୍ରଦାନ କରିବାକୁ ଆମେ ଦୃଢ଼ ବିରୋଧ କରିବା ସହିତ ସରକାର ଦାବି ଗୁଡ଼ିକର ବିଚାରକୁ ନେଇ ବିହିତ ପଦକ୍ଷେପ ନେବାକୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ କଟକ ଜିଲ୍ଲା ସଭାପତି ମାଳବିକା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ(ଏଆଇଏମ୍‌ଏସ୍‌ଏସ୍)ର ଓଡ଼ିଶା ରାଜ୍ୟ କମିଟି ସଂପାଦିକା ସରୋଜିନୀ ନାୟକ, ଜିଲ୍ଲା ସଂପାଦିକା ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଝରଣା ଦାସ, ସୁଜାତା ମହାପାତ୍ର, ମନସ୍ୱିନୀ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ଦାସ, ସଂନ୍ଧ୍ୟା ନାୟକ, ଶୁଭସ୍ମିତା ଦଳେଇ, ପ୍ରତିମା ସିଂ ଜୟନ୍ତୀ ସାହା, ସୁକାନ୍ତି ନାୟକ, ରୁନୁବାଳା ପଲାଇ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଜିଲ୍ଲା ଯୁବ ମହୋତ୍ସବର ଉଦ୍‌ଯାପିତ ସନ୍ଧ୍ୟା ପାଳନ



**ଯାଜପୁର ରୋଡ଼, ୧୩।୩(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଂଚଳ ସହରର ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ୍ ଆନୁକୁଲ୍ୟରେ ଯାଜପୁର ଜିଲ୍ଲା ଯୁବମହୋତ୍ସବର ଉଦଯାପନି ଉତ୍ସବର ଶେଷ ସନ୍ଧ୍ୟା ସ୍ଥାନୀୟ ଏନ୍ ସି ହାଇସ୍କୁଲ ପଡ଼ିଆରେ ସଭାପତି ଡ଼ଃ ଦୁଷ୍ମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କୋରେଇ ବିଧାୟିକ ଆକାଶ ଦାସ ନାୟକ ଯୋଗଦେଇ ଏହି ମହୋତ୍ସବର ଭୂୟସି ପ୍ରଶଂସା କରିଥିଲେ। ଏହି ମହୋତ୍ସବ ଭଲ କାମ କରିବାକୁ ଅଶେଷ ପ୍ରେରଣା ଓ ଉତ୍ସାହ ସୃଷ୍ଟି କରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କୋରେଇ କଲେଜ ଅଧ୍ୟାପକ ବିରଂଚିନାରାୟଣ ଦାସ ଯୋଗଦେଇ ଯୁବକମାନେ ଦେଶର କର୍ଣ୍ଣଧାର। ତେଣୁ ତାଙ୍କୁ ଗଢିବାର ନିଆରା ଉଦ୍ୟମ ନିଶ୍ଚିତ ଭାବରେ ପ୍ରଶଂସନୀୟ ବୋଲି କହିଥିଲେ, ସମାଜସେବୀ ନରେଶ ମସ୍କରା ସନମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏବଂ ବିଶିଷ୍ଟ ସମାଜସେବୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଜିଲ୍ଲା ଯୁବମହୋତ୍ସବର ମୁଖପାତ୍ର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡାଙ୍କ ଲିଖିତ ଶିଶୁ କବିତା ପୁସ୍ତକ ଆମେ ସବୁ ଟିକିପିଲା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅକ୍ଷୟ କୁମାର ଦେଓ ଓ ସାଥିମାନଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା। ଜନସମ୍ପର୍କ ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାଂସ୍କୃତିକ ବିଭାଗରେ ଯାଜପୁର ମୁନିସିପାଲିଟି ପ୍ରଥମ, ବିନ୍ଝରପୁର ବ୍ଲକ୍ ୨ୟ, ସୁକିନ୍ଦା ବ୍ଲକ ଓ ବ୍ୟାସନଗର ମୁନିସିପାଲିଟି ୩ୟ ସ୍ଥାନ ଅଧିକାର କରିଥିଲେ। ଫୁଟବଲ ଖେଳରେ ଧର୍ମଶାଳା ବ୍ଲକ ଚମ୍ପିୟାନ ହେଇଥିଲା ବେଳେ ସୁକିନ୍ଦା ବ୍ଲକର ଶିବ ସୁନ୍ଦର ଫୁଟବଲ କ୍ଲବ୍ ରନର୍ସ ଅପ୍ ହୋଇଥିଲା।

## ପ୍ରତାପରୁଦ୍ରପୁର ସେବା ସମବାୟ ସମିତିରେ ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ



**ବାଲିଅନ୍ତା,୧୩।୩(ସଂଚାର ବ୍ୟୁର):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ପରିସରରେ ଆଜି ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳିତ ହୋଇଯାଇଛି। "ସଶକ୍ତ ସମବାୟ ସୁଦୃଢ଼ ସମାଜ ସମୃଦ୍ଧ ଜୀବନ" ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସମବାୟ ସଂସ୍ଥାର ନିଜସ୍ୱ ପାଣ୍ଠି ଅର୍ଥ ବୃଦ୍ଧି ଓ ସୁଦୃଢ଼ୀକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମିତିକୁ ପେଟ୍ରୋଲ ଟାଙ୍କି ଠାରୁ ଆରମ୍ଭ କରି, ଗ୍ୟାସ ଏଜେନ୍ସି, ଜନ ଔଷଧୀ କେନ୍ଦ୍ର ଏବଂ ଅନ୍ୟାନ୍ୟ ସଂସ୍ଥା କରିବା ଲାଗି ସରକାରୀ ସହାୟତା ଓ ଋଣ ଯୋଗାଣ ମାଧ୍ୟମରେ ସମିତି ନିଜସ୍ୱ ପାଣ୍ଠି ଅର୍ଥ ବୃଦ୍ଧି କରାଯାଇପାରିବ ବୋଲି କୁହାଯାଇଥିଲା। ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ନେଇ ଗାଈ ଋଣ, ମତ୍ସ୍ୟ ଓ ଏଟିଏମ ଋଣ ବ୍ୟବସ୍ଥା ଉପରେ ଚାଷୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସମିତି ସଭାପତି ସୁଧିର ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ବରିଷ୍ଠ ଏଆରସିଏସ ପ୍ରିୟବ୍ରତ ପଣ୍ଡା, ବାଲିଅନ୍ତା କ୍ଷେତ୍ର ଅଧିକାରୀ ଅମୀୟ କୁମାର ଖୁଣ୍ଟିଆ, ଭୁବନେଶ୍ୱର ଉପ ନିବନ୍ଧକ ପ୍ରକାଶ ସେଠୀ ପ୍ରମୁଖ ସମ୍ମାନିତି ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମିତି ସମ୍ପାଦକ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ପ୍ରଦାନ କରିବା ସହ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ



**ଜଗତସିଂହପୁର,୧୩।୩(ସଂଚାର ବ୍ୟୁର):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭି ସି ହଲ ରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ ବୋଲି କହିଥିଲେ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ।

## ଲଘୁ ଖଣିଜଦ୍ରବ୍ୟ ଚୋରା କାରବାର ରୋକିବାକୁ ଚଢ଼ାଉ ଜାରି



**କଟକ,୧୩।୩(ସଂଚାର ବ୍ୟୁରୋ):** ଲଘୁ ଖଣିଜ ଦ୍ରବ୍ୟ, ବିଶେଷ କରି ବାଲି ଚୋରା କାରବାର ରୋକିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନର ବାରମ୍ବାର ଚଢାଉ ଜାରି ରହିଛି। ଏହି ପ୍ରକ୍ରିୟା ଅନ୍ତର୍ଗତ କଟକ ସଦର ଉପଖଣ୍ଡ ଅଧିନସ୍ଥ କିଶନନଗର, ବାରଙ୍ଗ, ନିଶ୍ଚିନ୍ତକୋଇଲି, ନିଆଳି ତଥା କଟକ ସଦର ତହସିଲ ଅଞ୍ଚଳରେ ଗତକାଲି ରାତିରେ ୫ଟି ଦଳ ବିଭିନ୍ନ ସ୍ଥାନରେ ଚୋରା ବାଲି ବେପାର ଉପରେ ଚଢାଉ କରିଥିଲେ। କିଶନନଗର ତହସିଲର ବାଙ୍କୋଳ, ଚମ୍ପା, ବାବୁଜଙ୍ଗ ଓ ଗୁଆଳି ଅଞ୍ଚଳରେ କିଶନନଗର ଅତିରିକ୍ତ ତହସିଲଦାର ଓ ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକଙ୍କ ସହ ଉତ୍ତରକୂଳ ଓ ସମିତାଙ୍ଗର ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଏକ ଦଳ ଚଢାଉ କରି ବାଙ୍କୋଳ ଠାରେ ଏକ ଚାଳକ ବିହୀନ ମାଟି ଖୋଳା ଯନ୍ତ୍ର ଏବଂ ବାବୁଜଙ୍ଗ ଠାରେ ମଧ୍ୟ ଏକ ଚାଳକ ବିହୀନ ମାଟିଖୋଳା ଯନ୍ତ୍ର ପାଇଥିଲେ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ଖଣି ଅଧିକାରୀଙ୍କୁ ଅବଗତ କରିଥିଲେ। ସେହିପରି ବାରଙ୍ଗ ତହସିଲର ନାରଣପୁର ଅଞ୍ଚଳରେ ବାରଙ୍ଗ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ, ଅମିନ ଏବଂ କନିଷ୍ଠ ଖଣି ଅଧିକାରୀଙ୍କୁ ନେଇ ଗଠିତ ଦଳ ୩ଟି ମାଟିଖୋଳା ଯନ୍ତ୍ର ଏବଂ ୩ଟି ହାଇୱା ଜବତ କରି ଜିଲ୍ଲା ଖଣି ଅଧିକାରୀଙ୍କୁ ବିହିତ ପଦକ୍ଷେପ ନିମନ୍ତେ ହସ୍ତାନ୍ତର କରିବା ସହିତ ପ୍ରାୟ ୧୮ଲକ୍ଷ ଟଙ୍କାର ଜୋରିମାନା ଆଦାୟର ନିର୍ଦ୍ଦେଶ ଦେଇଥିଲେ। ନିଶ୍ଚିନ୍ତକୋଇଲି ତହସିଲର ସହଦେବପୁର, ଦେମାଣ୍ଡ, କୁଳଗଙ୍ଗଶାଳ, ନେମାଳ ଓ ପାଳଦା ଅଞ୍ଚଳରେ ତହସିଲଦାର, ନେମାଳ ରାଜସ୍ୱ ପର୍ଯ୍ୟବେକ୍ଷକ ଏବଂ ସୁକରପଡା ରାଜସ୍ୱ ନିରୀକ୍ଷକ, ନେମାଳ ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକଙ୍କୁ ନେଇ ଗଠିତ ଦଳ ୪ଟି ସନ୍ଦିଗ୍ଧ ଯାନ ଯାଞ୍ଚ କରିଥିଲେ।

## ପିକ୍‌ଅପ୍ ଓ ୧୯ ଖଣ୍ଡ କାଠଗଣ୍ଡି ଜବତ




**ବେତନଟୀ,୧୩।୩ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାରୁ ପଡ଼ୋଶୀ ବାଲେଶ୍ୱର ଜିଲାକୁ ବିଭିନ୍ନ କିସମର କାଠଗଣ୍ଡି ବ୍ୟାପକ ଭାବେ ଚୋରାଚାଲାଣ ହେଉଥିବାର ଅନେକ ନଜିର ରହିଛି, ମଙ୍ଗଳବାର ଏକ କାଠ ବୋଝେଇ ପିକ୍ ଅପ୍ ନମ୍ବର ଡବ୍ଲ୍ୟୁ ବି.୩୩ ଏ - ୨୩୬୦କୁ ବୈଶିଙ୍ଗା ପୋଲିସ ଜବତ୍ କରିଅଛି । ମାତ୍ର ଚାଳକ କୌଶଳକ୍ରମେ ଖସିଯାଇଥିବାର ଜଣାଯାଇଛି। ପୁଲିସ ଉକ୍ତ କାଠ ବୋଝେଇ ପିକ୍ ଅପ୍ କୁ ଜବତ୍ କରି ଥାନାକୁ ଆଣିଥିଲା ।ବୈଶିଙ୍ଗା ଥାନାଧିକାରୀ ବାରୁଣୀ ଦାସ ଏ ସଂପର୍କରେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱାର ଖାଁଙ୍କୁ ଜଣାଇଥିଲେ।ବନବିଭାଗ ଏହି କାଠଗଣ୍ଡି ବୋଝେଇ ପିକଅପ୍ କୁ ଜବତ୍ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ପିକ୍‌ଅପରେ ୧୨ ଖଣ୍ଡ ନିମ୍ବଗଣ୍ଡି ଓ ୭ ଖଣ୍ଡ ଚୁଡ଼ରା ଗଣ୍ଡି ଥିବାର ଜଣାଯାଇଛି। ଯାହାରକି ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ ।

# ଗଢି ଉଠିଛି ମଦଭାଟି, ହଜି ଯାଉଛି ଭାଗବତ ଟୁଙ୍ଗୀ

**କଳାହାଣ୍ଡି,୧୩।୩(ସଂଚାର ବ୍ୟୁରୋ):** ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା। ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା। ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବଧ ଭାଗବତ। ଏହା ବ୍ୟତୀତ ଗ୍ରାମାଞ୍ଚଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥିବା ଭାଗବତ କୋଠିରେ ଜମା ହେଉଥିଲା। ମନୋରଞ୍ଜନ ହେଉ ବା ଆଧ୍ୟାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା। ଏହା ଉପରେ ଆଲୋଚନା ମଧ୍ୟ ହେଉଥିଲା। ଏହା ଦ୍ୱାରା ଗାଁରେ ଏକ ସକରାତ୍ମକ ଆଧ୍ୟାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା। ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ। ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଭାତୃଭାବ ସୃଷ୍ଟି ହେଉଥିଲା। ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା। ସେତେବେଳେ ଗାଁ ମାନଙ୍କରେ କାଁ ଭାଁ ମଦୁଆ ଦେଖା ଯାଉଥିଲା। ଭାଗବତ ପାଠ ସମୟରେ ମଦୁଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡୁ ନଥିଲେ। ସମୟ ବଦଳି ଯାଇଛି। ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖା ନାହିଁ। ଟୁଙ୍ଗୀ ଗୁଡିକ ଧିରେ ଧିରେ କ୍ଲବ, ପାଠାଗାର ସ୍ଥାନ ନେଇ ଯାଇଛି। ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି।ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି। ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି।ତା ପାଖକୁ ଲାଗି ରହିଛି ଏକ ବଡ କାଠ ଗଣ୍ଡି ପୋତା ହୋଇବାର, ଯାହାକୁ ଦେଖିଲେ ଜଣାଯାଏ ଯେ ଏଠାରେ କୁକୁଡା ମାଂସ, ଚାଖନା ପୁଟାର ଏକ ଆଡା। ଖୁଣ୍ଟକୁ ଦେଖିଲେ ମଦୁଆ ଅନୁମାନ କରି ନିଏ ଯେ ଏହାର ଆଖପାଖରେ ନିଶ୍ଚୟ ମଦ ମିଳିବ। ଗୋଟିଏ ଗାଁରେ ଏକାଧିକ ମଦଭାଟି ଦେଖିବାକୁ ମିଳୁଛି। ବିକ୍ରେତାମାନେ ଗାଁର କୁଜି ଟାଉଟର ମାନଙ୍କୁ ହାତକରି ଗାଁର ମନ୍ଦିର ନିର୍ମାଣ, ବିଦ୍ୟାଳୟ ପରିଚାଳନା ପାଇଁ ଗାଁକୁ କିଛି ଟଙ୍କା ଦେବାକୁ ପ୍ରବତାଇ ଥାନ୍ତି। ଏହା ସହିତ ସେମାନଙ୍କୁ ନିୟମିତ ମଦ ଓ ମାଂସ ଦେଇଥାନ୍ତି। ବଦଳରେ ଗାଁ ମୁଖିଆ ବୋଲାଉଥିବା ଟାଉଟର, ଗ୍ରାମଦ୍ରୋହୀମାନେ ମଦଭାଟି ଦେବାରେ ସହଯୋଗ କରିଥାନ୍ତି। ଏହାକୁ ସହଯୋଗ କରିଥାନ୍ତି ନିର୍ବାଚିତ ଜନପ୍ରତିନିଧି। ଗାଁରେ ଯଦି ମଦଭାଟି ହେବ ସେମାନେ ସେଠାରୁ ନିୟମିତ ଖାଇପିଇ ପାରିବେ। ତାଙ୍କର ବୋଲକରା ହେବେ। ଦରକାର ସମୟରେ ଅନିୟମିତତା, ଦୁର୍ନୀତି କାମରେ ତାଙ୍କର ବାହୁବଳୀ ହୋଇ ସହଯୋଗ କରିବେ। ଏମାନଙ୍କ ବ୍ୟତୀତ ଅବକାରୀ ବିଭାଗ, ପୁଲିସ ମଧ୍ୟ ମାସିକିଆ କୋଟା ଯୋଗୁଁ ଆମର କଣ ଯାଉଛି। ମାସିକିଆ ଆସିଲେ ହେଲା ନୀତିରେ ଗାଁ ମାନଙ୍କରେ ଏମିତି ଅନୈତିକ କାମ ଚାଲୁଛି। ଯାହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ସମୟ ବଦଳି ଯାଇଛି। ମଦୁଆମାନଙ୍କୁ ଦେଖିଲେ ଗାଁର ସଭା ସମିତି, ଆଧ୍ୟାତ୍ମିକ ବୈଠକ ବନ୍ଦ କରି ଭୟରେ ସେ ସ୍ଥାନ ଛାଡି ଲୋକେ ଚାଲି ଯାଉଛନ୍ତି। ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି।